# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 7/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 283 | ମୂଲ୍ୟ ₹୭/-






Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ DHARITRI
51 Years
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ | Bhubaneswar, Sunday, September 7/2025 | ପୃଷ୍ଠା-୧



**ସିନର ଫାଇନାଲରେ**

ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀର ଷ୍ଟାର ଟେନିସ ଖେଳାଳି ଜାନିକ ସିନର।

୧୨ ୦୯

**‘ଧମାଲ ୪’ ଶୁଟିଂ ଶେଷ**

‘ଧମାଲ’ ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ ‘ଧମାଲ ୪’ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସୂଚନା ଦେଇଛନ୍ତି।





ହାଇଦ୍ରାବାଦର ହୁସେନ୍ ସାଗରରେ ଶନିବାର ୬୯ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତିକୁ କ୍ରେନ୍ ସାହାଯ୍ୟରେ ଭସାଣି କରାଯାଉଛି। (ଫଟୋ: ପି.ଟି.)

# ମୋଦି ବନ୍ଧୁ, କାମ ନାପସନ୍ଦ: ଟ୍ରମ୍ପ୍

**ୱାଶିଂଟନ୍/ନୂଆଦିଲ୍ଲୀ,୬।୯ (ପି.ଟି./ଏଜେନ୍ସି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍‌ହାଉସ୍‌ରେ ଶୁକ୍ରବାର ଆୟୋଜିତ ଏକ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ସେ ସବୁବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବନ୍ଧୁ ହୋଇ ରହିବେ। ବାଣିଜ୍ୟ ପ୍ରସଙ୍ଗରେ ଅଚଳାବସ୍ଥା ସତ୍ତ୍ୱେ ଚିନ୍ତିତ ହେବାର କିଛି ନାହିଁ। କିନ୍ତୁ ବର୍ତ୍ତମାନ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମୋଦି ଯାହା କରୁଛନ୍ତି, ତାକୁ ସେ ନାପସନ୍ଦ କରନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଏନେଇ ଶନିବାର ମୋଦି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଭାବାବେଗ ଓ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ସମୀକ୍ଷାକୁ ସେ ସମ୍ମାନ କରନ୍ତି। ଭାରତ ଓ ଆମେରିକା ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ବୈଶ୍ୱିକ ରଣନୈତିକ ସହଭାଗିତା ପାଇଁ



ଡୋନାଲ୍ଡ ଟ୍ରମ୍ପ୍

ଆଗ୍ରହୀ ବୋଲି ମୋଦି ‘X’ରେ ଉଲ୍ଲେଖ କରିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇବା ପରଠୁ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ସୋସିଆଲ ମିଡିଆ ଓ କେତେକ ଗଣମାଧ୍ୟମ ଟ୍ରମ୍ପ୍‌ଙ୍କ ମନ୍ତବ୍ୟର ଭିନ୍ନ ତାତ୍ପର୍ଯ୍ୟ ବାହାର କରିବାରେ ଲାଗିଛନ୍ତି। ଟ୍ରମ୍ପ୍ ମୁଣ୍ଡ ନୁଆଁଇଲେ ଏବଂ ଗତ ଅଗଷ୍ଟ ୭ ଓ ୨୭ରେ ଦୁଇଟି ପର୍ଯ୍ୟାୟରେ ଲଗାଇଥିବା ଟାରିଫ୍ ତଥା ଜରିମାନାକୁ ହଟାଇଦେବେ ଆଦି କହୁଛନ୍ତି। ଲକ୍ଷ୍ୟ କରିବା କଥା ହେଉଛି, ଦୁଇଦେଶର ବିଗୁଡ଼ୁଥିବା ସମ୍ପର୍କରେ ସୁଧାର ଆଣିବା ପାଇଁ ଟ୍ରମ୍ପ୍ ଏପରି କହିଥିଲେ ମଧ୍ୟ ଆମଦାନୀ ଶୁଳ୍କ ହଟାଇବା ନେଇ କୌଣସି ସଙ୍କେତ ଦେଇନାହାନ୍ତି। ସେ ବର୍ତ୍ତମାନ ମଧ୍ୟ ଭାରତର ରୁଷୀୟ ତୈଳ କ୍ରୟକୁ ନେଇ ଅସନ୍ତୁଷ୍ଟ। ଇତିମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଭାରତ ରୁଷିଆଠାରୁ ଶସ୍ତାରେ ଇନ୍ଧନ ତୈଳ କିଣିବା ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ବାରମ୍ବାର ମତ ପରିବର୍ତ୍ତନ କରୁଥିବା ଟ୍ରମ୍ପ୍‌ଙ୍କ ସଦ୍ୟ ବିବୃତିକୁ ଭାରତ ପାଇଁ ଏକ ବିଜୟ ମନେକରାଯାଇ ନ ପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ଜାନୁଆରୀରୁ ଦେଶରେ ହୋଇପାରେ ଏସ୍‌ଆଇଆର୍

**ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୬ ଜାନୁଆରୀ ୧ରୁ ସାରା ଦେଶରେ ଏସ୍‌ଆଇଆର୍ ଆରମ୍ଭ କରିପାରନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆସନ୍ତା ୧୦ ତାରିଖରେ ନିର୍ବାଚନ କମିଶନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସମ୍ମିଳନୀର ଆୟୋଜନ କରିଛନ୍ତି।**

## ଆଲୋଚନା ପାଇଁ ୧୦ରେ ସିଇଓମାନଙ୍କ ବୈଠକ

**ନୂଆଦିଲ୍ଲୀ,୬।୯**

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଗତ ଜୁନ୍ ୨୪ରେ ଇସିଆଇ ନିଷ୍ପତ୍ତି ନେଇଥିଲେ। ତେବେ ଆଗକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସେଠାରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉପଯୁକ୍ତ ସମୟରେ ନିର୍ଦ୍ଦେଶନାମା ଜାରି ହେବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିଲା। ସେପ୍ଟେମ୍ବର ୧୦ରେ ହେବାକୁ ଥିବା ବୈଠକରେ ସମସ୍ତ ସିଇଓ ଉପସ୍ଥିତ ରହି ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ସଂଖ୍ୟା ଏବଂ ପୂର୍ବରୁ ହୋଇଥିବା ସଂଶୋଧନର ସବିଶେଷ ତଥ୍ୟ ରଖିବାକୁ କୁହାଯାଇଛି। ଦ୍ୱାରକାରେ ଥିବା କମିଶନଙ୍କ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ସିଇଓମାନଙ୍କୁ ଭେଟିବେ।

ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯେପରି ସେମାନେ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ହେଉଛି ଏସ୍‌ଆଇଆର୍‌ର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଯେପରି କୌଣସି ଅଯୋଗ୍ୟ ଭୋଟର ତାଲିକାରେ ସାମିଲ ନ ହୁଅନ୍ତି ସେଥିପାଇଁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ତାଲିକାରେ




ସାମିଲ କଲାବେଳେ ଏହି ପ୍ରକ୍ରିୟା ଯେପରି ସ୍ୱଚ୍ଛ ରହେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ। ବିହାରରେ ୨୦୦୩ରେ ଶେଷ ଥର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହୋଇଥିଲା। ଏସ୍‌ଆଇଆର୍ ବେଳେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଘରକୁ ଘର ଯାଇ ସର୍ଭେ କରିଥିଲେ। ତେବେ ବିହାରରେ ଆଗକୁ ନିର୍ବାଚନ ଥିବାରୁ ଭାଜପାକୁ ସହାୟତା କରିବା ପାଇଁ ବହୁ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଇସି ଷଡ଼ଯନ୍ତ୍ର କରୁଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଦୀର୍ଘଦିନ ଅଚଳ କରି ରଖିଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଏବଂ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ହୋଇ କେତେକ ନାମ ସଂଯୋଗ ହେବା ସହ ଅନ୍ୟ କେତେଜଣଙ୍କ ନାମ ବାଦ୍ ଦିଆଯାଇଥାଏ। ତେବେ ଏଥର ବିହାରରେ ସମ୍ପୂର୍ଣ୍ଣ ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ସେଥିପାଇଁ ନାଗରିକମାନଙ୍କୁ ନୂଆ ଏନୁମେରେଶନ ଫର୍ମ ପୂରଣ ସହ ଘୋଷଣାନାମା ଦେବାକୁ ହେବ। ଭୋଟର ଭାବେ ନିଜର ଯୋଗ୍ୟତା ପ୍ରମାଣ ପାଇଁ କମିଶନ ଜାରି କରିଥିବା ୧୧ଟି ଯୋଗ୍ୟ ଦସ୍ତାବିଜ୍ ଦାଖଲ କରିବାକୁ ହେବ। ଇସିଙ୍କ ଏହି ଏସ୍‌ଆଇଆର୍ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଇସିଙ୍କ ୧୧ ଦସ୍ତାବିଜ୍ ତାଲିକାର ଆଧାର, ରାଶନ କାର୍ଡ ନ ଥିବାରୁ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ଅଛି, ତାହା ସେପ୍ଟେମ୍ବର ୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ନିକଟରେ ନିର୍ବାଚନ କମିଶନ ସମୟସୀମାକୁ ବଢ଼ାଇଛନ୍ତି।

## ୨୭ରେ ସ୍ୱତନ୍ତ୍ର ଓଟିଇଟି, ୧୭ରୁ ମିଳିବ ଆଡ୍‌ମିଟ୍ କାର୍ଡ

**କଟକ,୬।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ୪ଟା ଯାଏ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଆସନ୍ତା ୧୭ ତାରିଖରୁ ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ଉପଲବ୍ଧ ହେବ। ମାତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକ ଅପରିବର୍ତ୍ତିତ ରହିଛି। ସ୍ଥଗିତ ଥିବା ଗତ ଜୁଲାଇ ୧୯ ତାରିଖ ଓଟିଇଟି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ତାଲିକା ଅନୁଯାୟୀ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

**ଏସିଆ କପ୍ ପୁରୁଷ ହକି: ଫାଇନାଲରେ ଭାରତ**
(ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**
**ଏବେ ଟାଇନା**

# ଗୁଜରାଟରେ ଛିଣ୍ଡିଲା ରୋପ୍‌ୱେ: ୬ ମୃତ



**ହାଲୋଲ,୬।୯(ପି.ଟି.)**


ଗୁଜରାଟର ପଞ୍ଚମହଲ ଜିଲା ଅନ୍ତର୍ଗତ ପଭଗଡ଼ ହିଲ୍‌ଠାରେ ଶନିବାର ଅପରାହ୍ନ ୩ଟାରେ ଏକ କାର୍ଗୋ ରୋପ୍‌ୱେର କେବୁଲ ତାର ଛିଡ଼ିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ପୋଲିସ ଏବଂ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି। ମହାକାଳିକା ମନ୍ଦିର ପାଇଁ ପଭଗଡ଼ ହିଲ୍ ପ୍ରସିଦ୍ଧ। ଉକ୍ତ ମନ୍ଦିରକୁ ଯିବା ପାଇଁ ଶ୍ରଦ୍ଧାଳୁମାନେ କେବୁଲ କାର୍‌ର ସହାୟତା ନେଇଥାନ୍ତି ନଚେତ୍ ୨,୦୦୦ ଫୁଟ୍ ପାହାଚ ଚଢ଼ିଥାନ୍ତି। ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ଉକ୍ତ ରୋପ୍‌ୱେରେ ୬ ଜଣ ଥିବାବେଳେ ଏହା ଛିଡ଼ିପଡ଼ିଥିଲା ବୋଲି ପଞ୍ଚମହଲ ଜିଲାପାଳ ଅଜୟ ଦହିୟା କହିଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଲିଫ୍ଟ ଅପରେଟର ହୋଇଥିବାବେଳେ ୨ ଶ୍ରମିକ ଓ ଅନ୍ୟ ୨ ଜଣ ଥିଲେ। ଖରାପ ପାଗ ଯୋଗୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ମୁଖ୍ୟ ରୋପ୍‌ୱେ ୨ ଦିନ ହେଲା ବନ୍ଦ ରହିଛି।




# ପଞ୍ଚାୟତ କର୍ମଚାରୀଙ୍କ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ

**ଭୁବନେଶ୍ୱର, ୬।୯(ସୁନିତ୍ ମିଶ୍ର)**

ରାଜ୍ୟ ସରକାର କିଛିଦିନ ହେଲା ବାୟୋମାଟ୍ରିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଛନ୍ତି। ଠିକ୍ ସମୟରେ ଆସୁ ନ ଥିବା କର୍ମଚାରୀମାନଙ୍କୁ କିପରି ସଜାଗ୍ କରିହେବ ସେଥିନେଇ ସବୁ ପ୍ରକାର ବ୍ୟବସ୍ଥା ସରକାର କରିବାରେ ଲାଗିଛନ୍ତି। ବାୟୋମେଟ୍ରିକ ଉପସ୍ଥାନକୁ ସରକାର ବାଧ୍ୟତାମୂଳକକ କରିଛନ୍ତି। ପଞ୍ଚାୟତ କର୍ମଚାରୀଙ୍କ ଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁହେବ। ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଏଭଳି ବ୍ୟବସ୍ଥା କରାଯାଇଛି। ଏନେଇ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାର ଜାରି କରିଛନ୍ତି। ଏପରିକି ଏଣିକି ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି,




ଜିଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେସିନ୍ ଲାଗିବ। ତୁରନ୍ତ ବାୟୋମେଟ୍ରିକ୍ ଉପସ୍ଥାନ ପ୍ରଣାଳୀ ସ୍ଥାପନ ସହ କାର୍ଯ୍ୟକ୍ଷମ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ ରହିଛି। ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ଅଫିସରେ ଯଥା ଶୀଘ୍ର ବାୟୋମେଟ୍ରିକ ଲଗାଇ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

**ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ସର୍ବାଧିକ ପ୍ରଭାବ**

**ନୂଆଦିଲ୍ଲୀ/ ଭୁବନେଶ୍ୱର, (ସୁଚିସ୍ମିତା ସାହୁ) ୬।୯**

୨୦୨୫ର ଦ୍ୱିତୀୟ ତଥା ଅନ୍ତିମ ଚନ୍ଦ୍ର ଗ୍ରହଣ ରବିବାର ହେବାକୁ ଯାଉଛି। ଏହି ଚନ୍ଦ୍ର ଗ୍ରହଣ ଭାରତରେ ଦୃଶ୍ୟମାନ ହେବ। ଏହା ଏକ ବିରଳ ମୁହୂର୍ତ୍ତ, ଯେଉଁଥିରେ ଚନ୍ଦ୍ର ପୃଥିବୀର ଛାଇ ଦେଇ ଗତି କରିବ। ଭାରତୀୟ ସମୟ ଅନୁଯାୟୀ, ରବିବାର ରାତି ୯.୫୮ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ୦୧.୨୬ରେ ଶେଷ ହେବ। ଚନ୍ଦ୍ରଗ୍ରହଣର ମୋଟ ଅବଧି ୩ ଘଣ୍ଟା ୨୮ ମିନିଟ୍ ରହିବ। ତେବେ ଚନ୍ଦ୍ରଗ୍ରହଣର ସର୍ବାଧିକ ପ୍ରଭାବ ରବିବାର ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ଏବଂ ଗ୍ରହଣର ପିକ୍ ଟାଇମ୍ ରାତି ୧୧.୪୨ ରହିବ। ଅର୍ଥାତ୍ ଏହି ସମୟରେ ହିଁ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଚଳିତ ଥର ଚନ୍ଦ୍ରଗ୍ରହଣ ଦେଖିବା



ପାଇଁ ଭାରତରେ ଲୋକମାନଙ୍କୁ କୌଣସି ସ୍ୱତନ୍ତ୍ର ଉପକରଣର ଆବଶ୍ୟକତା ପଡ଼ିବ ନାହିଁ। ଲୋକେ ଖାଲି ଆଖିରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଦେଖିପାରିବେ। ତେବେ ବାଇନାକୁଲାର କିମ୍ବା ଟେଲିସ୍କୋପର ବ୍ୟବହାରରେ ଏହି ଅଭିଜ୍ଞତା ଉତ୍କୃଷ୍ଟ ହେବ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଚନ୍ଦ୍ର ଗ୍ରହଣ ସମୟରେ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବା ପାଇଁ ଲୋକଙ୍କୁ ସତର୍କ କରାଯାଇଛି। ଚନ୍ଦ୍ର ଗ୍ରହଣର ୯ ଘଣ୍ଟା ଅର୍ଥାତ ମଧ୍ୟାହ୍ନ ୧୨.୫୭ ପୂର୍ବରୁ ପାକତ୍ୟାଗ କରିବାକୁ ପଡ଼ିବ। ମଧ୍ୟାହ୍ନ ୧୨.୫୭ଠାରୁ ଚନ୍ଦ୍ର ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ଖାଦ୍ୟ ରାନ୍ଧିବା କିମ୍ବା ଖାଇବା ଉପରେ ନିଷେଧ ରହିବ। ଏହି ସମୟରେ ମନ୍ଦିରର ଦ୍ୱାର ମଧ୍ୟ ବନ୍ଦ ରହିବ। ସେହିପରି ଗର୍ଭବତୀ ମହିଳାଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯିବା ସହ ବିଭିନ୍ନ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇରହିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ନିୟମ ଅନୁଯାୟୀ ରୋଗୀ, ବୃଦ୍ଧ ଏବଂ ଶିଶୁଙ୍କ ଉପରେ ଉକ୍ତ ନିୟମ ଲାଗୁ ହେବନାହିଁ ବୋଲି ବରିଷ୍ଠ ଜ୍ୟୋତିର୍ବିଦ୍‌ମାନେ କହିଛନ୍ତି।

ଏହି ଚନ୍ଦ୍ର ଗ୍ରହଣ ଭାରତ ବ୍ୟତୀତ ୟୁରୋପ, ଏସିଆ, ପୂର୍ବ ଅଷ୍ଟ୍ରେଲିଆ, ଆଫ୍ରିକା, ନ୍ୟୁଜିଲାଣ୍ଡର କିଛି ଅଞ୍ଚଳରେ ☞ପୃଷ୍ଠା-୨

## ଶ୍ରୀମନ୍ଦିରରେ ସଅଳ ହେବ ନୀତିକାନ୍ତି

**ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)**

ଆସନ୍ତାକାଲି ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ସଅଳ ନୀତିକାନ୍ତି ହେବ। ମଧ୍ୟାହ୍ନ ୧୨ଟା ୫୭ମିନିଟ ୨୨ ସେକେଣ୍ଡ ପରେ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିଛି। ଗ୍ରହଣ ସ୍ପର୍ଶ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ରହିଥିବା ବେଳେ ସର୍ବମୋକ୍ଷ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ରାତି ୨ଟାରେ ଦ୍ୱାରଫିଟା ନୀତି ରହିଛି। ରାତି ୨ଟା ୩୦ରେ ଭିତରଶୋଧ, ୨ଟା ୪୦ରେ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୩ଟା, ଅବକାଶ ଓ ରୋଷହୋମ ୩ଟା ୩୦ରେ କରାଯିବ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସରିବା ପରେ ଭୋର ୫ଟାରୁ ୬ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ୬ଟା ୧୫ରେ ମଇଲମ, ସାଢ଼େ ୭ଟାରେ ଭୋଗମଣ୍ଡପ ଶେଷ ହୋଇ ସକାଳ ୮ଟାରୁ ୯ଟା ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ସକାଳ ୯ଟା ୩୦ରେ ଦକ୍ଷିଣୀ ଘର ଭୋଗ, ସାଢେ ୮ଟାରୁ ୧୦ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ, ମଇଲମ, ୧୧ଟା ୧୫ରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବ। ରବିବାର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ରହିଛି। ତେଣୁ ପୂର୍ବାହ୍ନ ୧୧ଟା ୩୦ରେ ଦୋଳଗୋବିନ୍ଦ ଭିତରକୁ ବିଜେ କରିବେ। ୧୧ଟା ୪୫ରେ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ କରିବେ। ୧୨ଟାରେ ପାଲିଙ୍କି ଉଠିବ। ସାଢ଼େ ୧୨ଟା ସୁଦ୍ଧା ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ସାରି ବାହୁଡ଼ା ବିଜେ କରିବେ। ମଇଲମ ଓ ତଡ଼ପଲାଗି ହୋଇ ଭିତରକାଠ ଦର୍ଶନ ହେବ। ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟନୀତି ହେବା ନେଇ ଛତିଶା ନିଯୋଗ ବୈଠକରେ ସ୍ଥିର କରାଯାଇଛି।

**ଆଜିର ମନ୍ତବ୍ୟ**

"ଦେଶର ଜାତୀୟ ପ୍ରତୀକ ଅଶୋକ ସ୍ତମ୍ଭ ସରକାରୀ ଉତ୍ସବ ପାଇଁ ଉଦ୍ଦିଷ୍ଟ, ଧର୍ମୀୟ ଅନୁଷ୍ଠାନ ନିମନ୍ତେ ନୁହେଁ।
-ଓମାର ଅବଦୁଲ୍ଲା, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପରିଷଦ ମୁଖ୍ୟ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ୧୪ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଓଏଏସ୍ ଆସୋସିଏଶନ୍ ହଲ୍ , ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।
- ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ ଟା।
- ସତ୍‌ସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ସତ୍‌ସଙ୍ଗ, ସ୍ଥାନ: ରତାୟନୀ କକ୍ଷ, ସତ୍‌ସଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସରେ ସାଇକେଲ୍ ରାଲି, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୭ଟା ୩୦।

## କଟକ

- ପଞ୍ଚମ ଲାସ୍ୟ ପ୍ରତିଭା ପ୍ରତିଯୋଗିତା, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସକାଳ ୯ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ସତସଙ୍ଗ ବିହାର, ବକ୍ସିବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ନିମାପଡ଼ା-ବଳଙ୍ଗା ପୂର୍ତ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ, ସ୍ଥାନ: ନିମାପଡ଼ା ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଗୋପାଳପୁର, ବାହାନଗା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ସବ୍‌ଡିଭିଜନ ଗଠନ ଦାବିରେ କ୍ରିୟାନୁଷ୍ଠାନ କମିଟିର ପରିବର୍ଦ୍ଧିତ ବୈଠକ, ସ୍ଥାନ: ବରିଷ୍ଠ ନାଗରିକ ସଂଘ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ, ସ୍ଥାନ: ଫକୀରପୁର ସିଟି ସ୍କୁଲ, ଆନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ୭୮ ତମ ରାଜ୍ୟ ପୋଲିସ କବାଡି ଓ ୧୦ମ ରାଜ୍ୟ ପୋଲିସ ହ୍ୟାଣ୍ଡ ବଲ ପ୍ରତିଯୋଗିତା ୨୦୨୫-୨୬ ଉଦ୍‌ଘାଟନ, ସ୍ଥାନ: ହ୍ୟାଣ୍ଡବଲ ପଡ଼ିଆ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଜିଲା ବିଦ୍ୟାଳୟ ସମୂହ ଫୁଟ୍‌ବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ରଷ୍ଟା ବାଲେଶ୍ୱର ପକ୍ଷରୁ ନାଟକ 'ନଷ୍ଟ ନାଟକର ନାଟ୍ୟକାର', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- କସ୍ତୁରୀ କଳା ସମ୍ମାନ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପଣ୍ଡିମେଶ୍ୱର ମନ୍ଦିର, ଆଙ୍କୁଲି, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ଦ୍ୱିଭାଷୀ କବି ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ଫୁଲବାଣୀ, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ

- ଦି ଫୁଡ ଲଭର୍ସ ଗ୍ରୁପ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ, ସ୍ଥାନ:ଗୋଧନ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ଦଶମ ବାର୍ଷିକ ଉତ୍ସବ, ସ୍ଥାନ : ଯାଜପୁର ମଧୁପୁର ଗୁରୁ ଆଶ୍ରମ, ସମୟ: ସକାଳ ୭ଟା।
- ମହେଶ୍ୱର ମଲ୍ଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ବରୀ ବ୍ଲକ୍ ଅଧୀନ ସୁକଳ ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ବରୀ ସାହିତ୍ୟ ସଂସଦର ମୁଖପତ୍ର 'ବରିଶ୍ରୀ'ର ୩୨ତମ ସଂଖ୍ୟାର ଅନାବରଣ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ଗୋପବନ୍ଧୁ ରମାଦେବୀ ଆଶ୍ରମ, ସମୟ: ସକାଳ ୯ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଉଦ୍‌ଯାପନୀ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୮ଟା।
- ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଜନ୍ମ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ; ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଗୋଡ଼ିପଡ଼ା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ନବରାତ୍ରି ପାଇଁ ମା ମଙ୍ଗଳା ମନ୍ଦିର କମିଟି ବୈଠକ, ସ୍ଥାନ: ରାୟଗଡ଼ା ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ତାମ୍ବୁ ବାଟେଲ, ସ୍ଥାନ: ମୁନିଗୁଡ଼ା ପାଇକ ସାହି ଗଣେଶ ପୂଜା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଅବସର ପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଉମରକୋଟ ସିଂସାରୀ ଗ୍ରାମ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ନୂଆଁଖାଇ ଭେଟଘାଟ ଅବସରରେ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭଞ୍ଜ ମଣ୍ଡପ, ହାଲ ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷିଣ ଓଡ଼ିଶାରେ ଆଦିବାସୀ ସଂସ୍କୃତି ଉପରେ ଆଲୋଚନା, ସ୍ଥାନ: ଆଦିବାସୀ ସଂଗ୍ରହାଳୟ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡି କର୍ମୀଙ୍କ ଜରୁରୀକାଳୀନ ବୈଠକ, ସ୍ଥାନ: ସୁବାଇ ପଞ୍ଚାୟତ ବିଲାପୁଟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ମାରୱାଡି ଯୁବା ମଞ୍ଚ ପକ୍ଷରୁ ସାଇକ୍ଲୋଥୋନ, ସ୍ଥାନ : ସମଲେଶ୍ୱରୀ ମନ୍ଦିର ଛକ, ସମୟ : ସକାଳ ୬ଟା।
- କଲମ ଆୟୋଜନରେ ନୂଆଁଖାଇ ଭେଟ ଘାଟ -୨୦୨୫, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଆଣ୍ଡ କ୍ରଫ୍ଟ କାର୍ଯ୍ୟକ୍ରମ, ସ୍ଥାନ : ଜିଏମ୍‌ୟୁ ଗ୍ୟାଲେରୀ, ସମୟ : ଅପରାହ୍ନ ୩ଟା।
- ଜ୍ୟୋତି ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ସରସ୍ୱତୀ ଶିଶୁ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଷ୍ଟିଲ୍ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆର ସର୍ବଭାରତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାରେ ସାମାଜିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା,ସ୍ଥାନ: କଚାରୁ ହାଇସ୍କୁଲ,ସମୟ:ସକାଳ ୯ଟା ୩୦।

## କଳାହାଣ୍ଡି

- ଜୁନାଗଡ଼ ଯୋଗାଣ ସଂଘର ବୈଠକ, କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଜୁନାଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଗେହ୍ଲାମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଗୁରୁଶ୍ରୀ ଭିକାରୀ ସିଂ ମଣ୍ଡପ ଟାଉନହଲ ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ:ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ଅଧୀନ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଭାଗବତ ଜନ୍ମଦିନ ଅବସରରେ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ଛନ୍‌ଛାନ୍ ଡୁଙ୍ଗୁରି ସ୍ଥିତ ଯୋଗ ବିହାର, ସମୟ: ସକାଳ ୯ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସାଧାରଣ କଥାକୁ କେନ୍ଦ୍ର କରି ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ପରିସ୍ଥିତିବଶତଃ ଧାରକରଜ କରିବାକୁ ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିପାରନ୍ତି। ପରିଜନଙ୍କ ସହିତ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ବ୍ୟବସାୟିକ ସ୍ଥିତି ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ**
ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ପ୍ରତିହତ କରି ଲକ୍ଷ୍ୟ ହାସଲ କରିପାରିବେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର ଅସୁବିଧାକୁ ନିମନ୍ତ୍ରଣ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ଜମିଜମା ସମ୍ପର୍କୀୟ କୌଣସି ବିଷୟକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

**କର୍କଟ**
ସ୍ୱାସ୍ଥ୍ୟ ନିମ୍ନାଭିମୁଖୀ ହେବାର ଅନୁଭବ କରି ବିଚଳିତ ହେବେ। ସହକର୍ମୀଙ୍କ ସହିତ ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ପଡ଼ୋଶୀଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଲାଗି ରହୁଥିବା ହେତୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିବା ଯୋଜନା କରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହୋଇପାରନ୍ତି।

**କନ୍ୟା**
ସମସ୍ୟା ସମାଧାନ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶୀର୍ବାଦ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ ଆତ୍ମୀୟମାନେ ଶତ୍ରୁତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା**
କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ଅଥବା ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟଦା ବୃଦ୍ଧି ପାଇବ। ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ବିଛା**
ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଏହା ସାଙ୍ଗକୁ ପ୍ରତ୍ୟେକ କାମରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସେବା ଓ ସାହାଯ୍ୟ ମନୋବୃତ୍ତିଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ସବୁକିଛି ଜାଣିଲେ ମଧ୍ୟ ନୀରବ ରହିବାକୁ ପଡ଼ିବ।

**ଧନୁ**
ଅଟକି ରହିଥିବା କାମଗୁଡ଼ିକ ବନ୍ଧୁଙ୍କ ମାଧ୍ୟମରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମର ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ପରିବାରର ଆବଶ୍ୟକତା ଅନୁଯାୟୀ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ଅଗ୍ରଗତି ଘଟିବ।

**ମକର**
ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ପରିବାର ସହ ଦର୍ଶନୀୟ ସ୍ଥାନ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ। କର୍ମକ୍ଷେତ୍ରରେ ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ**
ନିଜର ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି କ୍ଷତି କରିପାରିବେ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ**
ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପ ଖୁଆଇନେବାରେ ଅସୁବିଧା ହେବ ନାହିଁ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇ ଯାଇପାରନ୍ତି। ବିଶେଷ ଭ୍ରମଣ କିମ୍ବା କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ସେପ୍ଟେମ୍ବର ୭ ତାରିଖ, ଭାଦ୍ରବ ମାସର ଭାଗବତ ପୂର୍ଣ୍ଣିମା ରବିବାର, ଭାଗବତ ଜନ୍ମ, ଇନ୍ଦ୍ରୋତ୍ସବ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ, ଖୁଦୁରୁକୁଣୀ ଓଷା ଶେଷପାଳି, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୬ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୬ ଗତେ ଘ.୦୧।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୦ ଗତେ ଘ.୦୫।୫୩ ମଧ୍ୟେ ରାହୁକାଳ। (ଅଦ୍ୟ ରାହୁଗ୍ରସ୍ତ ଚନ୍ଦ୍ରଗ୍ରହଣ: ପୁରୀକୁ ସ୍ପର୍ଶାରମ୍ଭ-ଘ.୦୯।୫୭।୦୨, ସର୍ବମୋକ୍ଷ ଘ.୦୧।୨୬।୧୭, ଦିବା ଘ.୧୨।୫୭।୨୨ଠାରୁ ପାକତ୍ୟାଗ ଓ ଦେବନୀତି ନିଷେଧ, ଗ୍ରହଣ ଦର୍ଶନେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିପାଇଁ ଶୁଭଫଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଘର ମାଉସୀ ବିଲେଇ**
**ନିଆଁ ମାଗିଗଲା କେଉଟ ସାହି**
**ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ।**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ। ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା। ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି**
**ବନ୍ଧେଇଲା ପାଣି ରହୁ ଏଣିକି।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହିଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଟୋକୁ ଧକ୍କା ଦେଇ ଚଢ଼ିଗଲା କାର୍, ୩ ମୃତ

**ଅନୁଗୋଳ, ୬।୯ (ମାନସ ବିଶ୍ୱାଳ)**

ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା କାରନ୍ଦା ଅଞ୍ଚଳରୁ ଅଟୋରେ ଆସିଥିଲେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ। ଡାକ୍ତର ଦେଖାଇବା ପରେ ତୁରଙ୍ଗସ୍ଥିତ ସମୁଦି ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏହାପରେ ଅଟୋରେ ଅସୁସ୍ଥ ସ୍ୱାମୀ, ସ୍ତ୍ରୀ ଓ ପୁଅ-ବୋହୂ କାରନ୍ଦା ଫେରୁଥିବା ବେଳେ ଅନୁଗୋଳ ସଦର ଥାନା ଖଣ୍ଡହତା ବ୍ରିଜ୍ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ଟାରେ ଘଟିଗଲା ଦୁର୍ଘଟଣା। ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ଧକ୍କା ଦେବା ସହ ଅଟୋ ଉପରେ ଚଢ଼ିଯାଇ ବିଲଭିତରକୁ ଠେଲି ନେଇଥିଲା। ଫଳରେ ଅଟୋରେ ଥିବା ମୋଟ ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ଅସୁସ୍ଥ ବଂଶୀଧର ସେଠୀ, ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି (୩୦)। ଅଟୋରେ ଥିବା ବଂଶୀଧରଙ୍କ ପୁଅ ସାଇ ସେଠୀ, ବୋହୂ ସୁନିତା ସେଠୀଙ୍କ ସମେତ କାର୍ ମାଲିକ ବିଶ୍ୱଜିତ ସାହୁ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଗ୍ରାମର ବଂଶୀଧରଙ୍କ ଦେହ ଖରାପ ଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ସ୍ଥିର କରିଥିଲେ। ଏହାପରେ ମଣ୍ଟୁଙ୍କ ଅଟୋରେ ବଂଶୀଧର, ସ୍ତ୍ରୀ କମଳା, ପୁଅ ସାଇ ଓ ବୋହୂ ସୁନିତା ଅନୁଗୋଳ ଆସିଥିଲେ। ଚିକିତ୍ସା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ପରେ କିଛି ସମୟ ବିଶ୍ରାମ କରି ସମସ୍ତେ କାରନ୍ଦା ଅଭିମୁଖେ ବାହାରିଥିଲେ। ହେଲେ ସେମାନେ ଅନୁଗୋଳ ସଦର ଥାନା ଖଣ୍ଡହତା ବ୍ରିଜ୍ ନିକଟରେ ହୋଇଥିବା ବେଳେ ନରସିଂହପୁରରୁ ଆସୁଥିବା କାର୍ ସମ୍ମୁଖରୁ ଅଟୋକୁ ଧକ୍କା ଦେଇଥିଲା। କାର୍‌ର ବେଗ ଏତେ ଅଧିକ ଥିଲା ଯେ ଅଟୋକୁ ଧକ୍କା ଦେଇ ବିଲ ଭିତରକୁ ଠେଲିନେଇ ଚଢ଼ିଯାଇଥିଲା। ଫଳରେ ବିଲ ଭିତରେ ଅଟୋଟି କାଦୁଅରେ ଚପିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବିଭାଗ ଓ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଅଟୋ ଭିତରୁ ବହୁ କଷ୍ଟରେ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଅଟୋ ଚାଳକ ମଣ୍ଟୁଙ୍କ ସମେତ ବଂଶୀଧର ଓ କମଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ସାଇ ଓ ସୁନିତାଙ୍କ ସହ କାର୍ ଭିତରେ ଥିବା ମାଲିକ ବିଶ୍ୱଜିତଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଦୁର୍ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସଦର ଥାନା ପୋଲିସ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।



ଅଟୋକୁ ଧକ୍କା ଦେବା ପରେ ବିଲ ଭିତରକୁ ଠେଲିନେଇ କାର୍‌ଟି ଉପରେ ଚଢ଼ିଯାଇଛି।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଅନୁଗୋଳ,୬।୯ (ଜ୍ୟୋତିରଞ୍ଜନ ସାହୁ)**

ପାରିବାରିକ କଳହରୁ ଜଣେ ମହିଳା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମାଣପୁର ଗ୍ରାମରେ ଶୁକ୍ରବାର ରାତିରେ ଘଟିଛି ଏହି ଘଟଣା। ଗୁରୁତର ମହିଳା ହେଲେ ବାବୁଲା ଗୋଚ୍ଛାୟତଙ୍କ ସ୍ତ୍ରୀ ସାବିତ୍ରୀ ଗୋଚ୍ଛାୟତ। ଗୁରୁତର ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମାଣପୁର ଗ୍ରାମର ବାବୁଲା ଓ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ କୌଣସି କାରଣରୁ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାବିତ୍ରୀ ଘରେ ବୋତଲରେ ଥିବା ପେଟ୍ରୋଲ ଆଣି ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସାବିତ୍ରୀଙ୍କ ଦେହର ୭୦ ପ୍ରତିଶତ ପୋଡ଼ିଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବରପାଇ କଣ୍ଟାବଣିଆ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ପାରିବାରିକ କଳହରୁ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ।

# କାନ୍ଥ ପଡ଼ି ନାବାଳକଙ୍କ ମୃତ୍ୟୁ, ମା'ଭାଇ ଗୁରୁତର

**ଆନନ୍ଦପୁର,୬।୯(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାଧିକାଦେଇପୁର ପଞ୍ଚାୟତ କୋଲ୍ହବେଡ଼ା ଗାଁରେ କାନ୍ଥ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ପରିବାରର ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଁର ରାଜା ଜେନା(୧୧)ଓ ଗୁରୁତର ଦ୍ୱୟ ହେଲେ ରାଜାଙ୍କ ମା' ଅଞ୍ଜନା ଜେନା(୩୦) ଓ ତାଙ୍କ ସାନଭାଇ ଆଦିତ୍ୟ ଜେନା (୬)। ପ୍ରକାଶ ଯେ, ଶୁକ୍ରବାର ରାତିରେ ଅଞ୍ଜନା ୨ ପିଲାଙ୍କ ସହ ଖାଇପିଇ ଘରେ ଶୋଇଥିଲେ। ମଧ୍ୟରାତିରେ ମାଟିକାନ୍ଥ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ରାଜାଙ୍କ ମୃତ୍ୟୁ ହୋଇଥିଲା। ଆଦିତ୍ୟ ଓ ଅଞ୍ଜନା ଗୁରୁତର ହୋଇଥିଲେ। ଦୁହିଁଙ୍କୁ ପରିବାର ଲୋକେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଲଗାଣ ବର୍ଷା ଯୋଗୁ ଘରର କାନ୍ଥ ଓଦା ହୋଇପଡିଯାଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ଘସିପୁରା ଥାନାରେ ଏକ ମାମଲା(ନଂ. ୪୯/୨୫) ରୁଜୁ ହୋଇଛି।

# ଆଜି ପୂର୍ଣ୍ଣ ...

ପ୍ରଥମ ପୃଷ୍ଠାରୁ...

ମଧ୍ୟ ଦୃଶ୍ୟମାନ ହେବ। ତେବେ ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବନାହିଁ। ଜ୍ୟୋତିର୍ବିଦ୍‌ଙ୍କ ଅନୁଯାୟୀ, ଚନ୍ଦ୍ରଗ୍ରହଣ ଯୋଗୁ ପଶ୍ଚିମ ଦେଶ ଏବଂ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକରେ ସମସ୍ୟା ବଢ଼ିପାରେ। ଏହାର ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟ, ବିମାନ ଦୁର୍ଘଟଣା, ଅଗ୍ନିକାଣ୍ଡ ଆଦି ବିପର୍ଯ୍ୟୟ ଆସିପାରେ। ଧାର୍ମିକ ଏବଂ ବ୍ୟବସାୟ କ୍ଷେତ୍ରରେ କ୍ଷତି ସହିବାକୁ ପଡ଼ିବାରେ। ଜ୍ୟୋତିର୍ବିଦମାନଙ୍କ ଆକଳନ ଅନୁଯାୟୀ, ଚନ୍ଦ୍ରଗ୍ରହଣ ପ୍ରଭାବରେ ଭାରତର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ବଢ଼ିବାରେ। ଭାରତ-ପାକ୍ ସୀମାରେ ଉତ୍ତେଜନା ବୃଦ୍ଧି ପାଇବା ନେଇ ମଧ୍ୟ ଆଶଙ୍କା ରହିଥିବା ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି। ରବିବାର ପରେ ୨୦୨୬ ମାର୍ଚ୍ଚରେ ପରବର୍ତ୍ତୀ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ।





# ରାସ୍ତା ମରାମତି ନେଇ ଆସିବ ସ୍ୱତନ୍ତ୍ର ନୀତି

## ସେପ୍ଟେମ୍ବର ୨୦ ସୁଦ୍ଧା ମରାମତି, ଅକ୍ଟୋବର ୨ରୁ ନବୀକରଣ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ବନ୍ଦନା ସେଠୀ)

ଦୁର୍ଗାପୂଜା ଓ ପାର୍ବଣ ଋତୁରେ ରାସ୍ତାଘାଟ ଓ ଗମନାଗମନ କ୍ଷେତ୍ରରେ ଦ୍ୱୈତନଗରୀ ସମେତ ସବୁ ଅଞ୍ଚଳରେ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ହରିଚନ୍ଦନ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସମେତ ବିଭିନ୍ନ ପ୍ରମୁଖ ସହର ତଥା ସମସ୍ତ ଜିଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ। ସେପ୍ଟେମ୍ବର ୨୦ ସୁଦ୍ଧା ରାଜ୍ୟର ସବୁ ପ୍ରମୁଖ ରାସ୍ତାକୁ ଖାଲଖମାମୁକ୍ତ କରାଯିବ। ପରବର୍ତ୍ତୀ ଅକ୍ଟୋବର ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ ହେବ। ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବେ। ରାସ୍ତା ମରାମତି ଓ ସ୍ଥାୟିତ୍ୱ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବ। ରାସ୍ତାକୁ ନଷ୍ଟ କରୁଥିବା ବ୍ୟବହାରକାରୀ ସଂସ୍ଥା ଓ ବିଭାଗ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବର୍ଷାଋତୁ ଆସିଲେ ରାସ୍ତାରେ ଖାଲଖମା ହେବା ଏବଂ ରାସ୍ତା ଖରାପ ହେବା ଏକ ସାଧାରଣ ପ୍ରକ୍ରିୟା। ମାତ୍ର ଏହାକୁ ତୁରନ୍ତ ମରାମତି କରି ଜନସାଧାରଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ସରକାରଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ।




# ଓଡ଼ିଶାର କଂସା ଶିଳ୍ପ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଛି: ଉପମୁଖ୍ୟମନ୍ତ୍ରୀ




ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ'କୁ ଶନିବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଗବେଷଣା ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ' ଉନ୍ମୋଚିତ

### କଂସା ଶିଳ୍ପର ସଂରକ୍ଷଣ, ପ୍ରସାର ଉଦ୍ୟମକୁ ପ୍ରଶଂସା

ଭୁବନେଶ୍ୱର,୬।୯(ସୌମ୍ୟରଞ୍ଜନ ରାଉତ)

ଏମ୍‌ଜିଏମ୍ ଫାଉଣ୍ଡେଶନ ଓ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ୍ ଡିଜାଇନ ଷ୍ଟୁଡିଓ ପକ୍ଷରୁ ଓଡ଼ିଶାର କଂସା ଶିଳ୍ପ ଐତିହ୍ୟ ଉପରେ ରଚିତ ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ'ର ଲୋକାର୍ପଣ ଉତ୍ସବ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଏମ୍‌ଜିଏମ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଏହାକୁ ଉନ୍ମୋଚନ କରିବା ସହ ୩୦ଜଣ କାରିଗରଙ୍କୁ ସମ୍ମାନିତ କରିଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ସତପଥୀ କଂସାଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରି କହିଲେ, ଗାଁଗଣ୍ଡାରେ ଅନେକ ପ୍ରତିଭାବାନ୍ କଳାକାର ଏବେ ମଧ୍ୟ ରହିଛନ୍ତି। ଏହି ପ୍ରତିଭାବାନ୍‌ମାନଙ୍କୁ ପ୍ରୋତ୍ସାହନ ମିଳିଲେ ନିଶ୍ଚିତ ଭାବେ କଳା ବଞ୍ଚିବ ବୋଲି ସେ ମତ ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, ଓଡ଼ିଶାର କଂସା ଶିଳ୍ପ ଆମ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ପରମ୍ପରାଗତ କଂସାବାସନ ଗଢୁଥିବା କାରିଗରମାନେ ଏହି କାର୍ଯ୍ୟକୁ ବନ୍ଦ କରନ୍ତୁ ନାହିଁ। ଏହାର ଆବଶ୍ୟକତା ବର୍ତ୍ତମାନ ସମୟରେ ଅଛି ବୋଲି କହିବା ସହ ଏହି କଳାକୁ ବଞ୍ଚାଇ ରଖିଥିବାରୁ ସେ କଳାକାରମାନଙ୍କୁ ଧନ୍ୟବାଦ ଦେଇଥିଲେ।

ଇଂଲିଶ ଏବଂ ଓଡ଼ିଆ ଭାଷାରେ ଉପଲବ୍ଧ ଏହି ପୁସ୍ତକ ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ) ଫେଲୋଶିପ କାର୍ଯ୍ୟକ୍ରମ ୨୦୨୪ -୨୫ ଦ୍ୱାରା ପରିଚାଳିତ ଗଭୀର ଗବେଷଣାକୁ ପ୍ରତିପାଦିତ କରିଛି। ଏହା ଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରୁଛି। ଗବେଷଣା ଫେଲୋ ବିଲାସ ସର୍ଦ୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ ସେନଗୁପ୍ତାଙ୍କ ବିଶେଷଜ୍ଞ କ୍ୟୁରେଶନ ଅଧୀନରେ ଏହା କରାଯାଇଛି। ସେମାନଙ୍କର ସମ୍ପୂର୍ଣ୍ଣ ଗବେଷଣା ଓଡ଼ିଶାର କଂସା ଶିଳ୍ପ ପରମ୍ପରାର ସବୁଠାରୁ ବ୍ୟାପକ ସମସାମୟିକ ଦସ୍ତାବିଜ୍‌କରଣ କରିଛି। ଗବେଷକ ଓ ଫେଲୋମାନଙ୍କ ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ୫ ମାସର ବ୍ୟାପକ କ୍ଷେତ୍ର କାର୍ଯ୍ୟ ଉପରେ ପୁସ୍ତକ ପ୍ରସ୍ତୁତ ହୋଇଛି। ଏହି ପୁସ୍ତକ କେବଳ କଂସା ତିଆରିର ଜଟିଳ ବୈଷୟିକ ପ୍ରକ୍ରିୟାକୁ ନୁହେଁ, ବରଂ ଶିଳ୍ପର ବ୍ୟାପକ ସାମାଜିକ-ସାଂସ୍କୃତିକ ପ୍ରସଙ୍ଗକୁ ମଧ୍ୟ ଆଲୋକପାତ କରୁଛି। ଏହା ଗବେଷକ, ନୀତି ନିର୍ମାତା, କାରିଗର ଓ ସାଂସ୍କୃତିକ ଉତ୍ସାହୀମାନଙ୍କ ପାଇଁ ଏକ ମୂଲ୍ୟବାନ୍ ସମ୍ପଦ ଭାବରେ ସେବା କରିବ ବୋଲି ଆଶା କରାଯାଉଛି। ଏଥିରେ ପାରମ୍ପରିକ କୌଶଳ, ଦେଶଜ ଶବ୍ଦକୋଷ, ସାଂସ୍କୃତିକ ମହତ୍ତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଅନୁଗୋଳ, ବରଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ସମେତ ବିଭିନ୍ନ ଜିଲାର କାରିଗର ସମ୍ପ୍ରଦାୟଗୁଡ଼ିକର ସମସାମୟିକ ଆହ୍ୱାନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସ୍ୱୀକୃତି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ କାରିଗରମାନେ ପାଳନ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି।

IndianSteel ASSOCIATION
Steel Shaping the Future

DEPARTMENT FOR PROMOTION OF INDUSTRY AND INTERNAL TRADE
MINISTRY OF COMMERCE & INDUSTRY
GOVERNMENT OF INDIA

Indian Steel,
Powering MSME Growth.

The **Steel Industry** plays a strategic role in India's growth. MSME are pivotal to India's Manufacturing and Engineering Export.

As the World's **Second-Largest Steel Producer**, India's Steel Sector has continuously supported MSME to rise to global standards.

The Indian Steel Association (ISA), representing the nation's leading steelmakers, is committed to empowering MSME with direct access to quality steel tailored to their specific needs.

To support this initiative, six member companies have offered to supply steel to MSMEs at Member Company-Specific Export Parity Prices in addition to supply of steel at domestic prices.

To avail these offerings, visit the respective member company websites/ nearest sales offices and access the portals directly.

These platforms offer:

- Timely Supplies
- Assured Quality that meets global standards
- Wide Product Range
- Trusted Partnership



**Whether you're building for India or exporting to the world, your success starts with the right steel.**

**To register, log on to the websites:**

www.amns.in/msmeconnect
https://shop.jindalpanther.com/msme-registration.html
www.jswsteelformsme.in
www.sail-steel.com/cust_enq/MsmeObsLogin.jsp
https://digeca.tatasteel.com/about-digeca
https://esuvidha.vizagsteel.com/rinlesuvidha/index.jsp

Source Smarter. Build Better With Indian Steel.

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। -ଶ୍ରୀମା

ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା,
ଭାଗବତ ଜନ୍ମ,
ଚନ୍ଦ୍ରପୂଜା ଓ ଚନ୍ଦ୍ର ଗ୍ରହଣ



# ଏବେ ଚାଇନା



ଆକାର ପଟେଲ

ଧର୍ମନିରପେକ୍ଷ ଭାବେ ବହୁଧର୍ମ ଓ ସମ୍ପ୍ରଦାୟର ବିବିଧତା ମଧ୍ୟରେ ସହାବସ୍ଥାନର ଦେଶ ଭାବେ ଭାରତକୁ କେହି ସ୍ୱୀକାର କରିପାରନ୍ତି, କିନ୍ତୁ ଏବକାର ସରକାରଙ୍କ ନେଇ ମୋର ସମସ୍ୟା ରହିଛି। ଏହି ପ୍ରସଙ୍ଗରେ ବିଗତ କିଛି ବର୍ଷ ହେଲା ଅନେକ ଲେଖାରେ ଏହା ଦେଖିବାକୁ ମିଳିଛି। ବିଚାରଧାରା ଓ ନୀତିଗୁଡ଼ିକରେ ଥିବା ଭିନ୍ନତାକୁ ଆଧାରକରି ଏହିସବୁ ଲେଖା ପ୍ରକାଶ ପାଇଛି। ଅନେକଙ୍କ ଭଳି ମୁଁ ମଧ୍ୟ ଭାବୁଛି, ହିନ୍ଦୁତ୍ୱ ହେଉଛି ସମସ୍ୟାବହୁଳ ଏବଂ ଦେଶ ଉପରେ ଅବାଞ୍ଛିତ ଭାବେ ଏହାକୁ ଲଦିଦିଆଯାଇଛି। ଏହା ମଧ୍ୟରେ ଘୃଣା ଓ ଅସହମତି ବିଷୟଗୁଡ଼ିକର ଏକ ଲମ୍ବା ତାଲିକା ରହିଛି। ଏସବୁ ବିଷୟ ଭିତରୁ ଅତିକମ୍‌ରେ ମୋ ପସନ୍ଦର ଦୁଇଟି ବିଷୟକୁ ଯଦି ବାଛିବାକୁ କୁହାଯାଏ, ତେବେ ପ୍ରଥମେ ମୁଁ କହିବି, ଏହି ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣର ସ୍ୱର ଦୃଢ଼ କରିଛନ୍ତି। ଦ୍ୱିତୀୟ ବିଷୟ ହେଉଛି ଏହି କାରଣରୁ ସେ ଅନେକ ସମର୍ପିତ ଅନୁଗାମୀ ବା ସମର୍ଥକଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି। ଏହା ଏକ ଗୁରୁତ୍ୱହୀନ ବୁଝାମଣା ଭଳି ମନେହେଲେ ମଧ୍ୟ ଏଥିରେ ଥିବା କିଛି ରହସ୍ୟକୁ ବାହାରକରିବା ସହଜ ନୁହେଁ। ୧୨ ବର୍ଷର ସବୁ ଘଟଣାକୁ ଯଦି ଜଣେ ଆକଳନ କରିବ, ତେବେ ଏସବୁର ସମ୍ପୂର୍ଣ୍ଣ ପ୍ରଭାବରୁ ବର୍ତ୍ତିବା କଷ୍ଟର ହୋଇଯିବ। ସେ କ'ଣ କରୁଛନ୍ତି ସେଥିରେ ସମସ୍ୟା ନାହିଁ। କିନ୍ତୁ ଯେତେବେଳେ ଯାଏ ବାଛବିଚାର ଆଇନ, ବାଦ୍ ଦିଆଯିବାର ନୀତି ଏବଂ ଘୃଣା ଭାଷଣ ମାଧ୍ୟମରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଥିବ ସେତେବେଳେ ପର୍ଯ୍ୟନ୍ତ ତାଙ୍କୁ ସମର୍ଥନ କରୁଥିବା ଲୋକେ ଅସନ୍ତୁଷ୍ଟ ହେବେ ନାହିଁ। ଯାହାକୁ ମୁଁ ବାସ୍ତବ ମନେକରେ ଆଜି ସେହି ବିଷୟରେ ଲେଖିବା ପାଇଁ ଚେଷ୍ଟା କରିଥିଲି, କାରଣ ଏହା ଆମ ଚାରିପାଖରେ ଦୃଶ୍ୟମାନ ହେଉଛି। ଅନୁଧ୍ୟାନ କରିବା ପାଇଁ ଗତ କିଛି ସପ୍ତାହରେ ଘଟିଥିବା ଘଟଣାଗୁଡ଼ିକର ତଥ୍ୟ ଯୋଗାଇଦିଏ। ସାମଗ୍ରୀ ଓ ସେବା ଟିକସ ବିଷୟକୁ ଦେଖାଯାଉ। ପ୍ରାୟ ୧ ଦଶନ୍ଧି ପୂର୍ବେ ଏହା ଯେତେବେଳେ ପାରିତ ହୋଇଥିଲା, ସେତେବେଳେ ଆମକୁ କୁହାଯାଇଥିଲା ଯେ, ଏହା ହେଉଛି ପର ପିଢ଼ିର ଏକ ସୁଧାର, ଯାହା ଭାରତର ଅର୍ଥ ବ୍ୟବସ୍ଥାର ଶକ୍ତି ବୃଦ୍ଧି କରିବା ପାଇଁ ଇଞ୍ଜିନ ଭଳି କାମ କରିବ। ହେଲେ ଏହା କିଭଳି ଘଟିବ ସେ ସମ୍ପର୍କରେ ସରକାରଙ୍କ ବିଶେଷଜ୍ଞମାନେ କିଛି କହି ନ ଥିଲେ, ବରଂ ସେମାନେ ଚିଡ଼ିରେ କହିଥିଲେ, ଏହା ଜିଡିପି ଅଭିବୃଦ୍ଧିରେ ୨% ଯୋଗକରିବ। କିନ୍ତୁ ଏହା ହୋଇପାରିନାହିଁ। ଏହା ବିଜ୍‌ନେସ୍ ପାଇଁ ଅତ୍ୟନ୍ତ ଜଟିଳ ଏବଂ ଗରିବଙ୍କ ଉପରେ ବଡ଼ ବୋଝ ବୋଲି ସେତେବେଳେ ବିରୋଧୀ ଅଭିଯୋଗ ଆଣିଥିଲେ, କାରଣ ଏହି ଅପ୍ରତ୍ୟକ୍ଷ କର ସେମାନଙ୍କୁ ଭୀଷଣ କ୍ଷତିଗ୍ରସ୍ତ କରିବ। ଏହା ରାଜ୍ୟଗୁଡ଼ିକ ପାଇଁ ଅନ୍ୟାୟ, କାରଣ ସେମାନେ ରାଜସ୍ୱକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଏହିସବୁ ଅଭିଯୋଗ ସତ୍ୟ ଓ ନ୍ୟାୟସଙ୍ଗତ ଥିଲା। ଚଳିତ ସପ୍ତାହରେ ଟିକସ ହାରରେ ପରିବର୍ତ୍ତନ କରାଯାଇ ଆମକୁ ପୁନର୍ବାର କୁହାଯାଇଛି, ପ୍ରଥମ ଜିଏସ୍‌ଟି ତ୍ରୁଟିପୂର୍ଣ୍ଣ ଥିବାରୁ ଏହି ପରିବର୍ତ୍ତନ କରାଯାଇଛି। ସମର୍ପିତ ସମର୍ଥକ ଗୋଷ୍ଠୀରେ ନ ଥିବା କେହି ଜଣେ ପ୍ରଶ୍ନ ପଚାରିବେ- କାହିଁକି ଏହା ଉପଲବ୍ଧି କରିବାକୁ ଏତେ ବର୍ଷ ଲାଗିଲା? ୨୦୧୭ର ଜିଏସ୍‌ଟି ସମର୍ଥକଙ୍କ ପାଇଁ ବଡ଼ ବିଷୟ ଥିଲା ଏବଂ ଏବେ ୨୦୨୫ର ପରିବର୍ତ୍ତିତ ଜିଏସ୍‌ଟି ମଧ୍ୟ ଭୟାନକ ହେବ।

ସକାଳ ଖବରକାଗଜର ଶୀର୍ଷକରେ ପ୍ରକାଶ ପାଇଥିଲା-ଟ୍ରମ୍ପ ଭାରତ ପ୍ରତି ଥିବା ତାଙ୍କ ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଓ ମୋଦିଙ୍କୁ ଜଣେ ବଡ଼ ବନ୍ଧୁ କହିଛନ୍ତି। ଏହା 'ଚାଇନାର ଅନ୍ଧକାରରେ ହଜିଯାଇଛି' ଶୀର୍ଷକ ଖବର ପ୍ରକାଶ ପାଇବାର ଠିକ୍ ପରଦିନ ସାମ୍ନାକୁ ଆସିଥିଲା। ସେ ତାଙ୍କ ୫୦% ଟାରିଫ୍ ଅଧୁରା ରଖିଛନ୍ତି କି। ନା। ତାଙ୍କ ପ୍ରଶାସନ ଏହାର ନୀତିକୁ ପରିବର୍ତ୍ତନ କରିଛି କି? ରୁଷିଆରୁ ଭାରତ କିଣୁଥିବା ତୈଳକୁ ନେଇ ଭାରତକୁ ଦଣ୍ଡ ଦିଆଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ଯାହା କହିଛି ସେଥିରେ ପରିବର୍ତ୍ତନ କରିଛି କି? ନା। କିନ୍ତୁ ସେହି ଦିନ ଟ୍ରମ୍ପଙ୍କ ବାଣିଜ୍ୟ ସଚିବ ଲୁଟ୍‌ନିକ ସାଧାରଣରେ ଦେଇଥିବା ମନ୍ତବ୍ୟ ମଧ୍ୟ ସେହି ଖବରକାଗଜରେ ପ୍ରକାଶ ପାଇଥିଲା। ସେ କହିଥିଲେ,''ଭାରତ ଦୁଃଖ ପ୍ରକାଶ କରିବ ଏବଂ ୨ ମାସ ମଧ୍ୟରେ ଚୁକ୍ତି କରିବ''। ତେବେ କେଉଁଠି ଟ୍ରମ୍ପ୍ ଭାରତମୁହାଁ ହେଲେ? ଏହା କେବଳ ସେହି ସମର୍ଥକଙ୍କ ମାନସିକତାରେ ରହିଛି। ଆମେରିକା ଓ ଭାରତର ଟାରିଫ୍ ଦ୍ୱନ୍ଦ୍ୱ ମଧ୍ୟରେ ପ୍ରଧାନମନ୍ତ୍ରୀ ଆସନ୍ତା ମାସରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ୟୁଏନ୍‌ଜିଏକୁ ସମ୍ବୋଧିତ କରିବେ ନାହିଁ ବୋଲି ସକାଳେ ଆଉ ଏକ ଖବର ପ୍ରକାଶ ପାଇଥିଲା। ସମସ୍ୟା ଲାଗି ରହିଛି। କିନ୍ତୁ ଯଦି ଆମେ ନିଜେ ବୁଝିଯାଇଛୁ ଯେ ଆମର ବିଜୟ ହୋଇଛି, ତେବେ କାହିଁକି ଆମେ ଏ ସମସ୍ୟାକୁ ନେଇ ମୁଣ୍ଡ ଖେଳାଇବା? ୨୦୨୦ର ପ୍ରାରମ୍ଭିକ ମାସଗୁଡ଼ିକରୁ ଆଜିପର୍ଯ୍ୟନ୍ତ ୫ ବର୍ଷ ହେଲା ଏହି ଦେଶ ଚାଇନାକୁ ଶତ୍ରୁ ଭାବେ ଦେଖୁଥିବା କୁହାଯାଇଆସିଛି। ଚାଇନାର ଆପ୍‌କୁ ଡିଲିଟ୍ କରିବା ଏବଂ ସେମାନଙ୍କ ଟିଭିକୁ ଫିଙ୍ଗିଦେବା ପାଇଁ ସମର୍ଥକଙ୍କୁ କୁହାଯାଇଥିଲା। ଚାଇନାକୁ ରୋକିବା ପାଇଁ ଆମେ ଆମେରିକାର ସହଭାଗୀ ହେବା ଦରକାର ବୋଲି ସେମାନଙ୍କ ମୁଣ୍ଡରେ ପୂରାଇଦିଆଯାଇଥିଲା। ଥିଙ୍କ୍‌ଟ୍ୟାଙ୍କରେ ଥିବା ଭୂ-ରଣନୀତିକ ବିଶେଷଜ୍ଞମାନେ ସରକାରଙ୍କ ଏହି କଥାରେ ସହମତି ପ୍ରକାଶକରି ଏଭଳି ବଡ଼ ପରିବର୍ତ୍ତନ ସପକ୍ଷରେ ଲେଖିଥିଲେ ଏବଂ ଏହା ଆମକୁ ପାଶ୍ଚାତ୍ୟ ରାଷ୍ଟ୍ରସମୂହର ନିକଟତର କରୁଛି ବୋଲି କହିଛନ୍ତି।

କିଛିଦିନ ପୂର୍ବରୁ, ଏହି ମାନସିକତା କେବଳ ବନ୍ଦ ହୋଇନାହିଁ, ବରଂ ଏଥିରେ ପରିବର୍ତ୍ତନ ଦେଖାଦେଇଛି। ଏବେ ଚାଇନା ଆମର ମିତ୍ର ପାଲଟିଯାଇଛି ଏବଂ ଆମେ ଏହା ସାହାଯ୍ୟରେ ଆମେରିକାର ପ୍ରାଧାନ୍ୟକୁ ହଟାଇପାରିବା ବୋଲି ମନେକରୁଛୁ। ୨୦୨୦ରେ କିମ୍ବା ତା' ପୂର୍ବରୁ ଚାଇନା ଆମକୁ ଯେଉଁ ଦୃଷ୍ଟିରେ ଦେଖୁଥିଲା ଏବେ ଭିନ୍ନ ଭାବେ ଦେଖୁଛି କି? ଅବଶ୍ୟ ନୁହେଁ। ଆମେ କେବଳ ପରିବେଶକୁ ଦେଖି ମନକୁ ଖାପ ଖୁଆଇ ନେଇଛୁ। ଏହା ହେଉଛି ଆମର ' ଲକ୍ ଇଷ୍ଟ ଲୁକ୍ ୱେଷ୍ଟ' ଆଦି ନୀତି। ମୋ ମତରେ ବିଗତ ବର୍ଷଗୁଡ଼ିକରେ ସରକାର ଯାହାସବୁ କରିଛନ୍ତି ସେଥିରୁ ଅନେକ ପସନ୍ଦଯୋଗ୍ୟ ନୁହେଁ। ବାସ୍ତବରେ କ୍ଷତି ଘଟିଛି ଏବଂ ଏଭଳି କ୍ଷତି ମଧ୍ୟ ଆଗାମୀ ଦଶନ୍ଧିଗୁଡ଼ିକରେ ଜାରିରହିବ।

Email:aakar.patel@gmail.com

# ଉତ୍ତାପଜନିତ ଚାପ ଓ ଆଇଏଚ୍‌ସିଏପି



ଚନ୍ଦ୍ର ଭୂଷଣ

ଭୁବନେଶ୍ୱରରେ ଉତ୍ତାପ ବୃଦ୍ଧି ଘଟିବା ସହ ଏୟାରକଣ୍ଡିଶନିଂ ଚାହିଦା ବ୍ୟାପକ ହୋଇଛି। ଏହି ଦୁଇଟି ସଙ୍କଟକୁ ନିୟନ୍ତ୍ରଣ କରିବା ସକାଶେ ୨ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱର ପ୍ରଥମ ଭାରତୀୟ ସହର ଭାବେ ଏକ ଇଣ୍ଟିଗ୍ରେଟେଡ ହିଟ୍ ଆଣ୍ଡ କୁଲିଂ ଆକ୍ସନ ପ୍ଲାନ (ଆଇଏଚ୍‌ସିଏପି)ବା ସମନ୍ୱିତ ଉତ୍ତାପ ଓ ଶୀତଳନ କାର୍ଯ୍ୟ ଯୋଜନା ଆରମ୍ଭ କରିଛି। ହିଟ୍ ଷ୍ଟ୍ରେସ୍ (ଉତ୍ତାପଜନିତ ଚାପ ବା ପ୍ରଭାବ) କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ବିଗତ ଦୁଇ ଦଶନ୍ଧିରେ, ଦେଶରେ ଲଗାତର ଭାବେ ଅତ୍ୟନ୍ତ ଗମ୍ଭୀର ଗ୍ରୀଷ୍ମ ଲହର ଅନୁଭୂତ ହୋଇଚାଲିଛି ଏବଂ ଏଥିରେ ଅନେକ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ଏହା ଯୋଗୁ କର୍ମଜୀବୀଙ୍କ ଉତ୍ପାଦକତା ହ୍ରାସ ହେବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଧା ଉପୁଜିଛି। ଏବେ ସହରଗୁଡ଼ିକ ବିପଜ୍ଜନକ ଉତ୍ତାପ ଓ ଶୀତଳନ ପ୍ରକ୍ରିୟାର ପଞ୍ଝାରେ ପଡ଼ିଯାଇଛି। ଉଚ୍ଚ ତାପମାତ୍ରା ଓ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଏୟାର କଣ୍ଡିଶନିଂ (ଏସି) ବ୍ୟବହାର ବୃଦ୍ଧି ପାଇଛି। ଯାହା ଅର୍ବାନ ହିଟ୍ ଆଇଲାଣ୍ଡ (ୟୁଏଚ୍‌ଆଇ) ବା ସହର ଉତ୍ତାପଦ୍ୱୀପର ପ୍ରଭାବ ଓ ଗ୍ରୀନ୍ ହାଉସ୍ ଗ୍ୟାସ (ଜିଏଚ୍‌ଜି) ବା ସବୁଜଗୃହ ବାଷ୍ପ ନିର୍ଗମନକୁ ଆହୁରି ଖରାପ କରିଦେଇଛି। ଫଳରେ ସହରଗୁଡ଼ିକ ଅଧିକ ଉତ୍ତପ୍ତ ହେବାରେ ଲାଗିଛି ଏବଂ ଲୋକମାନେ ଶୀତଳତା ପାଇଁ ଏସି ଉପରେ ଅତ୍ୟଧିକ ନିର୍ଭର କରୁଛନ୍ତି। ଭୁବନେଶ୍ୱରର ନୂତନ ଆଇଏଚ୍‌ସିଏପି ଉତ୍ତାପ ଓ ଶୀତଳନର ଚକ୍ରକୁ ଭାଙ୍ଗି ଦେବାକୁ ଚାହେଁ। ଏହା ହେଉଛି ଭାରତର ପ୍ରଥମ ସହର ସ୍ତରୀୟ ଯୋଜନା, ଯାହା ଏକାଥରକେ ସହରୀ ଯୋଜନା, ସବୁଜ ବଳୟ ସୃଷ୍ଟି, ନିରନ୍ତର ଶୀତଳନ ଏବଂ ଉତ୍ତାପର ନକାରାତ୍ମକ ପ୍ରଭାବରୁ ରକ୍ଷା କରିବା ସହ ସହନୀୟତା ବଢ଼ାଇବା ଲାଗି ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିପାରିବ।

ଭୁବନେଶ୍ୱର ଦୀର୍ଘଦିନରୁ ଭାରତରେ ସବୁଠୁ ଉତ୍ତାପ ପ୍ରଭାବିତ ସହର ଭାବେ ରହିଆସିଛି। ବିଗତ ଚାରି ଦଶନ୍ଧିରେ ହାରାହାରି ତାପମାତ୍ରା ଏବଂ ହ୍ୟୁମିଡିଟି ସ୍ତର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ରାତିରେ ମଧ୍ୟ ଭୁବନେଶ୍ୱରର ତାପମାତ୍ରାରେ ବୃଦ୍ଧି ଘଟିଛି, ଯାହା ଅଧିକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ଏବେ ଫେବୃଆରୀରୁ ଅକ୍ଟୋବର ଯାଏ ହିଟ୍ ଷ୍ଟ୍ରେସ୍ ଦେଖାଯାଉଛି। ଆଇଏମ୍‌ଡିର 'ଫିଲ୍ସ ଲାଇକ୍' ଇଣ୍ଡେକ୍ସ ଅନୁଯାୟୀ, ୨୦୨୪ରେ ପାଖାପାଖି ୨୭୦ ଦିନ ଭୁବନେଶ୍ୱର ୟେଲୋ କିମ୍ବା ଅରେଞ୍ଜ ଉତ୍ତାପ ଜନିତ ସତର୍କତାକୁ ସାମ୍ନା କରିଛି।

ଦ୍ରୁତ ସହରୀକରଣ ହିଟ୍ ଷ୍ଟ୍ରେସ୍‌କୁ ଆହୁରି ତୀବ୍ର କରିଦେଇଛି। ୨୦୧୮ରୁ ୨୦୨୪ ମଧ୍ୟରେ ଭୁବନେଶ୍ୱରର ସହରୀକରଣରେ ନିର୍ମାଣ କ୍ଷେତ୍ର ୨୩% ବୃଦ୍ଧି ହୋଇଥିବାବେଳେ ସବୁଜ ବଳୟ ପାଖାପାଖି ୧୦% ହ୍ରାସ ଘଟିଛି। ଏହା ସହ ଜଳଉତ୍ସ ଅବିଶ୍ୱସନୀୟ ଭାବେ ୭୫% କମିଛି। ପରିଣାମ ସ୍ୱରୂପ, ୟୁଏଚ୍‌ଆଇ ପ୍ରଭାବ ଅଧିକ ସ୍ପଷ୍ଟ ହୋଇଛି ଏବଂ ଭୁବନେଶ୍ୱର ଏହାର ଚାରିପାଖରେ ଥିବା ଗ୍ରାମୀଣ ଅଞ୍ଚଳ ତୁଳନାରେ ୨-୫ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତପ୍ତ ହୋଇଛି। ଏହାର ପ୍ରଭାବଗୁଡ଼ିକ ମଧ୍ୟ ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ହିଟ୍‌ଷ୍ଟ୍ରେସ ଯୋଗୁ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କଠାରୁ ଆରମ୍ଭ କରି ରାସ୍ତାକଡ଼ ଦୋକାନୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କର ଉତ୍ପାଦକତା ଓ ମଜୁରି ୨୦-୩୦% କମିଛି। ସାମଗ୍ରିକ ଭାବେ ସହରର ବାର୍ଷିକ ଆୟ ମଧ୍ୟ ୮.୬% ହ୍ରାସ ପାଇଛି। ଏହି ସମୟରେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଦୁଇଗୁଣରେ ପହଞ୍ଚିଛି। ୨୦୨୧ରେ ସହରର ୬% ପରିବାରରେ ଏସି ଥିଲାବେଳେ ୨୦୨୩ରେ ଏହା ବୃଦ୍ଧି ଘଟି ୧୫% ହୋଇଛି। ସହରରେ ବ୍ୟବହୃତ ମୋଟ ବିଦ୍ୟୁତ୍‌ର ଏକ ତୃତୀୟାଂଶ ଏହି ଶୀତଳନ ପ୍ରକ୍ରିୟାରେ ଲାଗୁଛି ଏବଂ ଖରାମାସଗୁଡ଼ିକରେ ଏହା ଦୁଇ ତୃତୀୟାଂଶରେ ପହଞ୍ଚିଯାଉଛି। ଆଗକୁ ଏହି ସ୍ଥିତି ଆହୁରି ଖରାପ ହେବ। ଏପରିକି ୨୦୨୫ରେ ସାଧାରଣ ଭାବେ ଉତ୍ତପ୍ତ ଏକ ଦିବସରେ ଏବକାର ସବୁଠୁ ଅଧିକ ଉତ୍ତପ୍ତ ଦିବସର ସ୍ଥିତି ସୃଷ୍ଟି ହେବ। ସେତେବେଳେ ସହରରେ ବଞ୍ଚିବାକୁ ହେଲେ କେବଳ ଏସି ବା ଶୀତଳନ ପଦ୍ଧତି ଉପରେ ନିର୍ଭର କରିବାକୁ ପଡ଼ିବ। ଏଣୁ ବିଜ୍‌ନେସ -ଆଜ୍-ୟୁଜୁଆଲ (ବିଏୟୁ) ବା ଚିରାଚରିତ ରୂପେ ଚାଲିଆସିଥିବା ବ୍ୟବସାୟକୁ ଜାରି ରଖିବାକୁ ହେଲେ ୨୦୫୦ ସୁଦ୍ଧା ଏସି ପାଇଁ ବିଦ୍ୟୁତର ଆବଶ୍ୟକତା ଏବକା ତୁଳନାରେ ୭.୬ ଗୁଣ ବଢ଼ିଯାଇପାରେ।



ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱରର ଆଇଏଚ୍‌ସିଏପି ଯୋଜନା ପାଞ୍ଚସୂତ୍ରୀ ରଣନୀତି ପ୍ରସ୍ତୁତ କରିଛି। ପ୍ରଥମେ ସହରକୁ ଶୀତଳ କରାଯିବ, ଯାହାପାଇଁ ସବୁଜ ବନାନୀର ବଳୟ ବୃଦ୍ଧି ସହ ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ହେବ। ଏହା ସହ ଏସି ବ୍ୟବହାର କମ୍ କରିବା ପାଇଁ ଛାତର ଶୀତଳୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ଏବଂ ୟୁଏଚ୍‌ଆଇ ହ୍ରାସ ପାଇଁ ରାସ୍ତାଗୁଡ଼ିକର ପୁନର୍ଗଠନ ହେବାର ଆବଶ୍ୟକତା ରହିଛି। ଦ୍ୱିତୀୟରେ, ଏନର୍ଜି କଞ୍ଜରଭେଶନ ବିଲ୍ଡିଂ କୋଡ୍ ବା ଶକ୍ତି ସଂରକ୍ଷଣ ଭବନ ପାଇଁ ନିୟମ ଲାଗୁ ହେବ ଏବଂ ଉତ୍ତାପ ଶୋଷଣ ହ୍ରାସ କରି ଘର ଭିତରେ ଆରାମଦାୟକ ଶୀତଳ ପରିବେଶ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଜଳବାୟୁ ଆଧାରରେ ଗୃହ ନିର୍ମାଣ ପଦକ୍ଷେପକୁ ପ୍ରୋତ୍ସାହିତ କରାଯିବ। ତୃତୀୟରେ ରହିଛି ସମସ୍ତଙ୍କ ପାଇଁ ସ୍ଥାୟୀ ଶୀତଳ ବ୍ୟବସ୍ଥା ସୁନିଶ୍ଚିତ କରିବା। ଏଥିପାଇଁ ସ୍ୱଳ୍ପ ଆୟକାରୀ ପରିବାରଗୁଡ଼ିକୁ ଶସ୍ତାରେ ପ୍ରଭାବୀ ଏବଂ ଜଳବାୟୁ ଉପଯୋଗୀ ଶୀତଳନ ବ୍ୟବସ୍ଥା ଯଥା ଉନ୍ନତ ଫ୍ୟାନ ଓ ଏସି , ଡିଷ୍ଟ୍ରିକ୍ଟ କୁଲିଂ ସିଷ୍ଟମ ଓ ହ୍ୱାଇଟ୍ ରୁଫ୍ ଉପଲବ୍ଧତା ନିଶ୍ଚିତ କରାଯିବ। ଚତୁର୍ଥରେ, ଉତ୍ତାପ ସହନୀୟତା ବୃଦ୍ଧି କରିବାକୁ ହେବ। ବିଦ୍ୟୁତ୍, ପାଣି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦୃଢ଼ କରାଯିବ। କୁଲିଂ ଶେଲଟ୍‌ର ନିର୍ମାଣ କରାଯିବା ସହ କୁଲ୍ ବସ୍‌ଷ୍ଟପ ଓ ସାର୍ବଜନୀନ ଥଣ୍ଡା ପାନୀୟ ଜଳ ଷ୍ଟଲ୍ ନିର୍ମାଣ ହେବ। ପଞ୍ଚମରେ ରହିଛି ଉତ୍ତାପ ଅନୁକୂଳନ। ଏଥିରେ ଆର୍ଦ୍ରତା ଓ ରାତି ସମୟର ତାପମାତ୍ରାକୁ ଦୃଷ୍ଟିରେ ରଖି ଉତ୍ତାପ ଚେତାବନୀ ସ୍ତରର ନବୀକରଣ ହେବ। ଏହା ବ୍ୟତୀତ ବିପଦରେ ରହୁଥିବା ଶ୍ରମିକମାନଙ୍କ ପାଇଁ ଇନ୍‌ସ୍ୟୁରାନ୍ସ ଯୋଗାଇ ଦିଆଯିବା ସହ ସଚେତନତା ଅଭିଯାନକୁ ବ୍ୟାପକ କରାଯିବ। ଯଦି ଏହିସବୁ ପଦକ୍ଷେପକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ଭୂପୃଷ୍ଠୀୟ ଉତ୍ତାପକୁ ୦.୫ରୁ ୯.୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ କରାଯାଇପାରିବ। ଏହାବ୍ୟତୀତ ସହରରେ ଏବେ ବିଜ୍‌ନେସ ଯେମିତି ଚାଲିଛି,ସେମିତି ଜାରି ରହିଲେ ବି ଶୀତଳନ ପ୍ରକ୍ରିୟା ସହ ଜଡ଼ିତ ବିଦ୍ୟୁତ୍ ଚାହିଦା ୪୪-୬୭% କମିଯିବ।

ଏପର୍ଯ୍ୟନ୍ତ ପୃଥକ୍ ଭାବେ କାମ କରିଆସୁଥିବା ଦୁଇଟି ଜାତୀୟ ନୀତିକୁ ଆଇଏଚ୍‌ସିଏପି ଏକାଠି କରିଛି। ପରିବେଶ ମନ୍ତ୍ରଣାଳୟର ଇଣ୍ଡିଆ କୁଲିଂ ଆକ୍ସନ ପ୍ଲାନ (ଆଇସିଏପି) ବା ଭାରତ ଶୀତଳନ କାର୍ଯ୍ୟ ଯୋଜନା ସ୍ଥାୟୀ ତଥା ପରିବେଶ ଉପଯୋଗୀ ଶୀତଳନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ। ଏହା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ)ର ହିଟ୍ ଆକ୍ସନ ପ୍ଲାନ (ଏଚ୍‌ଏପି) ବା ଉତ୍ତାପ କାର୍ଯ୍ୟ ଯୋଜନା ମୁଖ୍ୟତଃ ଉତ୍ତାପ ଅନୁକୂଳନ ଓ ପ୍ରାରମ୍ଭିକ ସତର୍କତା ଉପରେ ଧ୍ୟାନ ଦେଉଛି। ଏସବୁ ଯୋଜନାକୁ ଏକାଠି କରି ଉତ୍ତାପଜନିତ ଚାପର ମୁକାବିଲା କରିବା ପାଇଁ ଆଇଏଚ୍‌ସିଏପି ଏକ ବିସ୍ତୃତ ଢାଞ୍ଚା ସାମ୍ନାକୁ ଆଣିଛି। ଏହି ଢାଞ୍ଚାକୁ ଆଗକୁ ବଢ଼ାଇବାକୁ ହେଲେ ନୀତିଗୁଡ଼ିକରେ ଉଲ୍ଲେଖନୀୟ ସୁଧାର ଆବଶ୍ୟକ ହେବ। ଉତ୍ତାପ ପ୍ରଶମନ ଓ ପରିବେଶ ଉପଯୋଗୀ ଶୀତଳନ ପଦକ୍ଷେପକୁ ସାମିଲ କରିବା ଲାଗି ଏନ୍‌ଡିଏମ୍‌ଏର ଏଚ୍‌ଏପି ମାର୍ଗଦର୍ଶିକାର ନବୀକରଣ କରାଯିବା ଦରକାର। ସହରର ମାଷ୍ଟର ପ୍ଲାନ ଓ ବିଲ୍ଡିଂ ନିୟମଗୁଡ଼ିକରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ, ବ୍ୟବସାୟିକ ଓ ସଂସ୍ଥାଗତ ବିଲ୍ଡିଂ ପାଇଁ ଶକ୍ତି ସଂରକ୍ଷଣ ଓ ସଷ୍ଟେନେବଲ ବିଲ୍ଡିଂ କୋଡ୍, ୨୦୨୪ ଏବଂ ଆବାସିକ ଘର ପାଇଁ ଇକୋ-ନିବାସ ସଂହିତା ୨୦୨୪ ଆଗକୁ ନିର୍ମାଣର ଏକ ଅଂଶ ଭାବେ ଲାଗୁ ହେବ। ଭୁବନେଶ୍ୱରରେ ମାତ୍ର ୨୫% ବ୍ୟବସାୟିକ ଓ ସଂସ୍ଥାଗତ ବିଲ୍ଡିଂ ଏବଂ କେବଳ ୧.୫% ବାସୋପଯୋଗୀ ଘର ନିର୍ମାଣ ଏହିସବୁ ନିୟମ ଅଧୀନରେ ରହୁଛି। ଏହିଭଳି ଭାବେ ମାଷ୍ଟରପ୍ଲାନଗୁଡ଼ିକ ୟୁଏଚ୍‌ଆଇ, ଉତ୍ତାପ ପ୍ରଶମନ ରଣନୀତି କିମ୍ବା ଉତ୍ତାପ ସହନୀୟ ଭିତ୍ତିଭୂମିର ଆବଶ୍ୟକତାକୁ ବିଚାରକୁ ନେଉନାହିଁ।

ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଭାରତର ସହରଗୁଡ଼ିକରେ ୬୦-୭୦ କୋଟି ଲୋକ ବାସ କରିବେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତାପ ଚାପ ପ୍ରଭାବିତ ସହରଗୁଡ଼ିକରେ ରହିବେ। ସମନ୍ୱିତ ପଦକ୍ଷେପ ନ ନେଲେ ଆମ ଭବିଷ୍ୟତ ବିପଦପୂର୍ଣ୍ଣ ହୋଇଯିବ। ଏଭଳି ସ୍ଥିତିରେ ବାହାରେ କାମ କରିବା ଅନେକ ଲକ୍ଷ ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିବ ଓ ଅସମାନତା ଅତ୍ୟଧିକ ବୃଦ୍ଧି ପାଇବ। ଏହା ସହ ସହରରେ ବଞ୍ଚିବାକୁ ହେଲେ ସମ୍ପୂର୍ଣ୍ଣ ଭାବେ ଶୀତଳନ ଉପକରଣ ଉପରେ ନିର୍ଭର କରିବାକୁ ପଡ଼ିବ। ତେବେ ଭୁବନେଶ୍ୱର ଆଇଏଚ୍‌ସିଏପି (ଆଇ ଫରେଷ୍ଟ ଦ୍ୱାରା ସିଙ୍ଗାପୁର ଇଟିଏଚ୍ ସେଣ୍ଟର, ଯାହା ସିଙ୍ଗାପୁର ଶୀତଳନ କାର୍ଯ୍ୟକ୍ରମକୁ ଚଳାଇଛି, ତାହାର ସହଯୋଗରେ ଏହି ଯୋଜନା ବିକଶିତ କରାଯାଇଛି) ଦର୍ଶାଏ ଯେ, ସହରଗୁଡ଼ିକ ଏଭଳି ଭୟାନକ ଭବିଷ୍ୟତକୁ ଦୂରେଇ ଦେଇପାରିବେ । ଏହା ସହ ଉତ୍ତାପ ଓ ଶୀତଳନର ବିପଜ୍ଜନକ ଚକ୍ରକୁ ବୈଜ୍ଞାନିକ ପଦ୍ଧତି, ନୂତନ ଯୋଜନା ଓ ଦୂରଦୃଷ୍ଟିସମ୍ପନ୍ନ ନୀତି ମାଧ୍ୟମରେ ଭାଙ୍ଗି ଦିଆଯାଇପାରିବ।

ସିଇଓ,ଇଣ୍ଟରନ୍ୟାଶନାଲ ଫୋରମ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି (ଆଇଫରେଷ୍ଟ)

# ଝିଅଙ୍କ ଶିକ୍ଷା ପ୍ରବର୍ତ୍ତିକା

ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ମଧ୍ୟଭାଗରେ ଆଶା ରହିବା କଥା ଯେ ସବୁ ଝିଅ ଶିକ୍ଷିତ ହୁଅନ୍ତୁ। କିନ୍ତୁ ଏମିତି କେତେ ଲୋକ ଅଛନ୍ତି ଝିଅଙ୍କୁ ବୋଝ ଭାବି ତା' ବାହାଘରକୁ କେବଳ ଗୁରୁତ୍ୱ ଦେଇଥାଆନ୍ତି। ସେମାନଙ୍କ ଶିକ୍ଷାରେ ଖର୍ଚ୍ଚ କରିବାକୁ କୁଣ୍ଠିତ ହୋଇଥାଆନ୍ତି। ଆଉ ଗରିବ ଓ ଅସହାୟ ସ୍ତରରେ ଥିବା କିଛି ଲୋକ ଅର୍ଥାଭାବ ଯୋଗୁ ଝିଅମାନଙ୍କୁ ପଢ଼ିବାକୁ ନ ଦେଇ ବାଲ୍ୟବେଳୁ ଶ୍ରମିକ କରାଇ ଦେଉଛନ୍ତି। ଫଳରେ କେତେ ଜଣ ଝିଅ ଆଦୌ ସ୍କୁଲ ଦେଖିପାରୁ ନାହାନ୍ତି କିମ୍ବା ସ୍କୁଲ ଯାଇ କିଛି ଦିନ ପରେ ଡ୍ରପ୍‌ଆଉଟ୍ ତାଲିକାରେ ସ୍ଥାନିତ ହୋଇଯାଇଥାଆନ୍ତି। ଏଭଳି ଅସଙ୍ଗତିକୁ ଅନୁଭବ କରିବା ପରେ ଦିଲ୍ଲୀର ସାଫିନା ହୁସେନ୍ ଶିକ୍ଷାରୁ ବଞ୍ଚିତ ଝିଅମାନଙ୍କ ପାଇଁ କାମ କରିବାକୁ ଆଗେଇ ଆସିଥିଲେ। ତାଙ୍କ ଦ୍ୱାରା ଗଢ଼ାଯାଇଥିବା ଅଣ-ଲାଭଦାୟକ ସଙ୍ଗଠନ 'ଏଜୁକେଟ ଗର୍ଲସ୍' ଅନେକ ହଜାର ଝିଅଙ୍କ ପାଇଁ ସାହାରା ପାଲଟି ବିଶ୍ୱ ସ୍ତରରେ ଉଦାହରଣ ସୃଷ୍ଟି କରିପାରିଛି। ତାଙ୍କ ସଙ୍ଗଠନକୁ ସ୍ୱୀକୃତି ସ୍ୱରୂପ ୬୭ତମ ରମନ ମାଗ୍‌ସେସେ ପୁରସ୍କାର-୨୦୨୫ ମିଳିବ ବୋଲି ନିକଟରେ ଘୋଷଣା ହୋଇଛି। ଆସନ୍ତା ୭ ନଭେମ୍ବରରେ ଫିଲିପାଇନ୍ସ ରାଜଧାନୀ ମାନିଲାର ମେଟ୍ରୋପଲିଟାନ୍ ଥିଏଟରରେ 'ଏଜୁକେଟ ଗର୍ଲସ' ଭାରତର ପ୍ରଥମ ସଙ୍ଗଠନ ଭାବେ ଏସିଆର ନୋବେଲ ସମ୍ମାନ ରୂପେ ପରିଚିତ ଏହି ପୁରସ୍କାର ପାଇବାକୁ ଯାଉଥିବାରୁ ସାଫିନା ବ୍ୟକ୍ତିଗତ ସ୍ତରରେ ଖୁସି ବ୍ୟକ୍ତ କରିଛନ୍ତି। କହିଛନ୍ତି ଏହି ସମ୍ମାନ ସଙ୍ଗଠନର ନିରବଚ୍ଛିନ୍ନ ସାମାଜିକ କାର୍ଯ୍ୟକୁ ସ୍ୱୀକୃତି ଦେଇଛି ଓ ଅନେକ ଅସହାୟ ଝିଅଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଜୀବିକା ଦେବାରେ ସଙ୍ଗଠନକୁ ସହାୟତା ଦେଇଥିବା ବ୍ୟକ୍ତି ଓ ବର୍ଗ ମଧ୍ୟ ଧନ୍ୟବାଦାର୍ହ। ସେ କହିଛନ୍ତି, ଏଜୁକେଟ ଗର୍ଲସକୁ ସମ୍ମାନ ମିଳିବା ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏହି ମାନ୍ୟତା ଭାରତର ଝିଅମାନଙ୍କ ଶିକ୍ଷା ପାଇଁ ଏକ ଆଲୋକବର୍ତ୍ତିକା ସଦୃଶ ହୋଇଛି, ଯାହା ଦିନେ ଦୂର ଗାଁରେ ଜଣେ ଝିଅଙ୍କଠାରୁ ଆରମ୍ଭ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଏହି ସଙ୍ଗଠନ ଦେଶର ୩୦ ହଜାର ପଛୁଆ ଗ୍ରାମରେ ପହଞ୍ଚି ୨୦ ଲକ୍ଷରୁ ଅଧିକ ଝିଅଙ୍କ ଭାଗ୍ୟ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୋଇଛି। ବ୍ୟବସ୍ଥା ବିରୋଧରେ ନ ଯାଇ ସମସ୍ତଙ୍କ ସହଯୋଗରେ ଅନେକ ଶିଶୁଙ୍କ ଶିକ୍ଷଣ ଅଭ୍ୟାସରେ ଉନ୍ନତି ଆଣି ସାଫିନା ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି, ତାହା ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରେରଣାଦାୟୀ।

ବ୍ୟକ୍ତିତ୍ୱ



ସାଫିନା ହୁସେନ୍

ସାଫିନା ୨୧ ଜାନୁଆରୀ ୧୯୭୧ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ପିଲାଟୁ ବେଳୁ ପଢ଼ାରେ ଉତ୍ତମ ପ୍ରଦର୍ଶନ କରିପାରିଥିବାରୁ ମର୍ଯ୍ୟାଦାଜନକ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସରୁ ଡିଗ୍ରୀ ଅର୍ଜନ କରିଥିଲେ। ଚାକିରି କରିବାକୁ ଯାଇ ସେ ୧୯୯୮ରୁ ୨୦୦୪ ଯାଏ ଆମେରିକାର ସାନ୍ ଫ୍ରାନ୍ସିସ୍‌କୋଠାରେ 'ଚାଇଲ୍ଡ ଫ୍ୟାମିଲି ହେଲ୍‌ଥ ଇଣ୍ଟରନ୍ୟାଶନାଲ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ରହିଥିଲେ। ନିଜ ଦେଶ ପାଇଁ କିଛି କରିବା ଲକ୍ଷ୍ୟ ନେଇ ସେ ୨୦୦୫ରେ ମୁମ୍ବାଇ ଚାଲିଆସିଥିଲେ। ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ଓ ତାଙ୍କୁ ସନ୍ତୋଷ ମିଳିବା ଭଳି କୌଣସି ସଙ୍ଗଠନ ନ ଥିବା ସେ ଅନୁଭବ କରିବା ପରେ ୨୦୦୭ରେ ଗଢ଼ିଲେ 'ଏଜୁକେଟ ଗର୍ଲସ'। ଏହାର ମୁଖ୍ୟାଳୟ ମୁମ୍ବାଇରେ ଅବସ୍ଥିତ। ପ୍ରାରମ୍ଭିକ ସମୟରେ ଶିକ୍ଷା ମନ୍ତ୍ରଣାଳୟ ସହ ମିଶି ସାଫିନା କାମ ଆରମ୍ଭ କଲେ। ସେତେବେଳେ ଶିକ୍ଷା ଦୃଷ୍ଟିରୁ ଦେଶର ସବୁଠାରୁ ଲିଙ୍ଗଗତ ତଫାତ୍ ଥିବା ରାଜସ୍ଥାନର ପାଲି ଓ ଜାଲୋର ଗ୍ରାମକୁ ବାଛିଥିଲେ। ପରବର୍ତ୍ତୀ ସମୟରେ ସେ ଅଭିନବ ଶୈଳୀରେ ଗୁଣାତ୍ମକ ଶିକ୍ଷା ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ 'ପ୍ରଥମ' ଏବଂ ୟୁନିସେଫ୍ ସହ ଯୋଗାଯୋଗ ସ୍ଥାପନ କରିଥିଲେ। ଏଥିସହିତ ସାଙ୍ଗଠନିକ କାର୍ଯ୍ୟକୁ ବ୍ୟାପକ କରିବା ଲକ୍ଷ୍ୟ ରଖି ସେ ବୃତ୍ତିଗତ ଗୋଷ୍ଠୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲେ। ଏହି ରଣନୀତି 'ଟିମ୍ ବାଳିକା' ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସୃଷ୍ଟି କରିବାରେ ସହାୟକ ହୋଇଥିଲା, ଯେଉଁଥିରେ ଅନେକ ହଜାର ସଦସ୍ୟ ଅଛନ୍ତି। ସେମାନେ ପାଠ ଛାଡ଼ିଥିବା ସ୍କୁଲ ଝିଅମାନଙ୍କୁ ପୁନଃ ନାମ ପଞ୍ଜୀକରଣ ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ସ୍କୁଲରୁ ବାହାରେ ଥିବା ଝିଅମାନଙ୍କୁ ଖୋଜି ପୁନଃ ପଞ୍ଜୀକୃତ ପାଇଁ ପ୍ରୋତ୍ସାହିତ କରି ସାଫିନା ଶିକ୍ଷା କ୍ଷେତ୍ରରେ ନୂଆ ଧାରା ସୃଷ୍ଟି କରିଥିବାରୁ ସେ ବିଭିନ୍ନ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ୨୦୧୪ ଏବଂ ୨୦୨୩ରେ ସେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କତାରରୁ ପ୍ରଦାନ କରାଯାଉଥିବା 'ୱାଇଜ୍' ପୁରସ୍କାର ପାଇଥିଲେ। ୨୦୨୩ ପୁରସ୍କାର ବେଳେ ଏଜୁକେଟ ଗର୍ଲସ ପାଇଁ ୫,୦୦,୦୦୦ ଆମେରିକୀୟ ଡଲାର ମିଳିଥିଲା। ସାଫିନା ଇଟି ପ୍ରାଇମ୍ ଉଇମେନ ଲିଡରଶିପ ଆୱାର୍ଡ ୨୦୧୯, ନୀତି ଆୟୋଗ ଉଇମେନ ଟ୍ରାନ୍ସଫର୍ମିଂ ଇଣ୍ଡିଆ ଆୱାର୍ଡ ୨୦୧୭ ସହ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ସାଂସାରିକ ଜୀବନ ଦେଖିଲେ ସାଫିନା ୨୦୨୨ରେ ହଂସଲ ମେହେଟାଙ୍କୁ ୧୭ ବର୍ଷ ଏକାଠି ରହିବା ପରେ ବିବାହ କରିଥିଲେ। ବିବାହ ପୂର୍ବରୁ ତାଙ୍କର ଦୁଇଟି ଝିଅ ହୋଇଥିଲେ- କିମାୟା ମେହେଟା ଏବଂ ରେହାନା ମେହେଟା।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସ୍ମାର୍ଟ ଡାଏରି ଫାର୍ମ ବିଷୟରେ ଶୁଣିଛନ୍ତି କି? ଏବେ ଏମିତିକା ଏକ ଫାର୍ମ କରିଛନ୍ତି ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ। ସେ ସ୍ମାର୍ଟକାଡଯୁକ୍ତ ମିଲ୍କ ଏଟିଏମ୍ କରି କ୍ଷୀର ବିକ୍ରି କରୁଛନ୍ତି। ଏହାସହ ସେ ମଧ୍ୟ ଏକ ଆଇସ୍‌କ୍ରିମ ପାର୍ଲର କରିଛନ୍ତି। ସୁନୀଲଙ୍କ ଫାର୍ମରେ ୧୬ଟି ମଇଁଷି ଅଛି। ତାଙ୍କୁ ବୟସ ଏବେ ୪୩। ସେ ରହୁଛନ୍ତି ମହାରାଷ୍ଟ୍ର ୟୁବତମଲ ଜିଲାର ଛୋଟ ସହର ମହାଗାଓଁରେ। ଏହାଠାରୁ ୧୩ କିଲୋମିଟର ଦୂରରେ ୨୪ ଏକର ଜମିରେ ସେ ଏହି ଫାର୍ମ କରିଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ସେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି। ସେ ଏଟିଏମ୍ ମାଧ୍ୟମରେ କ୍ଷୀର ବିକ୍ରି କରିବା ସହ ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୭୬

- ପଶ୍ଚିମବଙ୍ଗର ରାଇଗଞ୍ଜ ସବ୍‌ଡିଭିଜନର ବନ୍ୟା ପ୍ରପିଡ଼ିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ସାହାଯ୍ୟ ପାଣ୍ଠିରୁ ଏକଲକ୍ଷ ଟଙ୍କା ମଞ୍ଜୁର।
- ଜୀବନବୀମା କର୍ପୋରେସନ ପକ୍ଷରୁ ରାଜ୍ୟରେ ଗୃହନିର୍ମାଣ ପାଇଁ ୧୫ କୋଟି ୨୦ ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା।

## ଚିରନ୍ତନୀ

ଦୁଇ ପାରୁଶରେ ମୋର ପକ୍ଷଶାଳୀ
ପଡ଼ିଅଛି ନଇଁ
ରହି ରହି
ଅଦୂର ସେ ନଦୀକୋଳୁଁ ଆସଇ ବାରତା
ବିଶ୍ୱର ଅବିନଶ୍ୱର କି ନିଗୂଢ଼ ବ୍ୟଥା !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 2 | |
| | 7 | | 9 | | 3 | | | |
| | 8 | | | | 4 | | | 5 |
| | | | | | | | | |
| 7 | | | | | | 9 | | |
| 9 | 2 | | 6 | | | 1 | | |
| | | | | 4 | | | 9 | |
| | | 6 | | 3 | | 8 | | |
| 4 | | | | | 1 | 2 | 6 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 5 | 1 | 7 | 4 | 3 | 9 | 8 |
| 1 | 9 | 8 | 3 | 5 | 6 | 4 | 7 | 2 |
| 3 | 4 | 7 | 2 | 8 | 9 | 1 | 5 | 6 |
| 7 | 6 | 4 | 5 | 9 | 3 | 8 | 2 | 1 |
| 5 | 1 | 9 | 6 | 2 | 8 | 7 | 3 | 4 |
| 2 | 8 | 3 | 7 | 4 | 1 | 9 | 6 | 5 |
| 4 | 5 | 6 | 8 | 3 | 7 | 2 | 1 | 9 |
| 8 | 3 | 2 | 9 | 1 | 5 | 6 | 4 | 7 |
| 9 | 7 | 1 | 4 | 6 | 2 | 5 | 8 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏରେଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ମିଳୁ

ମହାଶୟ,

ମୋର ୧୦ ବର୍ଷର ପୁଅ ସାଇକେଲ ଚଲାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ମୁଁ ତା'ର ଚିକିତ୍ସା ପାଇଁ ଏରେଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଦେଖେ ତ ଏହା ବନ୍ଦ। ଅନନ୍ୟୋପାୟ ହୋଇ ମୁଁ ଚରମ୍ପାର ଏକ ନର୍ସିଂହୋମକୁ ଗଲି। ସେଠାରେ ପୁଅର ଖଣ୍ଡିଆ ଜାଗାରେ ଷ୍ଟିଚ୍ ଡାକ୍ତରଙ୍କ ଫି ବାବଦରେ ମୋତେ ୪୦୦ ଟଙ୍କା ଦେବାକୁ ପଡ଼ିଥିଲା ଓ ଡାକ୍ତର ଲେଖିଥିବା କିଛି ଔଷଧ ମୋତେ ବାହାରୁ କିଣିବାକୁ ହେଲା। ଏରେଇଁ ଚିକିତ୍ସାଳୟ ଉପରେ ଏରେଇଁ, ପରସିଙ୍ଗା, ବଣିଆ ଗ୍ରାମ ପଞ୍ଚାୟତ ଓ ଭଦ୍ରକ ପୌରପାଳିକାର ୪ଟି ୱାର୍ଡର ଜନସାଧାରଣ ନିର୍ଭରଶୀଳ। ଆମ୍ଭମାନଙ୍କ ବହୁ ଦାବି ପରେ ତତ୍କାଳୀନ ସରକାର ଏହାକୁ ସ୍ଥାପନା କରିଥିଲେ। ମାତ୍ର ଏଠାରେ ରୋଗୀଙ୍କୁ ସାଧାରଣ ଚିକିତ୍ସାସେବା ମିଳୁନାହିଁ। କିଛି ମାସ ହେବ ଏଠାରେ ରେଗୁଲାର ଡାକ୍ତର ନାହାନ୍ତି। କର୍ମଚାରୀମାନେ ରୋଗୀ ଚିକିତ୍ସା କରୁଛନ୍ତି। ଯଦି ନ ପାରୁଛନ୍ତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଯଥାଶୀଘ୍ର ଏହି ଚିକିତ୍ସାଳୟରେ ରେଗୁଲାର ଡାକ୍ତର ନିଯୁକ୍ତ କରିବା ସହ ଜରୁରୀ ଚିକିତ୍ସା ସୁବିଧା ଉପଲବ୍ଧର ପଦକ୍ଷେପ ଗ୍ରହଣ କରାଯାଉ।


- ନରହରି ନାୟକ, ପରସିଙ୍ଗା, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଞ୍ଜେଇ ଭର୍ତ୍ତି କାର୍ ଜାଳିଦେଲେ ଡ୍ରାଇଭର

ସୋନପୁର/ବିନିକା,୬।୯(ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

### ଟାୟାର ଫାଟିଯିବାରୁ ଧରା ପଡ଼ିଯିବା ଭୟ



ସୁବର୍ଣ୍ଣପୁର ଜିଲା ବିନିକା ସହର ନୂଆବଜାରଠାରେ ଗଞ୍ଜେଇ ବୋଝେଇ ହୋଇ ଯାଉଥିବା ଏକ କାର୍‌ର ଆଗ ଚକା ଫାଟି ଯିବାରୁ ଧରାପଡ଼ିଯିବା ଭୟରେ ଏହାର ଡ୍ରାଇଭର କାର୍‌ରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିନିକା ପୋଲିସ ଅଧାପୋଡ଼ା କାର୍ ଓ ଗଞ୍ଜେଇକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଜବତ ଗଞ୍ଜେଇର ଓଜନ ପ୍ରାୟ ଅଢେଇ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ। ଏହାର ବଜାର ମୂଲ୍ୟ ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗାଡ଼ିରେ ନମ୍ବର ପ୍ଲେଟ ଖୋଲାଯାଇଥିବାରୁ ଏହାର ମାଲିକ କିଏ ସେନେଇ ଯାଞ୍ଚ ଚାଲିଛି।

ମିଳିଥିବା ସୂଚନା ଅନୁସାରେ, ଶନିବାର ସକାଳେ ଏକ ଧଳା କାରରେ ବିପୁଳ ପରିମାଣର ଗଞ୍ଜେଇ ବୌଦ୍ଧ ଜିଲାର ଚୋରା ଚାଲାଣ ହେଉଥିଲା। ସକାଳ ପ୍ରାୟ ୬ଟାରେ ନୂଆବଜାର ଠାରେ କାର୍‌ର ଡାହାଣ ପାର୍ଶ୍ୱ ଆଗ ଚକ ଫାଟି ଯାଇଥିଲା। କାର୍ ଡ୍ରାଇଭର ଗାଡ଼ିରୁ ବାହାରି ତରବର ଭାବେ ନମ୍ବର ପ୍ଲେଟ୍ ଖୋଲିଦେଇଥିଲେ। ପରେ ନିଜେ ପେଟ୍ରୋଲ ଢାଳି କାର୍‌କୁ ଜାଳିଦେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ ସୂଚନା ଦେଇଛନ୍ତି। ଏପରିକି ଗଞ୍ଜେଇ ବୋଝେଇ କାର୍ ପଛରେ ଏସ୍କର୍ଟ କରି ଯାଉଥିବା କାର୍‌ରେ ବସି ଡ୍ରାଇଭର ଫେରାର ହୋଇଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ କାର୍ ଆଗ ଚକ ଫାଟିଯାଇଥିବାରୁ ଆଗକୁ ବଢ଼ିବା ସମ୍ଭବ ନ ଥିଲା। ଏପରିକି ମାର୍କେଟ୍ ଭିତରେ ଚକ ବଦଳାଇବା ସମୟରେ ଗଞ୍ଜେଇ ବାସ୍ନା ଯୋଗୁ ପୋଲିସ ଓ ଅବକାରୀ ବିଭାଗ ହାତରେ ଧରା ପଡ଼ିଯିବାର ଭୟ ଥିଲା। ତେଣୁ ଗଞ୍ଜେଇ ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଡ୍ରାଇଭର କାର୍‌ରେ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା।

ପ୍ରକାଶ ଯେ, ବୌଦ୍ଧ ଓ କନ୍ଧମାଳ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଅନେକ ହଜାର ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଛି। ନିଶା କାରବାର ରୋକିବା ପାଇଁ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଅପରେଶନ ଗରୁଡ଼ ପରେ ପାର୍ବଣ ପୂର୍ବରୁ ସେପ୍ଟେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ରାଜ୍ୟରେ ଅପରେଶନ ପ୍ରହାର ଭଳି ଅଭିଯାନ ଜାରି ରହିଛି। ସେହିପରି ଅବକାରୀ ବିଭାଗର ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା ସେପ୍ଟେମ୍ବର ୧ରୁ ସ୍ୱତନ୍ତ୍ର ଅଭିଯାନକରି ଗଞ୍ଜେଇ ଓ ଅନ୍ୟାନ୍ୟ ନିଷିଦ୍ଧ ମାଦକଦ୍ରବ୍ୟ ଚୋରାଚାଲାଣ ଧରପଗଡ ଜୋର୍‌ଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ନିଶା କାରବାର କରୁଥିବା ଆନ୍ତଃରାଜ୍ୟ ଅପରାଧୀଙ୍କ ନେଟ୍‌ୱର୍କ ଭାଙ୍ଗିପାରୁନାହିଁ। ଅଭିନବ ଉପାୟରେ ଯଥା ଆମ୍ବୁଲାନ୍ସ, ପିଆଜ ବୋଝେଇ ଟ୍ରକ୍, ଆଳୁ ବୋଝେଇ ଟ୍ରକ୍, କାଜୁ ଚୋପା, ସିମେଣ୍ଟ ବସ୍ତା ଓ ଭିଆଇପି କାର୍ ଭିତରେ ଗଞ୍ଜେଇ ଚୋରାଚାଲାଣ ବୃଦ୍ଧିପାଇଛି।

## ଆକ୍ରମଣ, ପ୍ରତି ଆକ୍ରମଣରେ ଜଣେ ମୃତ

ଶେରଗଡ଼/ହିଞ୍ଜିଳିକାଟୁ,୬।୯ (ସୂର୍ଯ୍ୟ ନାରାୟଣ ଦାଶ/ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋଠଗାଁରେ ଶୁକ୍ରବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ଚନ୍ଦନ ବିଶୋୟୀ (୨୨)। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଖବରରୁ ଜଣାପଡିଛି, ଜଗନ୍ନାଥପୁର ଗାଁର ଚନ୍ଦନ ବିଶୋୟୀ କିଛିମାସ କଙ୍କରଡା ଗ୍ରାମରେ ଭଡାରେ ରହୁଥିଲେ। ସେ ଗୋଠଗାଁ ଯିବାଆସିବା କରୁଥିଲେ। ପୂର୍ବରୁ ୪ମାସ ତଳେ ଚନ୍ଦନଙ୍କ ସହ କୌଣସି କାରଣରୁ ବାପି ସୁଆଁସିଆଙ୍କର ଶତ୍ରୁତା ହୋଇଥିଲା। ଏହି ରାଗ ଶୁଝାଇବାକୁ ଚନ୍ଦନଙ୍କ ସହ ଅନ୍ୟ କେତେଜଣ ବ୍ୟକ୍ତି ମିଶି ଶୁକ୍ରବାର ରାତି ୧୨ଟାରେ ବାପିଙ୍କ ଘର ଆଗରେ ପାଟିତୁଣ୍ଡ କରିଥିଲେ। ପରେ ବାପି, ଗୋଠଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ ଓ ଚନ୍ଦନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଆକ୍ରମଣରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଶେରଗଡ ଏସ୍‌ଡିପିଓ ସନ୍ତୋଷ ଜେନା ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି। ନଂ. ୩୭୬/୨୫ରେ ଏକ ମାମଲା ରୁଜୁ ହୋଇଛି।

# ୨୦ହଜାର ଲାଞ୍ଚ: ଫାଣ୍ଡି ଅଧିକାରୀ ଗିରଫ

ବାଙ୍କୀ,୬।୯(ଶୁଭେନ୍ଦୁ ମହାପାତ୍ର)

### ଇଟା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ରିପୋର୍ଟ ପାଇଁ ଟଙ୍କା ଦାବି କରିଥିଲେ



ପ୍ରସନ୍ନ କୁମାର ମାହାଳି

ଏକ ଇଟା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଇ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ୍ ହାଉସର ଏସ୍‌ଆଇ ପ୍ରସନ୍ନ କୁମାର ମାହାଳି ଶନିବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କଟକ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ଟିମ୍ ଚଢ଼ାଉକରି ବିଟ୍ ହାଉସ୍ ଅଧିକାରୀ ମାହାଳିଙ୍କୁ ଗିରଫ କରିବା ସହ ତାଙ୍କ ରୁମ୍ ଭିତରୁ ନଗଦ ୨୦ ହାଜର ଟଙ୍କା ଜବତ କରିଛନ୍ତି। ଏଥିସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ମାହାଳୀଙ୍କ ୩ଟି ସ୍ଥାନରେ ଚଢ଼ାଉ କରାଯାଇଛି। ମାହାଳିଙ୍କୁ ପଚରାଉଚରା ଚାଲିଛି। ରବିବାର ତାଙ୍କୁ ଭିଜିଲାନ୍ସ କୋର୍ଟ ଚାଲାଣ କରାଯିବ ବୋଲି ଡିଏସ୍‌ପି ଏକ୍କା କହିଛନ୍ତି।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତ ପାଳପୁଟ ଗ୍ରାମର ଦିଲେଶ୍ୱର ମାଝୀଙ୍କ ଇଟାଭାଟିରେ ଗତ କିଛିଦିନ ତଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଉକ୍ତ କ୍ଷୟକ୍ଷତିର ଇନ୍‌ସ୍ୟୁରାନ୍ସ କ୍ଲେମ ପାଇଁ ରିପୋର୍ଟ ପ୍ରଦାନ କରିବାକୁ ଦିଲେଶ୍ୱର ଫାଣ୍ଡି ଅଧିକାରୀ ମାହାଳିଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ମାହାଳି ରିପୋର୍ଟ ପ୍ରଦାନ ପାଇଁ ଦିଲେଶ୍ୱରଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଦିଲେଶ୍ୱର କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ କେସ୍ ନଂ.୨୭/୫।୯।୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଶନିବାର ଅପରାହ୍ନରେ କଟକ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାହୁ, ପ୍ରଭାସିନୀ ପୁହାଣ, ବିଜୟ କୁମାର ସେଠୀଙ୍କ ସମେତ ୧୧ ଜଣିଆ ଟିମ ଚଢ଼ାଉ କରି ମାହାଳିଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

# ମହିଳା ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ

ରାଜନଗର,୬।୯(ଭାସ୍କର ରାଉତରାଏ)

### ଶାଢ଼ି, ବ୍ଲାଉଜ ଚିରି ମଙ୍ଗଳସୂତ୍ର, ସୁନାଚେନ ଲୁଟିନେଲେ

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଜଣେ ମହିଳା ସରପଞ୍ଚଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏପରିକି ତାଙ୍କ ଶାଢ଼ି ଓ ବ୍ଲାଉଜ ଇତ୍ୟାଦି ଟାଣି ଚିରି ଦେବା ସହ ସୁନାଗହଣା ଲୁଟି ନିଆଯାଇଛି। ଘଟଣାସ୍ଥଳରେ ସ୍ୱାମୀ ପହଞ୍ଚି ବଞ୍ଚାଇବାକୁ ଉଦ୍ୟମ କରିବାକୁ ତାଙ୍କୁ ମଧ୍ୟ ନିର୍ମମ ମାଡ଼ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଏକ ପଞ୍ଚାୟତରେ ଏହିପରି ଘଟଣା ଘଟିଛି। ଏନେଇ ଥାନାରେ ଖବର ଦିଆଯିବା ସତ୍ତ୍ୱେ ପୋଲିସ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ପରେ ସମ୍ପୃକ୍ତା ସରପଞ୍ଚ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ପଡ଼ୋଶୀଙ୍କୁ ଶାବଳରେ ଭୁସି ହତ୍ୟା, ୩ ଗିରଫ

ଶେରଗଡ଼,୬।୯(ସୂର୍ଯ୍ୟ ନାରାୟଣ ଦାଶ)


ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଶୁକ୍ରବାର ରାତିରେ ଦୁଇ ପଡୋଶୀଙ୍କ ମଧ୍ୟରେ ବଚସାରୁ ହତ୍ୟାକାଣ୍ଡ ଘଟିଛି। ଜଣେ ଅନ୍ୟ ଜଣଙ୍କୁ ଶାବଳରେ ଭୁସି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହରେକୃଷ୍ଣ ପାଣିଗ୍ରାହୀ। ଏଥିରେ ସମ୍ପୃକ୍ତ ୩ଜଣ ରୋହିତ ପାଣିଗ୍ରାହୀ, ତାଙ୍କ ପୁଅ ବାବୁ ପାଣିଗ୍ରାହୀ ଓ ପିଣ୍ଟୁ ପାଣିଗ୍ରାହୀଙ୍କୁ ପୋଲିସ ଗିରଫ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ଲକର ଡେଙ୍ଗାପଦର ଗ୍ରାମରେ ଏପରି ଅଭାବନୀୟ ଘଟଣା ଘଟିଛି। କେସ୍ ନଂ. ୩୭୩/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଆସିକା ଜେଲକୁ ପଠାଯାଇଛି।

ଖବରରୁ ପ୍ରକାଶ, ରୋହିତ ପାଣିଗ୍ରାହୀ ଓ ହରେକୃଷ୍ଣ ପାଣିଗ୍ରାହୀ ଦୁହେଁ ପଡ଼ୋଶୀ ରୂପେ ଡେଙ୍ଗାପଦରରେ ବସବାସ କରନ୍ତି। ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ହରେକୃଷ୍ଣ ପଡ଼ୋଶୀ ରୋହିତଙ୍କୁ ଗାଳିଗୁଲଜ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ହରେକୃଷ୍ଣ ଉତ୍ତ୍ୟକ୍ତ ହୋଇ ଘରକୁ ଯାଇ ଏକ ଶାବଳ ଆଣି ଆସିଥିଲେ। ପାଟିତୁଣ୍ଡ ବଢିବାରୁ ରୋହିତ, ତାଙ୍କ ପୁଅ ପିଣ୍ଟୁ ଓ ବାବୁ ମିଳିତ ଭାବେ ହରେକୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ପିଣ୍ଟୁଙ୍କଠାରୁ ଶାବଳ ଛଡ଼ାଇ ହରେକୃଷ୍ଣଙ୍କୁ ଭୁସି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ରାତିରେ ସେଠାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲା। ଘଟଣାରେ ଜଡିତ ପଡୋଶୀ ରୋହିତ, ତାଙ୍କ ପୁଅ ବାବୁ ଓ ପିଣ୍ଟୁଙ୍କୁ ଗିରଫ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

କଣ୍ଟାବାଞ୍ଜି,୬।୯(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ତୁରେକେଲା ବ୍ଲକ ହିଆଁଲଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ହଷ୍ଟେଲରୁ ଶନିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଛାତ୍ରଙ୍କ ନାମ ଆଦର୍ଶ ସେଠ୍। ତାଙ୍କ ଘର ବେଲପଡ଼ା ଥାନା ବେଲପଡ଼ା ଗ୍ରାମରେ। ସେ କଣ୍ଟାବାଞ୍ଜିସ୍ଥିତ ଲାୟନ୍ସ ପବ୍ଲିକ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସ୍କୁଲଠାରୁ ୫କି.ମି. ଦୂର ହିଆଁଲଠାରେ ଥିବା ଅନ୍ୱେଷା ହଷ୍ଟେଲରେ ରହୁଥିଲେ। ଶନିବାର ସବୁ ଛାତ୍ର ସ୍କୁଲ ଯାଇଥିବାବେଳେ ଆଦର୍ଶ ଯାଇ ନ ଥିଲେ। ସେ ଏକୁଟିଆ ହଷ୍ଟେଲରେ ଥିଲେ। ଛାତ୍ରମାନେ ଫେରିବା ପରେ ଉପର ମହଲାରେ ଥିବା କୋଠରିରେ ଏକ ଫ୍ୟାନ୍‌ରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ।





### ରାଜ୍ୟ ଖବର

# ସମ୍ପ୍ରସାରଣ ହେବ ବିଧାନସଭା ଅତିଥି ଭବନ

- ୨୩ ରୁମ୍ ବିଶିଷ୍ଟ ବିଲ୍ଡିଂରେ ଅତିରିକ୍ତ ୧୬ ପ୍ରକୋଷ୍ଠ ହେବ
- ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଅତିଥି ଭବନରେ ମୋଟ୍ ୫୭ ରୁମ୍ ହେବ
- ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ
- ଅତିଥି ଭବନରେ ରହିବ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)



ଓଡ଼ିଶା ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଛି। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଶନିବାର ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ଏବେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକାର କାର୍ଯ୍ୟ ଆରମ୍ଭ ହେବ। ଏହି ୩ ମହଲା ବିଶିଷ୍ଟ ଅଟ୍ଟାଳିକାରେ ଅତିରିକ୍ତ ୧୬ଟି ରୁମ୍ ନିର୍ମାଣ ହେବାକୁ ଥିବାବେଳେ ଏହିସବୁ ବିଲ୍ଡିଂ ଲିଫ୍ଟ ଦ୍ୱାରା ସଂଯୁକ୍ତ ହେବ। ମୋଟ ୯ ହଜାର ବର୍ଗଫୁଟରୁ ଊର୍ଦ୍ଧ୍ୱ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବାବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭କୁ ବୃଦ୍ଧି ହେବ। ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ। ଏହାଦ୍ୱାରା ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହାଦ୍ୱାରା ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ବିଧାନସଭାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ପାଳନ ହେବ ୧୪ ଦିନିଆ ଶୂନ ଦୁର୍ଘଟଣା ଦିବସ

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)

କେନ୍ଦୁଝର ଜିଲାରେ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) ଅଭିଯାନ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ, ଆର୍‌ବିଜି ଲାବ୍ସ, ଆଇଆଇଟି ମାଡ୍ରାସ ସହଯୋଗରେ ଏହା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଦୃଷ୍ଟିକୋଣ ସହ ସଂଯୁକ୍ତ ଏହି ପଦକ୍ଷେପ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା। ଶୂନ ଦୁର୍ଘଟଣା ଦିବସ ପାଳନ ଦ୍ୱାରା ଭୁବନେଶ୍ୱରରେ ସଡ଼କ ଦୁର୍ଘଟଣାରେ ଏକ ଦୃଶ୍ୟମାନ ହ୍ରାସହେବା ନେଇ ଲକ୍ଷ୍ୟ କରାଯାଇଛି। ତେଣୁ ଏହାକୁ ଲକ୍ଷ୍ୟକରି କେନ୍ଦୁଝରରେ ଏହି ଅଭିଯାନ ୧୪ ଦିନ ଧରି ଚାଲିବ। ଏହା ଶିକ୍ଷା, ସଚେତନତା, ପ୍ରବର୍ତ୍ତନ ଏବଂ ସମ୍ପ୍ରଦାୟ ଅଂଶଗ୍ରହଣକୁ ସମନ୍ୱିତ କରିବା ପାଇଁ ଡିଜାଇନ କରାଯାଇଛି। କେଉଁଝର ଦୁର୍ଘଟଣାପ୍ରବଣ ଜିଲା ହୋଇଥିବାରୁ ଏଠାରେ ହିଁ ଶୂନ ଦୁର୍ଘଟଣା ଦିବସ ପାଳନ କରାଯିବ। ଶୂନ ଦୁର୍ଘଟଣା ଦିବସ ପ୍ରଥମେ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା, ଯେଉଁଠାରେ ଆଇଇସି ଅଭିଯାନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ତଥ୍ୟଚାଳିତ ପ୍ରବର୍ତ୍ତନ ଯୋଗୁ ବ୍ୟାପକ ଉନ୍ନତି ଆସିଥିଲା। ସ୍କୁଲ, କଲେଜ ଏବଂ ନାଗରିକ ଗୋଷ୍ଠୀମାନଙ୍କୁ ଏହି ପ୍ରକ୍ରିୟାରେ ସାମିଲକରି ଉକ୍ତ ପଦକ୍ଷେପ ପୂର୍ବ ବର୍ଷ ତୁଳନାରେ ଅଭିଯାନ ସମୟରେ ଦୁର୍ଘଟଣା ହ୍ରାସ କରିବାରେ ସଫଳ ହୋଇଥିଲା। ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେଉଁଝର ଶୂନ ଦୁର୍ଘଟଣା ଦିବସ ପାଇଁ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ ହୋଇଛି। ଆଇଆଇଟି ମାଡ୍ରାସ ଇଡିଏଆର୍ ତଥ୍ୟ ଉପରେ ଆଧାରିତ ଦୁର୍ଘଟଣାର ଗମ୍ଭୀରତା, ଦୁର୍ଘଟଣାର ପିକ୍ ସମୟ, ଉଲ୍ଲଂଘନ ଧାରା ଏବଂ ଯାନବାହନ ବର୍ଗୀକରଣ ସମେତ ବିଭିନ୍ନ ତଥ୍ୟ ଉପସ୍ଥାପନ ହୋଇଥିଲା। ଏହି ଅଭିଯାନ ଦୁର୍ଘଟଣା ହ୍ରାସ କରିବା ଏବଂ ଦୀର୍ଘକାଳୀନ ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ଏକ ବହୁମୁଖୀ ପଦ୍ଧତି ଅବଲମ୍ବନ କରିବ। ପାରମ୍ପରିକ ଓ ଡିଜିଟାଲ୍ ମିଡିଆ, ସ୍କୁଲ ଓ କଲେଜ କର୍ମଶାଳା ଏବଂ ଆଇଆଇଟି ମାଡ୍ରାସ ସହାୟତାରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସଚେତନତା ଅଭିଯାନ କରାଯିବ। ସ୍ୱେଚ୍ଛାସେବୀ, ଛାତ୍ର ଏବଂ ସ୍ଥାନୀୟ ନେତାମାନେ 'ସଡ଼କ ସୁରକ୍ଷା ଦୂତ' ଭାବରେ କାର୍ଯ୍ୟକରି ନାଟକ, ଷ୍ଟ୍ରିଟ୍ କ୍ୟାମ୍ପେନ୍ ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିବେ। କାର୍ଯ୍ୟାନୁଷ୍ଠାନ ତଥ୍ୟଚାଳିତ ହେବ, ଦ୍ରୁତଗତିରେ ଗାଡ଼ି ଚାଳନା, ହେଲ୍‌ମେଟ୍ ବିନା ଗାଡ଼ି ଚାଳନା, ଓଭରଲୋଡିଂ ଏବଂ ମଦ୍ୟପାନକରି ଗାଡ଼ି ଚାଳନା ଭଳି ଉଲ୍ଲଂଘନ ଉପରେ ଧ୍ୟାନ ଦିଆଯିବ। ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଅପେକ୍ଷା ପରାମର୍ଶକୁ ପ୍ରାଥମିକତା ଦିଆଯିବ। ଆଇଆଇଟି ମାଡ୍ରାସ ମଧ୍ୟ ବ୍ଲାକ୍‌ସ୍ପଟ୍ ମ୍ୟାପିଂ ଓ ଚିହ୍ନଟ ଏବଂ ଏନ୍‌ଫୋର୍ସମେଣ୍ଟ ଓ ଇଞ୍ଜିନିୟରିଂ ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ।



**ପୋଖରୀରେ ବୁଡ଼ି ବୃଦ୍ଧ ମୃତ**

ଭଣ୍ଡାରିପୋଖରୀ, (ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ପଞ୍ଚାୟତ ଦେଉଳପଦୀ ଗ୍ରାମର ବିନ୍ଧାଧର ସାମଲ(୮୨)ଙ୍କର ଶୁକ୍ରବାର ରାତିରେ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ସନ୍ଧ୍ୟାରେ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ଗାଁ ମୁଣ୍ଡ ପୋଖରୀ ହୁଡ଼ାରେ ତାଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ଗ୍ରାମର ଯୁବକମାନେ ପୋଖରୀରୁ ବିନ୍ଧାଧରଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ବ୍ୟବଚ୍ଛେଦ ପରେ ଦଶାଶ୍ୱମେଧ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।



# ସ୍କୁଲରେ ତାଲା ପକାଇ ଅଭିଭାବକଙ୍କ ଧାରଣା



ବୋହୂମାଘେରି ସରକାରୀ ପ୍ରାଥମିକ ବିଦ୍ୟାଳୟ ଆଗରେ ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକ।

ବାସୁଦେବପୁର, ୬।୯
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଞ୍ଚାୟତ ବୋହୂମାଘେରି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଗୁରୁପୂଜା ସମୟରେ ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଶନିବାର ସକାଳୁ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ପୂର୍ବରୁ ବାରମ୍ବାର ଏହି ବିଷୟରେ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ସକାଳ ୯ଟାରୁ ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରେ ବସିଥିଲେ ସୁଦ୍ଧା ଦୀର୍ଘ ସମୟ ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ବିଦ୍ୟାଳୟ ଗୃହ ପୁନଃ ନିର୍ମାଣ ପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ଦାବିରେ ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ଜାନା, ମଞ୍ଜୁଲତା ପରିଡ଼ା, ଜୟନ୍ତୀ ମଣ୍ଡଳ, ଶଙ୍କର ବେରା, ପୂର୍ଣ୍ଣିମା ବେରା ପ୍ରମୁଖ

## ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ ଘଟଣା

ଧାରଣାରେ ବସିଥିଲେ। ନାୟକାଣିଡିହୀ ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନରେ ସାମୟିକ ଭାବେ ସେମାନେ ଧାରଣାରୁ ଉଠିଛନ୍ତି। ଏବିଇଓ ତପନ କୁମାର ଦ୍ୱିବେଦୀ ପହଞ୍ଚି ଅସ୍ଥାୟୀ ଭାବେ କିଛିଦିନ ପାଇଁ ନିକଟସ୍ଥ ଏକ ଠାକୁରାଣୀ ଘରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିପଦସଙ୍କୁଳ ସ୍କୁଲ ଗୃହକୁ ପ୍ରଶାସନ ତୁରନ୍ତ ଭାଙ୍ଗି ନୂତନ ଗୃହ ନିର୍ମାଣ ନ କରିବା ପର୍ଯ୍ୟନ୍ତ ସୋମବାରଠାରୁ ଧାରଣା ଜାରି ରହିବ ବୋଲି ଅଭିଭାବକମାନେ କହିଛନ୍ତି। ତେବେ ଶୁକ୍ରବାର ଏହି ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ଘଟଣା ବିଷୟରେ ଜିଲାପାଳ ଦିଲୀପ ରାଉତରାଏ ଅବଗତ ହେବା ପରେ ଏକ ବୈଷୟିକ ଦଳ ଗଠନ କରି ବିଦ୍ୟାଳୟର ଭିତ୍ତିଭୂମିକୁ ପରୀକ୍ଷା କରି ସପ୍ତାହକ ମଧ୍ୟରେ ରିପୋର୍ଟ ଦେବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମହମ୍ମଦ ଜୟନ୍ତୀ ପାଳିତ

ଆଗରପଡ଼ା, ୬।୯
(ସୁଶାନ୍ତ ଦାଶ)

ବନ୍ତ ବ୍ଲକର ଆଗରପଡ଼ାରେ ଶୁକ୍ରବାର ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ପୁରୁଷଣ୍ଡ, ଚାରିଘରିଆ, ଘଣ୍ଟଗଡିଆ, ହରିପୁର ଓ ନରାଜପୁର ବସ୍ତିରେ ମସ୍‌ଜିଦ୍‌ଗୁଡ଼ିକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇ ପ୍ରବେଶ ପଥରେ ବଡ଼ ବଡ଼ ତୋରଣ କରାଯାଇଥିଲା। ସକାଳେ ମୁସଲମାନ ଭାଇମାନେ ନୂତନ ବସ୍ତ୍ର ପରିଧାନ କରି ପରସ୍ପରକୁ ଆଲିଙ୍ଗନ କରିଥିଲେ। ସନ୍ଧ୍ୟାରେ ସୁସଜ୍ଜିତ ଜୁଲୁସ୍ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏଥିରେ ବିଭିନ୍ନ ବସ୍ତିର ସର୍ଦ୍ଦାରଙ୍କ ସହ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନାଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ କରାଯାଇଥିଲା।

# ଚନ୍ଦ୍ରଗ୍ରହଣ ପାଇଁ ଆଖଣ୍ଡଳମଣି ମନ୍ଦିରରେ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଧୁଷୁରୀ, ୬।୯
(ଦୀପ୍ତିରଞ୍ଜନ ନାୟକ)



ଚନ୍ଦ୍ରଗ୍ରହଣ ପାଇଁ ରବିବାର ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ପ୍ରସ୍ତୁତ ହୋଇଛି। ଭୋର ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ମହାସ୍ନାନ, ଘର୍ଷଣ ଲାଗି ସରିବା ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟଭୋଗ ଅର୍ପଣ କରାଯିବ। ପରେ ସହଳ ନୀତି ନିମନ୍ତେ ପ୍ରାତଃ ୫ଟାରୁ ମଧ୍ୟାହ୍ନ ୧୨ଟା ୩୦ ଯାଏ ସର୍ବସାଧାରଣ ଦର୍ଶନ ପାଇଁ ସାହାଣମେଳା କରାଯିବ। ଏହି ସମୟ ମଧ୍ୟରେ ପହଡ଼ଖିଆ ଅନ୍ନ ନୀତି ସହ ବଡ଼ନୀତି, ଅବକାଶ, ବଡ଼ସିଂହାର ବେଶ, ସଂଧ୍ୟାପୂଜା ଓ ବାଟୁଳା ଦହି ପଖାଳ ଭୋଗ ସମ୍ପନ୍ନ ହେବ। ଅପରାହ୍ନ ୧ଟାରେ ପହଡ଼ ପକାଯିବ। ପାକତ୍ୟାଗଠାରୁ ଗ୍ରହଣ ସର୍ବମୋକ୍ଷ ଯାଏ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସୋମବାର ପ୍ରାତଃ ୫ଟାରେ ପହଡ଼ ଖୋଲାଯାଇ ଦୈନନ୍ଦିନ ନୀତି ସହ ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ଲାଗି ବ୍ୟବସ୍ଥା କରାଯାଇଛି ବୋଲି ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷକତାକୁ ବ୍ରତ ରୂପେ ଗ୍ରହଣ କରିବାକୁ ଆହ୍ୱାନ

ଭଣ୍ଡାରିପୋଖରୀ,୬।୯(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ବିଭିନ୍ନ କ୍ଲଷ୍ଟରରେ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଘନଶ୍ୟାମ ନାୟକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଂଯୋଜକ ବିପିନ ବିହାରୀ ଜେନାଙ୍କ ସଂଯୋଜନାରେ କୁଲଣା ଆଞ୍ଚଳିକ ସାଧନକେନ୍ଦ୍ର ବୈଠକ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଆଗରପଡ଼ା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଡ. ପ୍ରଦୀପ କୁମାର ନାୟକ ଯୋଗଦେଇ ଶିକ୍ଷକତାକୁ ବୃତ୍ତି ବଦଳରେ ବ୍ରତ ରୂପେ ଗ୍ରହଣ କରିବାକୁ ଉପସ୍ଥିତ ଥିବା ୧୦ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପରିଚାଳନା, ଭାଷା ଓ ସଂଖ୍ୟାଜ୍ଞାନର ପାଠଟୀକା, ନିପୁଣ ଶିକ୍ଷକତା ଆଦି ବିଷୟ ଆଧାରିତ ଆଲୋଚନା ହୋଇଥିଲା। ସେହିପରି ସରସଦା ଓ ବାରିକପୁର କ୍ଲଷ୍ଟରସ୍ତରୀୟ ବୈଠକ ତୁଳସୀପୁର ଉ.ପ୍ରା. ବିଦ୍ୟାଳୟ ପରିସରରେ ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଡଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ଗ୍ରହଣ ପ୍ରତି ଆଗ୍ରହ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ମିତାରାଣୀ ସାହୁ ଓ ଶିକ୍ଷକ ଜୟପ୍ରକାଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୁରା କ୍ଲଷ୍ଟରରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣାଙ୍କ ପୌରହିତ୍ୟରେ ବୈଠକ ହୋଇଥିଲା। ଅତିଥି ଭାବେ ପ୍ରଧାନଶିକ୍ଷକ ରଞ୍ଜନ ମହାନ୍ତି ଓ ପ୍ରଶାନ୍ତ ଜେନା ଯୋଗ ଦେଇଥିଲେ। ଶିକ୍ଷା ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିବାବେଳେ ଶିକ୍ଷକ ସୁନୀଲ ନାୟକ ଧନ୍ୟବାଦ ଦେଇଥିଲେ।

# ଅନଶନରେ ବସିଲେ ରାତ୍ରଜଗୁଆଳି



ଧୁଷୁରୀ, ୬।୯(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ବାଳିକା ବିଦ୍ୟାଳୟର ରାତ୍ରଜଗୁଆଳି ଦେବପ୍ରସନ୍ନ ବିଶ୍ୱାଳ ଶନିବାର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ପ୍ରଧାନଶିକ୍ଷକ ତାଙ୍କୁ ପ୍ରତିଦିନ ଦସ୍ତଖତ କରିବାକୁ ଉପସ୍ଥାନ ବହି ନ ଦେବା, ୩ ଦିନରେ ଥରେ ଦସ୍ତଖତ କରିବାକୁ ନିର୍ଦ୍ଦେଶ, ଦସ୍ତଖତ କରିବାକୁ ଉପସ୍ଥାନ ବହି ମାଗିଲେ ନାଲିଆଖି ଦେଖାଇବା, ଦିନବେଳା ଡ୍ୟୁଟି କରିବାକୁ ବାଧ୍ୟ କରିବା, ପ୍ରତିଦିନ ମାନସିକ ଯନ୍ତ୍ରଣା ଆଦି ଅଭିଯୋଗ ଆଣି ସେ ଅନଶନରେ ବସିଥିବା କହିଥିଲେ। ପ୍ରଧାନଶିକ୍ଷକ ହ୍ୱାଟ୍ସଆପ୍‌ରେ ଶରୀର ଅସୁସ୍ଥ ଦର୍ଶାଇ ଛୁଟି ନେଇଥିବା ବେଳେ ଦାୟିତ୍ୱରେ ଥିବା ଜଣେ ବରିଷ୍ଠ ଶିକ୍ଷୟିତ୍ରୀ ଅନଶନ ପ୍ରସଙ୍ଗରେ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ସିଆର୍‌ସିସି ବ୍ରଜକିଶୋର ଶିଅଳ ପହଞ୍ଚି ଦେବପ୍ରସନ୍ନଙ୍କୁ ଅନଶନରୁ ଉଠିବାକୁ ଅନୁରୋଧ କରିଥିଲେ ବି ସେ ଜାରି ରଖିଥିଲେ। ପରେ ସରପଞ୍ଚ ଅଜୟ ମଲିକ, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ବାପୁଜୀ ହାଇସ୍କୁଲ ପଞ୍ଚସଖା ଶିକ୍ଷାସେତୁ ସଭାପତି କାଶୀନାଥ ମହାନ୍ତି, ସାମାଜିକ କର୍ମୀ କପିଳଦେବ ବିଶ୍ୱାଳ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ସୋମବାର ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସିଲେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେ ଅନଶନରୁ ଉଠିଥିଲେ। ଏନେଇ ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ। ଅନଶନ ବାବଦରେ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ କହିଛନ୍ତି, ଘଟଣା ବିଷୟରେ ସେ ଅବଗତ ହୋଇଛନ୍ତି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୨୦୨୯ରେ ଦେଶରେ ସରକାର ଗଢ଼ିବ କଂଗ୍ରେସ: ତୁକାରାମ



ଖବରଦାତା ସମ୍ମିଳନୀରେ କର୍ଣାଟକ ବେଲାରୀ ଏମ୍‌ପି ଏରେଗାର୍ ତୁକାରାମ ଓ କଂଗ୍ରେସ ନେତା।

ଭଦ୍ରକ, ୬।୯ (ସନାତନ ରାଉତ)

ଦେଶ ଚଳାଇବାରେ ବିଫଳ ହୋଇଛି କେନ୍ଦ୍ରରେ ଥିବା ଭାଜପା ନେତୃତ୍ୱାଧୀନ ସରକାର। ଦେଶବାସୀ ଏବେ ବିକଳ୍ପ ଖୋଜୁଛନ୍ତି। ୨୦୨୯ରେ ଦେଶରେ କଂଗ୍ରେସ ସରକାର ଗଠନ କରିବ ବୋଲି ସଙ୍ଗଠନ ସୃଜନ ପର୍ଯ୍ୟବେକ୍ଷକ କର୍ଣାଟକ ବେଲାରୀ ଏମ୍‌ପି ଏରେଗାର୍ ତୁକାରାମ କହିଛନ୍ତି। ଶନିବାର ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଂଯୋଜକ ଅସିତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ତୁକାରାମ କହିଛନ୍ତି, ଓଡ଼ିଶାରେ ମଧ୍ୟ ୨୦୨୯ରେ କଂଗ୍ରେସ ସରକାର ଗଠନ କରିବାର ସମ୍ଭାବନା ସ୍ପଷ୍ଟ ହୋଇଛି। ଏଥିପାଇଁ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ କରାଯାଇଛି। ଭଦ୍ରକର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, ଓଡ଼ିଶାର ଲୋକେ ଭାଜପା ସରକାର ଉପରୁ ମୁହଁ ଫେରାଇଲେଣି। ଭୋଟ୍ ଚୋରି ସମ୍ବନ୍ଧରେ ରାହୁଲ ଗାନ୍ଧୀଙ୍କ ଜନସଚେତନତା ସାରା ଦେଶରେ ପ୍ରଭାବ ପକାଇବା ସହ ଏକ ଗଣଆନ୍ଦୋଳନ ଆରମ୍ଭ ହୋଇଛି। ରାଜ୍ୟ ସଂଯୋଜକ ନଳିନୀକାନ୍ତ ମହାନ୍ତି, ଅନୁସୂଚିତ ଜାତି ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଯେନାଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ ବରିଷ୍ଠ କର୍ମୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ପୂଜ୍ୟପୂଜା ସମ୍ମାନ ସମାରୋହ

ବନ୍ତ, ୬।୯ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ପଧାନପଡ଼ାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂଜ୍ୟପୂଜା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟିଲୋ ଗ୍ରାମର ସୁଜିତ୍ ସ୍ୱାଇଁ ଓ ସତ୍ୟଜିତ୍ ସ୍ୱାଇଁଙ୍କ ପ୍ରଯୋଜନାରେ ତାଙ୍କ ବାପା ସୁରରାଜ ମୋହନ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ସମାରୋହ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ସେକ୍ ଜଲାଲଉଦ୍ଦୀନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ, ପ୍ରଧାନଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ଓ ବନବିହାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି ଯୋଗଦେଇଥିଲେ। ଶାଳବଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନରହରି ଜେନା ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷକ ହେମନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦ୍ର ମିଶ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶୀଶେଖର କରଶର୍ମା, ଅବସରପ୍ରାପ୍ତ ଶିକ୍ଷକ ମନମୋହନ ଆଚାର୍ଯ୍ୟ, ଗଣେଶ୍ୱର ପଣ୍ଡା, ଲିଙ୍ଗରାଜ ସ୍ୱାଇଁ, ହୃଦାନନ୍ଦ ସାମଲ, ଭାସ୍କର ଚନ୍ଦ୍ର ପରିଡ଼ା, ଭାସ୍କର ଚନ୍ଦ୍ର ପାଢୀ, କୃଷ୍ଣଚନ୍ଦ୍ର ମହାକୁଡ, ନାରାୟଣ ଚନ୍ଦ୍ର ସାମଲ, ସେକ୍ ଅବଦୁଲ ସଲିମ ଏବଂ ନବ କୁମାର ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଜାହାରୁଦ୍ଦୀନ ସାହାଜୀ, ଅରୁଣ ବାରିକ, ରମାକାନ୍ତ ଜେନା, ପ୍ରଫୁଲ୍ଲ ଜେନା, ସେକ୍ ସାବୀର, ଜଗନ୍ନାଥ ଦ୍ୱିବେଦୀ, ସେକ୍ ରିହାଜ ଅଲ୍ଲୀ, କର୍ମଚାରୀ ବୁଦ୍ଧିରାମ ସାହୁ, ଶରତ ସାହୁ, ନେଜାମୁଦ୍ଦୀନ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ସ୍ମୃତିଦିବସ

ଧାମନଗର,୬।୯ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ବୋବଲ କାଳୀବଜାରସ୍ଥିତ ବୈଦିକ ସତ୍‌ସଙ୍ଗ ଯଜ୍ଞ ମଣ୍ଡପଠାରେ କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୨୫ତମ ସ୍ମୃତି ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନକୁଳଦେବ ଶାସ୍ତ୍ରୀ ଯଜ୍ଞ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ରାଉତ ଯଜମାନ ଥିଲେ। ସ୍ୱାମୀଜୀଙ୍କ ଜୀବନ ଓ କର୍ମ ସମ୍ପର୍କରେ ପଣ୍ଡିତ ନକୁଳଦେବ ଆଲୋକପାତ କରିଥିଲେ। ଯଜ୍ଞ ସମିତିର ସଭାପତି କୃତିବାସ ତ୍ରିପାଠୀ ଓ ସମ୍ପାଦକ ପ୍ରମୋଦ କୁମାର ନାୟକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଜୀବନ ଆଦର୍ଶ ଉପରେ କହିଥିଲେ। ପ୍ରଦୀପ କୁମାର ମହାପାତ୍ର, ଘନଶ୍ୟାମ ଥାଟେଇ, ରାହାସ ବିହାରୀ ମହାନ୍ତି, କମଳାକାନ୍ତ ଦାସ, ଜ୍ଞାନରଞ୍ଜନ କର, ରଣଜିତ ମହାନ୍ତି, ପ୍ରିୟରଞ୍ଜନ ସାମଲ, ପ୍ରଭାତ ସାମଲ, ପ୍ରଦୀପ ଆନ୍ଦିଆ, ପ୍ରଶାନ୍ତ କୁମାର ସାହୁ, ଜ୍ଞାନରଞ୍ଜନ ଦାସ, ଘନଶ୍ୟାମ ଜେନା, ପଦ୍ମଲୋଚନ ଥାଟେଇ, ଯୁଧିଷ୍ଠିର ପାତ୍ର, ଦେବେନ୍ଦ୍ର ନାୟକ, ପରମେଶ୍ୱର ଜେନା, ରତିକାନ୍ତ ବାରିକ, ପଞ୍ଚାନନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମଣ୍ଡପ ପରିସରରେ ଚାରାରୋପଣ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା।

# ବଜ୍ରପାତରେ ବୃଦ୍ଧଙ୍କ ଜୀବନ ଗଲା

ତିହିଡ଼ି, ୬।୯ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଜାମଯୋଡ଼ି ପଞ୍ଚାୟତ ନୂଆସାହି ଗ୍ରାମର ଦାଶରଥି ପରିଡ଼ା(୭୦)ଙ୍କ ଶନିବାର ଅପରାହ୍ନ ୧ଟା ବେଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ସେ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ସେ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ବିଲକୁ ଯାଇଥିଲେ। ସେଠାରୁ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୀରହାଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ‘ଶିକ୍ଷକତା ସବୁ ବୃତ୍ତିର ସୃଷ୍ଟିକର୍ତ୍ତା’



ସମାରୋହରେ ଉପସ୍ଥିତ ଅତିଥିମାନେ।

ଚାନ୍ଦବାଲି,୬।୯
(ଅଶୋକ ପଣ୍ଡା/କିଷାନ ପାତ୍ର)

## ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ, ସମ୍ବର୍ଦ୍ଧନା ସମାରୋହ

ଚାନ୍ଦବାଲି ବ୍ଲକ ବିଜୁ ସ୍ମୃତି ଭବନ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଗୁରୁଦିବସ ଅବସରରେ ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସମନ୍ୱୟ ସମିତିର ସଭାପତି ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବିଡିଓ ସଞ୍ଜୀବ ମହାପାତ୍ର, ବରେଣ୍ୟ ଅତିଥି ଚାନ୍ଦବାଲି ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ବିଶିଷ୍ଟ ଅତିଥି ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ପାଣି, ଅନ୍ୟତମ ବକ୍ତା ଭାବେ ସାହିତ୍ୟିକ ତଥା ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ଦାସ ଓ ସମନ୍ୱୟ ସମିତିର ସମ୍ପାଦକ ପ୍ରକାଶ କୁମାର ନାୟକ ଯୋଗଦେଇ ଶିକ୍ଷକତା ବୃତ୍ତି ସବୁ ବୃତ୍ତିର ସୃଷ୍ଟିକର୍ତ୍ତା ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ୧୩ଜଣ ଶିକ୍ଷାର୍ଥୀ, ୧୦ ଅବସରପ୍ରାପ୍ତ ଶିକ୍ଷକ ଏବଂ ଓଡ଼ିଶା ସୂଚନା ସେବାରେ କୃତିତ୍ୱ ଅର୍ଜନ କରିଥିବା ମଉସୁଧା ଗ୍ରାମର ଅଳିଭା ଅଭିଲିପ୍ସା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ କୁମାର ମଲ୍ଲିକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସିଆର୍‌ସିସି କୃଷ୍ଣଚନ୍ଦ୍ର ଜେନା ବିଜୁ ବନ୍ଦନା, ସିଆର୍‌ସିସି ତପନ ସାହୁ ଅତିଥି ପରିଚୟ, ଶିକ୍ଷକ ଅମୂଲ୍ୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ ଏବଂ ସମ୍ପାଦକ ପ୍ରକାଶ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ କଳାକୃତି ପ୍ରଦର୍ଶନ କରାଯାଇଥିଲା। ଅନୁପ କୁମାର ଦାସ, ଦେବାଶିଷ ମୁଦୁଲି, ମନୋଜ ସାହୁ, ଦିଲୀପ ନାୟକ, ସୁଶାନ୍ତ ପଣ୍ଡା, ବାସନ୍ତୀ ସେଠୀ, ବନଲତା ନାୟକ, ଅଶୋକ ଦାସ, ଶିବବ୍ରତ ରାଉତ, ସଞ୍ଜୟ ନାୟକ, କେଦାର ରାଉଳ, ପ୍ରମୋଦ କର, ଜୟନ୍ତ ସାହୁ, ସୁରଥ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ରବୀନ୍ଦ୍ର ନନ୍ଦୀ ଧନ୍ୟବାଦ ଦେଇଥିଲେ।

# ଧାନ ବିକ୍ରି ପାଇଁ ପଞ୍ଜୀକରଣ କଲେ ୧୩,୬୧୩ ଚାଷୀ

ବନ୍ତ,୫।୯ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକରେ ଖରିଫ ଧାନ ବିକ୍ରି ପାଇଁ ୧୩,୬୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ୨୦୨୫-୨୬ ଖରିଫ ଋତୁରେ ବନ୍ତ ବ୍ଲକର ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ନେଇ ୧୧ ସେବା ସମବାୟ ସମିତି ଓ ୭ ସ୍ୱୟଂସହାୟକ ଗୋଷ୍ଠୀକୁ ସରକାରୀ ଅନୁମତି ମିଳିଛି। ବସନ୍ତିଆ ସମବାୟ ସମିତିରେ ୯୧୩, ସରମରାରେ ୭୪୯, ସେଣ୍ଟତୀରାରେ ୧୪୫୮, କାଦବରାଙ୍ଗରେ ୬୫୩, ପୁରୁଷଣ୍ଡରେ ୧୦୭୦, ଗଣିଜାଙ୍ଗରେ ୧୪୯୪, ଚାଇଁପୁରରେ ୬୨୯, ପଧାନପଡ଼ାରେ ୧୨୯୪, ଟିଲୋରେ ୮୧୬, କେନ୍ଦୁଆପଦାରେ ୧୦୪୬ ଓ ରାମକୃଷ୍ଣପୁରରେ ୧୮୪ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେହିପରି ରାମକୃଷ୍ଣପୁର ପଞ୍ଚାୟତର ମା’ ତାରିଣୀ ଏସ୍‌ଏଚ୍‌ଜିରେ ୩୪୧, ଗୋପୀନାଥପୁର ପଞ୍ଚାୟତର ଜୟ ହନୁମାନ ଏସ୍‌ଏଚ୍‌ଜିରେ ୫୭୭, ରାମପୁର ପଞ୍ଚାୟତର ମା’ ପଶ୍ଚିମା ଏସ୍‌ଏଚ୍‌ଜିରେ ୭୯୩, ରାମଚନ୍ଦ୍ରପୁର ପଞ୍ଚାୟତର ମା’ ଥାନପତି ଗୋଷ୍ଠୀରେ ୫୦୮, ଆଡ଼ିଆର ସାଇଲକ୍ଷ୍ମୀ ଗୋଷ୍ଠୀରେ ୪୩୦, ତୋଡ଼ଗାଁ ଲକ୍ଷ୍ମୀବାଈ ଏସ୍‌ଏଚ୍‌ଜିରେ ୩୬୮ ଏବଂ ଓଡ଼ଙ୍ଗର ବାବା ବାଲୁକେଶ୍ୱର ଏସ୍‌ଏଚ୍‌ଜିରେ ୨୯୦ ଚାଷୀ ପଞ୍ଜୀକରଣ କରିଥିବା ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକଙ୍କଠାରୁ ସୂଚନା ମିଳିଛି।

# ରାସ୍ତାରେ ପାଣି, ପିଲାଙ୍କ ପାଠପଢ଼ାରେ ବାଧା

ଘଣ୍ଟେଶ୍ୱର, ୬।୯ (ବିପିନ ଦାଶ)

## ନିଷ୍କାସନ ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି

ବର୍ଷାପାଣିରେ ଗାଁ ରାସ୍ତା ବୁଡ଼ି ରହିଛି। ରାସ୍ତାରେ ପାଣି ଯୋଗୁ ପିଲାମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ଏପରିକି ଅଧିକ ପାଣି ହେଲେ ପିଲାମାନେ ସ୍କୁଲକୁ ଯାଇପାରୁ ନାହାନ୍ତି। ଏଭଳି ସମସ୍ୟାରେ ଦୀର୍ଘଦିନ ହେଲା ଘାଣ୍ଟି ହେଉଛନ୍ତି ଚାନ୍ଦବାଲି ବ୍ଲକ ଭାଟପଡ଼ା ପଞ୍ଚାୟତର ରାଉତପଡ଼ା ଗ୍ରାମବାସୀ। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାଉତପଡ଼ା ଗ୍ରାମ ରାସ୍ତା ନିଷ୍କାସନ ହୋଇପାରୁ ନାହିଁ। ସରପଞ୍ଚଙ୍କଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ସବୁଠି ଜଣାଇବା ପରେ ମଧ୍ୟ ସମାଧାନ ହୋଇପାରି ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏହି ଗ୍ରାମରେ ପ୍ରାୟ ୧୨ଶହ ଲୋକ ବସବାସ କରୁଛନ୍ତି। ପ୍ରତିବର୍ଷ ବର୍ଷାଦିନେ ଏଭଳି ସମସ୍ୟା ଲାଗିରହୁଛି। ଗାଁ ରାସ୍ତାରେ ବର୍ଷାପାଣି ଜମି ରହୁଥିବା ବେଳେ ଅଙ୍ଗନୱାଡି ଓ ସ୍କୁଲ ଛାତ୍ରୀଛାତ୍ର ପ୍ରତିଦିନ ଏହି ପାଣିରେ ପଶି ପାଠ ପଢ଼ିବାକୁ ଯାଉଛନ୍ତି। ଯେଉଁ ସମୟରେ ଅଧିକ ପାଣି ରହେ, ପିଲାମାନଙ୍କର ସ୍କୁଲ ଯିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଅସରାଏ ବର୍ଷା ହେଲେ ରାସ୍ତା ମଝିରେ ପାଣି ଲହଡ଼ି ମାରୁଛି। ଏହି ପାଣିରେ ପଶି ଯିବାଆସିବା ଫଳରେ ଜ୍ୱର ଥଣ୍ଡା ସହ ବିଭିନ୍ନ ପ୍ରକାରର ଚର୍ମ ରୋଗରେ ଗ୍ରାମବାସୀ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷେ ରାତି ହେଲେ ବିଷଧର ସାପ ବିଭିନ୍ନ ସମୟରେ ଲୋକଙ୍କ ଘର ଭିତରକୁ ପଶି ଯାଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବର୍ଷାଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏଠାରେ ଡ୍ରେନେଜ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭାଟପଡ଼ା ପଞ୍ଚାୟତର ରାଉତପଡ଼ା ଗ୍ରାମ ରାସ୍ତାରେ ପାଣି ଥିବାରୁ ଅଭିଭାବକମାନେ ପିଲାମାନଙ୍କୁ ଛାଡୁଛନ୍ତି।

# ସହରାଞ୍ଚଳ ଭୂମି ସର୍ବେକ୍ଷଣ 'ନକ୍ସା' ଯୋଜନାରେ ବାରିପଦା

ବାରିପଦା, ୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

■ନିର୍ଭୁଲ ତଥ୍ୟ ସହିତ ସହରୀ ଭୂମିର ଠିକ୍ ପରିଚୟ କାର୍ଯ୍ୟ ଆରମ୍ଭ

■ପାଇଲଟ ପ୍ରକଳ୍ପରେ ଓଡ଼ିଶାର ୪ଟି ପୌରପରିଷଦ ମଧ୍ୟରେ ବାରିପଦା

ମୟୂରଭଞ୍ଜ ଜିଲା ବାରିପଦା ପୌରପରିଷଦ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଭୂ-ସମ୍ବଳ ବିଭାଗ ଆନୁକୂଲ୍ୟରେ ଡିଜିଟାଲ ଇଣ୍ଡିଆ ଜମି ରେକର୍ଡ ଆଧୁନିକୀକରଣ ବ୍ୟବସ୍ଥା ଅଧୀନ ପାଇଲଟ ଯୋଜନା 'ନକ୍ସା'ରେ ସାମିଲ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦେଶର ୧୫୨ଟି ସହରରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି ଏବଂ ଓଡିଶାର ୪ଟି ପୌରପରିଷଦ ମଧ୍ୟରୁ ବାରିପଦା ପାଇଲଟ ପ୍ରକଳ୍ପ ଭାବେ ଅନ୍ତର୍ଭୁକ୍ତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି ।

ଏହି ଯୋଜନାରେ ଅନଲାଇନ ମାଧ୍ୟମରେ ନିର୍ଭୁଲ ଜମି ରେକର୍ଡ ଉପଲବ୍ଧ, ସହରାଞ୍ଚଳ ଭୂମି ପରିଚାଳନାରେ ଉନ୍ନତି, ଜମିଜମା ସଂକ୍ରାନ୍ତୀୟ ପ୍ରକ୍ରିୟାକରଣରେ ସ୍ୱଚ୍ଛତା, ବିଭିନ୍ନ ବର୍ଗର ସହରାଞ୍ଚଳ ପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ଡ୍ରୋନ କ୍ୟାମେରା ବ୍ୟବହାର କରାଯାଇ ଏରିଆଲ(ଡ୍ରୋନ) ସର୍ବେକ୍ଷଣ ମାଧ୍ୟମରେ ଶୀଘ୍ର ଏବଂ ଠିକ ଡାଟା ସଂଗ୍ରହ କରି ଭବିଷ୍ୟତର ଯୋଜନା ପ୍ରସ୍ତୁତ, ଜମିଜମା ରେକର୍ଡକୁ ସଙ୍ଗଠିତ କରିବା, ପୁରାତନ ତଥା ଅସମ୍ପୂର୍ଣ୍ଣ ତଥ୍ୟ ଯୋଗୁ ସରକାରୀ ଦଲିଲ ଓ ଜମି ମାଲିକ ଦଲିଲ ମଧ୍ୟରେ ଦେଖାଦେଉଥିବା ବୈଷମ୍ୟକୁ ଦୂର କରିବା, ଜମିଜମା ପରିଚାଳନା ପାଇଁ ସମାନ ବ୍ୟବସ୍ଥା ପ୍ରଚଳନ, ଜମି ମାଲିକଙ୍କ ବିଭିନ୍ନ ସମସ୍ୟା ସହ ବେଆଇନ ଜବରଦଖଲଜନିତ ଦୀର୍ଘଦିନର ଅଦାଲତରେ ଚାଲିଥିବା ମାମଲାଗୁଡିକୁ ସମାଧାନ ପାଇଁ ଏହା ସହାୟକ ହେବ।




ବାରିପଦା ପୌରପରିଷଦର ୨୮ଟି ୱାର୍ଡକୁ ଏଥିରେ ସାମିଲ କରାଯାଇଛି। ବାରିପଦା ତହସିଲ ଅଧୀନରେ ୩୪ଟି ଗ୍ରାମ ଓ ଶାମାଖୁଣ୍ଟା ତହସିଲ ଅଧୀନରେ ୨ଟିକୁ ମିଶାଇ ମୋଟ ୩୬ଟି ଗ୍ରାମ ସାମିଲ ହୋଇଛନ୍ତି। ସରକାରୀ ଭାବେ ବିଜ୍ଞପ୍ତି ଜାରି ସହିତ ଏନେଇ ୨ ଜଣ ମାଷ୍ଟର ଟ୍ରେନର ତାଲିମ ନେଇ ଫେରିଛନ୍ତି। ବର୍ତ୍ତମାନ ଉପରୋକ୍ତ ୱାର୍ଡ ବା ଗ୍ରାମରେ ବ୍ୟାପକ ପ୍ରଚାର ପ୍ରସାର ମାଧ୍ୟମରେ ନାଗରିକଙ୍କ ସହଭାଗିତାକୁ ଜୋରଦାର କରାଯିବ। ଜିଲାପାଳ ହେମକାନ୍ତ ସୟଙ୍କ ନେତୃତ୍ୱରେ ଏକ କମିଟି କାର୍ଯ୍ୟକ୍ରମକୁ ପରିଚାଳନା କରୁଛି। ବାରିପଦା ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଓ ଶାମାଖୁଣ୍ଟା ତହସିଲଦାର କମିଟିରେ ଥିବା ବେଳେ ରାଜସ୍ୱ ନିରୀକ୍ଷକ ଓ ଟ୍ୟାକ୍ସ କଲେକ୍ଟରଙ୍କୁ ନେଇ ୧୪ଟି ଟିମ ଗଠନ କରାଯାଇଛି। ଶନିବାର ପୌରପରିଷଦର ୨୮ଜଣ କାଉନସିଲରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ୱାର୍ଡରେ ବୈଠକ ଅନୁଷ୍ଠିତ ହେବା ସହିତ ଫର୍ମ-୨ ଜରିଆରେ ନାଗରିକ ସେମାନଙ୍କର ଘୋଷଣାପତ୍ର ପ୍ରଦାନ କରିବେ। ବୋର୍ଡ ଅଫ ରେଭନ୍ୟୁରୁ ଏକ ମାନଚିତ୍ର ଆସିବା ପରେ ଏରିଆଲ ସର୍ଭେରୁ ମିଳିଥିବା ତଥ୍ୟ ସହିତ ମେଳ କରାଯିବ। ଏହାପରେ ଇ-ତଥ୍ୟ ପ୍ରସ୍ତୁତ ହେବ । ଯାହାକି ରାଜସ୍ୱ ବିଭାଗ ସହିତ ପ୍ରତ୍ୟେକ ଲାଇନ ଡିପାର୍ଟମେଣ୍ଟ ପାଖରେ ମହଜୁଦ ରହିବ। ଫଳରେ ଜନସାଧାରଣଙ୍କ ସମସ୍ତ କାର୍ଯ୍ୟ ସ୍ୱଳ୍ପ ସମୟରେ ସମ୍ପାଦନ ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି।

# ଏସ୍‌ବିଆଇର ସାଚୁରେସନ କ୍ୟାମ୍ପ



ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)

ମୟୂରଭଞ୍ଜ ଜିଲା ବିଶୋଇ ଶାଖା ବିଶୋଇ ବ୍ଲକର ଯୋଡ଼ିଆ ପଞ୍ଚାୟତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଏକ ସାଚୁରେଶନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆରବିଆଇର ଡେପୁଟି ଜେନେରାଲ ମ୍ୟାନେଜର ମଧୁକର ଆନନ୍ଦ, ସୂର୍ଯ୍ୟ ନାରାୟଣ ମହାନ୍ତି, ମୟୂରଭଞ୍ଜ ଏଲ୍‌ଡିଏମ୍, ଏସ୍‌ବିଆଇ ମ୍ୟାନେଜର ତିରକାନ୍ତ ନାୟକ, ବିଶୋଇ ଏସ୍‌ବିଆଇ ଶାଖା ପ୍ରବନ୍ଧକ ତୁଷାରକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରି-କେୱାଇସି,ଏସ୍‌ଏସ୍‌ଏସ୍ ଉତ୍ପାଦ, ଦାବି ସମାଧାନ, ନିଷ୍କ୍ରିୟ ଆକାଉଣ୍ଟ, ସାଇବରଣ୍ ଠକେଇ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବିଓଆଇ ଏବଂ ଓଜିବି ମୟୂରଭଞ୍ଜ ବିଏମ୍ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ ଜଣ ଗ୍ରାହକ ଯୋଗ ଦେଇଥିଲେ।

# ଧାନବିଲରୁ ମୃତଦେହ ଜବତ

ରାଇରଙ୍ଗପୁର,୬।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ବାନ୍ଦୁଦୁମା ଗ୍ରାମାଞ୍ଚଳ ରାସ୍ତାପାର୍ଶ୍ୱ ଏକ ଧାନବିଲରୁ ଶୁକ୍ରବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହଳଦା ଥାନା ଅନ୍ତର୍ଗତ ଅଶନା ଗ୍ରାମର ମାଇସା ହେମ୍ବ୍ରମ। ମାଇସା ଗୁରୁବାର ଯାମଦା ଅଞ୍ଚଳକୁ ଯାନ୍ତାଳ ପର୍ବ ଦେଖିବାକୁ ଯାଇ ଘରକୁ ଫେରି ନ ଥିଲେ। ଶୁକ୍ରବାର ବିଲରେ ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପରିବାର ଲୋକେ ଶନିବାର ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ କରୁଛି।

# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ



ଏଆଇସିସି ସଦସ୍ୟ ଅଖିଳେଶ ଶୁକ୍ଲାଙ୍କୁ କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ପାଛୋଟି ନେଉଛନ୍ତି।

ମୋରଡ଼ା,୬।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଚିତ୍ରଡ଼ା ସପ୍ଲାଇ ଛକରେ ଶନିବାର ପୂର୍ବାହ୍ନ ୧୧ଟାରେ କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଆଇସିସି ସଦସ୍ୟ ଅଖିଳେଶ ଶୁକ୍ଲା ଏଥିରେ ଯୋଗ ଦେଇଥିଲେ। ଶୀର୍ଷାପାଳ ଛକରେ ସେ ପହଞ୍ଚିବା ପରେ ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା, ପୁରୁଷ, ଯୁବ ଛାତ୍ର କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ପଦଯାତ୍ରାରେ ସପ୍ଲାଇ ଛକ ନିକଟକୁ ପାଛୋଟି ନେଇଥିଲେ। ଏହାପରେ ସପ୍ଲାଇ ଛକରେ ମଧ୍ୟ କର୍ମୀମାନେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଜିଲା ସଂଯୋଜକ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଆଇସିସି ସଦସ୍ୟ ଶୁକ୍ଲାଙ୍କ ସହ କଂଗ୍ରେସ ନେତା ପ୍ରଭାସକର ମହାପାତ୍ର, ଯୋଗେଶ ଅଗ୍ରୱାଲ, ରାଜେଶ ପଡିହାରୀ, ସେକ୍ ମୁସ୍ତାଫା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ତୃଣମୂଳ ସ୍ତରରୁ ଲୋକଙ୍କ ସହ ଜଡ଼ିତ ରହି ସେମାନଙ୍କ ସମସ୍ୟାକୁ ଆଧାର କରି ଯିଏ ସ୍ୱର ଉତ୍ତୋଳନ କରିପାରିବେ, ସେପରି ଲୋକଙ୍କୁ ହିଁ ଜିଲା ସଭାପତି କରାଯିବ ଏବଂ ଏଥିପାଇଁ ଏଆଇସିସି ସଦସ୍ୟ ଉପସ୍ଥିତ ଶତାଧିକ କର୍ମୀଙ୍କ ମତାମତ ଲୋଡ଼ିଥିଲେ। ବ୍ଲକର ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ଯୁବ ସଭାପତି ତାପସ ରଞ୍ଜନ ରାଉତ, ଶୁଭ କୁମାର ମହାନ୍ତ, ଅସିତ ବେହେରା, ପିତ୍ତରଞ୍ଜନ ଜେନା ପ୍ରମୁଖଙ୍କ ସହ କର୍ମୀମାନେ ଏଥିରେ ସାମିଲ ଥିଲେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବେତନଟୀ,୬।୯(ଧରଣୀ ଧର ମହାନ୍ତି):

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପରୀକ୍ଷାଗାର ସହାୟକ ସାଇମନ ପିଟରଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ଅଧ୍ୟକ୍ଷା ମନ୍ଦାକିନୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତରେ କର୍ମଚାରୀଙ୍କୁ ଉପଢ୍ୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଭରତ ଚନ୍ଦ୍ର ସି, ଶ୍ରୀକାନ୍ତ ଦାସ, ଅଭୟ କୁମାର ସେନାପତି, ଜାମିନୀକାନ୍ତ ଗିରି, ଭବେନ୍ଦ୍ର ଦେ, ଭୂପାଳ ଚନ୍ଦ୍ର ପ୍ରଧାନ, ସଞ୍ଜିତ ଦାସ, ଗଜେନ୍ଦ୍ର ବେହେରା, ଅଜିତ ବେହେରା, ମନୋରଞ୍ଜନ ବେହେରା, ବସନ୍ତ ବାରିକ, ଉମାକାନ୍ତ ବେହେରା, ଭବାନୀ ଶଙ୍କର ମହାନ୍ତ, ତପତି ତପସ୍ୱିନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି, କାଦୁଅରେ ଲୋକେ ହନ୍ତସନ୍ତ

କୁଳିଅଣା,୬।୯(ଗୋପୀନାଥ ବେହେରା)

**ବଡ଼ଜୁଣବଣି ଗ୍ରାମ ରାସ୍ତା ଶୋଚନୀୟ**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ କୁଚେଇ ପଞ୍ଚାୟତ ଅନ୍ତର୍ଗତ ବଡ଼ଜୁଣବଣି ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ହେଲା ମରାମତି ଅଭାବରୁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଖାଲରେ ପାଣି ଜମି କାଦୁଅ ପଚପଚ ହେଉଥିବା ବେଳେ ଲୋକେ ଦୈନିକ ହନ୍ତସନ୍ତ ହୋଇ ଯାତାୟାତ କରୁଛନ୍ତି।

ପ୍ରକାଶ ଯେ, ବଡ଼ଜୁଣବଣି ଗାଁ ସଦରମହକମାଠାରୁ ପୋସିଅସନଯୋଡ଼ା ରାସ୍ତା ୨୦୧୩ରେ ମାଟି କାମ ହୋଇଥିଲା। ପରେ ଆଜି ପର୍ଯ୍ୟନ୍ତ ମୋରମ ମୁଠାଏ ପଡ଼ିନାହିଁ। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ କାଦୁଅ ପଚପଚ ହେଉଛି। ରାସ୍ତା ଉପରେ ୪୦ରୁ ୫୦ ପରିବାର ନିର୍ଭର କରୁଥିବା ବେଳେ ରାସ୍ତାରେ ଗାଡି ଯିବା ଦୂରର କଥା ଚାଲିକି ଯିବା ବି କଷ୍ଟକର ହେଉଛି। ଯଦି କେବେ କାହାର ଅସୁବିଧା ହୁଏ ଜରୁରିକାଳୀନ ଗାଡ଼ି ତଥା ଆମ୍ବୁଲାନ୍ସ ଆସିପାରେନାହିଁ। ପ୍ରତିଦିନ ଛାତ୍ରୀଛାତ୍ର କାଦୁଅରେ ପଶି ସ୍କୁଲ, କଲେଜ ଯାଉଛନ୍ତି। ରାସ୍ତା ମରାମତି କରା ନ ଗଲେ ୧୮ନମ୍ବର ଜାତୀୟ ରାଜପଥ ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ସ୍ଥାନୀୟ ବସିନ୍ଦା ଦଶରଥ ଟୁଡୁ, ମାୟା ମଣି, ଭାରତୀ ଟୁଡୁ, ହରେକୃଷ୍ଣ ଟୁଡୁ, ଦୀପିକା, ଶଙ୍କର, ଭାରତୀ ଟୁଡୁ, ଜୟନ୍ତୀ, ଦ୍ରୌପଦୀ ମୁର୍ମୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ସରପଞ୍ଚ ନମିତା ଡେଙ୍ଗୁଆ କହିଛନ୍ତି, ଆରଡି ବିଭାଗୀୟ ଯନ୍ତ୍ରୀ ରାସ୍ତାର ସାମୀକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର ନୂତନ ରାସ୍ତା ତିଆରି ହେବ। କୁଳିଅଣା ବିଡିଓ ଜିତେନ୍ଦ୍ର ମୁର୍ମୁ କହିଛନ୍ତି, ଏବେ ବର୍ଷା ଦିନ ହେତୁ କାମ କରିହେବନି। ତା ପାଇଁ ନୂଆ ପ୍ରକଳ୍ପ ଅର୍ଥ ଆସିଲେ କରାଯିବ।



କାଦୁଅ ରାସ୍ତାରେ ଲୋକେ ଯାଉଛନ୍ତି।

# ମୟୂରଭଞ୍ଜରେ ବିଧାନସଭା, ଲୋକ ସଭା ଆସନ ବୃଦ୍ଧି ଦାବି

ବାରିପଦା,୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ନିର୍ବାଚନ କମିଶନରଙ୍କୁ ଦାବିପତ୍ର**

ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ମୟୂରଭଞ୍ଜ ଜିଲାକୁ ପୁନଃ ଡିଲିମିଟେସନ କରାଯାଇ ବିଧାନସଭା, ଲୋକସଭା ନିର୍ବାଚନ ମଣ୍ଡଳୀ ବୃଦ୍ଧି କରାଯିବାକୁ ଦାବି ହୋଇଛି। ଏ ନେଇ ସଂଗଠନର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିଶନର, ମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛି।

ଦାବି ମୁତାବକ, ଓଡ଼ିଶାର ସର୍ବବୃହତ ଆଦିବାସୀ ଅଧିଷିତ ଜିଲା ମୟୂରଭଞ୍ଜକୁ ବିଗତ ୨୦୦୯ରେ ହୋଇଥିବା ଡି-ଲିମିଟେସନରେ ଉପେକ୍ଷା କରାଯାଇଥିଲା। ଏନେଇ ବିଗତ ୫ ବର୍ଷ ଧରି ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ଆନ୍ଦୋଳନ କରାଯାଇ ଆସୁଛି। ଜିଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀକୁ କେନ୍ଦୁଝର ଲୋକସଭା କ୍ଷେତ୍ରରେ ଏବଂ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ରଖାଯାଇଛି। ସେହିପରି ଜିଲାର ପୂର୍ବରୁ ଥିବା ୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ କମାଇ ୯ଟିରେ ସୀମିତ ରଖାଯାଇଛି। ଜିଲାରେ ଥିବା ଏକମାତ୍ର ପୂର୍ଣ୍ଣାଙ୍ଗ ଲୋକସଭା କ୍ଷେତ୍ର ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଥିବା ବେଳେ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ମୋରଡ଼ାକୁ ଛାଡ଼ିଦେଲେ ସବୁ ଆସନ ସଂରକ୍ଷିତ ରହିଛି। ଏଣୁ ଜିଲାରେ ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ କରାଯାଇ ଆୟତନ ଏବଂ ଜନସଂଖ୍ୟା ଦୃଷ୍ଟିରୁ ୧୨ଟି ବିଧାନସଭା ସହ ଅନୁନ୍ୟ ଦୁଇଟି ଲୋକସଭା ଆସନ ଗଠନ କରିବାକୁ ଦାବି କରିଛନ୍ତି। ଗୋଟିଏ ଲୋକସଭା ଆସନ ଏବଂ ୩ଟି ବିଧାନସଭା ଆସନକୁ ସଂରକ୍ଷଣ ମୁକ୍ତ ରଖାଯିବାକୁ ଦାବି କରାଯାଇଛି। ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ଗୋଲକ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଅରବିନ୍ଦ ଦାସ, ଲିଙ୍ଗରାଜ ମିଶ୍ର, ପ୍ରଦୀପ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରନିକେତନ ପକ୍ଷରୁ ଗୁରୁପୂଜନ

କେନ୍ଦୁଝର,୬।୯(ଦୀପକ ମିଶ୍ର): କେନ୍ଦୁଝର ଜିଲାର ଅଗ୍ରଣୀ ତଥା ସୁନାମଧନ୍ୟ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ଶିକ୍ଷାନୁଷ୍ଠାନ ସୁରନିକେତନ ପକ୍ଷରୁ ପବିତ୍ର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବନ୍ଦନା ସଙ୍ଗୀତର ତାଳେ ତାଳେ ଅନୁଷ୍ଠାନର ଛାତ୍ରୀଛାତ୍ର ଗୁରୁ ରାଜେନ୍ଦ୍ର ବେହେରା ଓ ସୁନୀତା ପଟ୍ଟନାୟକଙ୍କୁ ମୁଣ୍ଡରେ ଚନ୍ଦନ, ସିନ୍ଦୁର, ଅରୁଆ ଚାଉଳ, ହାତରେ ଗୁରୁ ବନ୍ଧନର ସୁତା ଓ ବନ୍ଦାପନା ପୂର୍ବକ ପୂଜା କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ସାମଲ ଅତିଥିଭାବେ ଯୋଗଦେଇ ଗୁରୁପୂଜନର ମହାନ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଶରଣ୍ୟା, ରାଜଶ୍ରୀ, କୃତାଞ୍ଜଳି, ସସ୍ମିତା, ମୀରା, ସାନଭି, ସୀମା, ସତ୍ୟଜିତ, ଆଦ୍ୟାଶା, ଲାର୍ସେନ, ଦର୍ଶନୀ, ଶ୍ରାବଣୀ, ଜ୍ୟୋସ୍ନା, ସ୍ନେହାଶ୍ରୀ, ଅନୁସୁୟା, ସମ୍ପନ୍ନା, ପ୍ରିସା, ସିଦ୍ଧି, ଲକ୍ଷ୍ମୀପ୍ରିୟା, ପଦ୍ମିନୀ, ଜୁବୁଲି ପ୍ରମୁଖ ଗୁରୁପୂଜନରେ ଅଂଶଗ୍ରହଣ କରିଥିଲେ।

# ଯୋଡ଼ାର ୨ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ

ଯୋଡ଼ା,୬।୯(ମାନସ ମହାନ୍ତି)

ପବିତ୍ର ଗୁରୁ ଦିବସ ଉପଲକ୍ଷେ ସରକାରୀ ଯୋଡ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅମରେଶ ଚନ୍ଦ୍ର ସେଠୀ ଓ ଦେଓଝର୍ ଧବଳେଶ୍ୱର ହାଇ ସ୍କୁଲର ସହକାରୀ ଶିକ୍ଷକ ସୌମ୍ୟପ୍ରକାଶ ସାହୁ ୨୦୨୪- ୨୫ ଶିକ୍ଷାବର୍ଷ ପାଇଁ ପ୍ରଥମ ଭାଷା ଓଡ଼ିଆ ଓ ବିଜ୍ଞାନ ନିମନ୍ତେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ପରାମର୍ଶ କ୍ରମେ ଓଡ଼ିଶା ସରକାରଙ୍କ ଦ୍ୱାରା ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ବିଦ୍ୟାଳୟର ଛତ୍ରୀଛାତ୍ରଙ୍କୁ ନୂତନ ଶିକ୍ଷା ପଦ୍ଧତିରେ ଗୁଣାତ୍ମକ ଶିକ୍ଷାଦାନ ଦେବା, ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ବିଦ୍ୟାଳୟକୁ ଆସି ପାଠ ପଢ଼ିବା ପାଇଁ ପ୍ରେରିତ କରିବା, ଏନ୍‌ସିସି ଅଧିକାରୀ ଭାବରେ ପରିବେଶ, ନିଶା ନିବାରଣ, ସ୍ୱଚ୍ଛତା ପାଇଁ ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ଜନସଚେତନ କାର୍ଯ୍ୟକ୍ରମରେ ତାଙ୍କର ଉଲ୍ଲେଖନୀୟ ଅବଦାନ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ତେଲକୋଇ ବିଧାୟକ
ଡ.ଫକୀର ଚରଣ ନାୟକଙ୍କ ସହ ୨ ଶିକ୍ଷକ।

# ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି

# ମାଣତ୍ରୀ ବ୍ଲକ୍ ଗଠନ ଦାବି

ବଡ଼ସାହି, ୬।୯(ସସ୍ମିତ କୁମାର ରାଉତ)

ମୟୂରଭଞ୍ଜ ଜିଲାର ସର୍ବବୃହତ୍ ବଡ଼ସାହି ବ୍ଲକ୍ ବିଭାଜନ ପୂର୍ବକ ୧୦ ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ଗଠନ ପାଇଁ ଶନିବାର ଜିଲାପାଳଙ୍କ ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିରରେ ଦାବି କରାଯାଇଛି। ଏନେଇ ନିର୍ବାଚିତ ଲୋକପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ ଓ ବୁଦ୍ଧିଜୀବୀମାନେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଜିଲାପାଳ ହେମକାନ୍ତ ସୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବଡ଼ସାହି ବ୍ଲକର ୩୦ ପଞ୍ଚାୟତ ପାଇଁ ଜନସାଧାରଣ ସରକାରୀ ସୁବିଧା ସୁଯୋଗ ଠିକ୍ ଭାବେ ପାଇପାରୁନାହାନ୍ତି। ଏଥିସହ ବିକାଶ କାର୍ଯ୍ୟ ମଧ୍ୟ ବିଳମ୍ବ ହେଉଛି। ବ୍ଲକ୍‌ର ପୂର୍ବଭାଗ ମାଣତ୍ରୀ ଜିଲା ପରିଷଦ ଜୋନ (ନଂ.୨୪)ରେ ୯ଟି ପଞ୍ଚାୟତ ଅନ୍ତର୍ଭୁକ୍ତ ସହ ଯୋଗୀନୂଆଗାଁ ପଞ୍ଚାୟତକୁ ମିଶାଇ ୧୦ ପଞ୍ଚାୟତକୁ ନେଇ ଏକ ବ୍ଲକ୍ ଗଠନ ଆବଶ୍ୟକ। ଏହି ଜୋନ୍ ଅଧୀନ ପଞ୍ଚାୟତଗୁଡ଼ିକ ଜିଲାର ସୀମାନ୍ତବର୍ତ୍ତୀ ବାଲେଶ୍ୱର ଅଞ୍ଚଳକୁ ଲାଗିଛି। ଏଥିସହ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ସଂଲଗ୍ନ ପଞ୍ଚାୟତ ହେତୁ ବନ୍ୟାପ୍ରବଣ ଅଞ୍ଚଳ। ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ସରକାରୀ ସହାୟତା ପାଇବା ପାଇଁ ଦୀର୍ଘ ୨୫/୩୦ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ବ୍ଲକ କିମ୍ବା ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏଥିପାଇଁ ସମୟ, ଅର୍ଥ ଓ ଅଧିକ ପରିଶ୍ରମ ବିନିଯୋଗ ହେଉଛି। ଏହାବ୍ୟତୀତ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ଅତ୍ୟନ୍ତ କଷ୍ଟଦାୟକ। କୌଣସି କାରଣରୁ ବ୍ଲକ ପ୍ରଶାସନ ସହ ଯୋଗାଯୋଗ ହୋଇ ନ ପାରିଲେ ପୁନର୍ବାର ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ପଡ଼େ। ଏଣୁ ସାମ୍ପ୍ରତିକ ପରିସ୍ଥିତିରେ ଏକ ନୂତନ ବ୍ଲକ୍ ଗଠନ ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ବହୁ ପୁରାତନ ଶୈବପୀଠ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦିଆଯାଇଛି। ପ୍ରତ୍ୟେକ ଦିନ ଏହି ପୀଠକୁ ବହୁ ଦର୍ଶନାଭିଳାଷୀ ବାବାଙ୍କ ଆଶିଷ ଲାଭ କରିବାକୁ ଆସିଥାନ୍ତି। ୧୦ ପଞ୍ଚାୟତର ମଧ୍ୟବର୍ତ୍ତୀ ଅଞ୍ଚଳ ମାଣତ୍ରୀ ହୋଇଥିବାରୁ ମାଣତ୍ରୀକୁ ନୂତନ ବ୍ଲକ୍ ଗଠନକୁ ଅଗ୍ରାଧିକାର ଦିଆଯିବାକୁ ଦାବି କରାଯାଇଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଜିଲାପାଳ କହିଛନ୍ତି। କାର୍ଯ୍ୟକାରୀ କମିଟି ଉପାଧ୍ୟକ୍ଷା ତଥା ବଡ଼ସାହି ବ୍ଲକ ଚେୟାରମ୍ୟାନ ମିନତି ସିଂ, ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନା, ସରପଞ୍ଚ ସଂଘ ସଭାପତି ହରିଶ୍ଚନ୍ଦ୍ର ମୁର୍ମୁ, ସମିତିସଭ୍ୟ ସଂଘ ସଭାପତି ରାକେଶ କୁମାର ମହାପାତ୍ର, ଅନନ୍ତ ପଣ୍ଡା, ପ୍ରକାଶ ଚନ୍ଦ୍ର ଦଳେଇ, ଶଙ୍କର୍ଷଣ ବିଶ୍ୱାଳ, ସୁମିତ୍ରା ବଳବନ୍ତରାୟ, ସଂଗ୍ରାମ କେଶରୀ ପାତ୍ର, ନୀହାର ରଞ୍ଜନ ମହାପାତ୍ର, ଗୋପାଳ ମହାନ୍ତି, ରାକେଶ ମିଶ୍ର, ସୁଧୀର ଷଡ଼ଙ୍ଗୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ବହୁସଦସ୍ୟ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ସ୍ୱତନ୍ତ୍ର ଯୁଗ୍ମ ଜନଶୁଣାଣି ଶିବିରରେ ଦାବିପତ୍ର ପ୍ରଦାନ କରାଯାଉଛି।

## ୧୨୦୦ ଅଭିଯୋଗର ଶୁଣାଣି

ବାରିପଦା,୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନ ୧୦ଟାରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ଏକ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ବାରିପଦା ପିଏଆଇଟିଡିଏ ପ୍ରଣୟ ବେହେରା, ବ୍ଲକ ଅଧ୍ୟକ୍ଷା ମିନତି ସିଂ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବଡ଼ସାହି ଓ ବେତନଟୀ ବ୍ଲକର ୧୨୦୦ରୁ ଊର୍ଦ୍ଧ୍ୱ ଅଭିଯୋଗପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ସେଥିମଧ୍ୟରେ ଆବାସ ଯୋଜନା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା, ରାଶନ କାର୍ଡ, ସାଧାରଣ ଯୋଗାଣ, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଚିକିତ୍ସା ସହାୟତା, ରାସ୍ତାଘାଟ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ତହସିଲ ଜମିଜମା, ଭୂମିହୀନ ଜମିପଟ୍ଟା, ଜଙ୍ଗଲ ଜମିପଟ୍ଟା, ଶିଶୁ ବିକାଶ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଆଦି ସମ୍ପର୍କିତ ଅଭିଯୋଗ ଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ୩ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ହଜାର ଏବଂ ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୫ହଜାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ଓ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ବଡ଼ସାହି ବିଡିଓ ବନଜା ଦାସ ଓ ବେତନଟୀ ବିଡିଓ ସୁଶାନ୍ତ ସୂତାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱତନ୍ତ୍ର ଜନଶୁଣାଣି ଶିବିର ପରିଚାଳନାରେ ଜିଲା କାର୍ଯ୍ୟାଳୟ ଓ ବଡ଼ସାହି ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ଉତ୍କଳ ବ୍ରାହ୍ମଣ ପୂଜକ ସଂଘର ଚତୁର୍ଥ ବାର୍ଷିକ ଉତ୍ସବ

କେନ୍ଦୁଝର,୬।୯(ଦୀପକ ମିଶ୍ର)

କେନ୍ଦୁଝର ବେଦ ବିଦ୍ୟାଳୟ ପରିସରରେ ଶୁକ୍ରବାର ସକାଳ ୯ରେ ଉତ୍କଳ ବ୍ରାହ୍ମଣ ପୂଜକ ସଂଘ ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅତିଥିଭାବେ ତେଲକୋଇ ବିଧାୟକ ଡ. ଫକିର ମୋହନ ନାୟକ, ପାଟଣା ବିଧାୟକ ଅଲେଖ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପଣ୍ଡିତ ମଧୁସୂଦନ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତାଭାବେ ଓଡ଼ିଶା ବ୍ରାହ୍ମଣ ମହାସଭାର ସଭାପତି ତଥା ଭଦ୍ରକ ଲୋକ ଭାଷା ପ୍ରଚାର ସମିତିର ପ୍ରତିଷ୍ଠାତା ପଣ୍ଡିତ ସଦାନନ୍ଦ ଦୀକ୍ଷିତ ଯୋଗଦେଇ ବ୍ରାହ୍ମଣ ସମାଜର ଏକତା କର୍ମକାଣ୍ଡ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସଭାପତି ବ୍ରଜ କିଶୋର ମହାପାତ୍ର ସମ୍ୟକ ଭାଷଣ ଦେଇଥିବା ବେଳେ ସମ୍ପାଦକ ଶ୍ରୀକାନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଖବରଦାତା ଜୁବୁଲି ମିଶ୍ର ଓ ବଡ଼ ଦେଉଳର ବଡ଼ପଣ୍ଡା ରାଜ କିଶୋର ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଗୀତା ପାଠ, ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ତୁତି ଓ ସ୍ତବ ପାଠ, ଶଙ୍ଖ ବାଦନ ପ୍ରତିଯୋଗିତା ଓ ହୁଳହୁଳି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ବଣ୍ଟନ କରାଗଲା। ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ସଂଘର ଆଜୀବନ ସଦସ୍ୟଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଗଲା। ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ପରିବାର ଓ ଯଜମାନ ଏକତ୍ରିତ ହୋଇଥିଲେ। ଉପ ସମ୍ପାଦକ ସୁବାହୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ମାନସ କୁମାର ହୋତା, ଅମିୟ ହୋତା, ରାକେଶ ମିଶ୍ର, ଦେବୁ ପ୍ରସାଦ ମିଶ୍ର, ସୁଶାନ୍ତ ପଣ୍ଡା ଓ ସନ୍ଦୀପ ପାଢ଼ୀ, ବରିଷ୍ଠ ଓକିଲ ଚତୁର୍ଭୁଜ ହୋତା, ନିମାଇଁ ଚରଣ ଦାଶ, କୈଳାଶ ଚନ୍ଦ୍ର ପଣ୍ଡା, ସଦାଶିବ ମିଶ୍ର, ପଣ୍ଡିତ ବିଜୟ କୁମାର ପଟ୍ଟଯୋଶୀ ପ୍ରମୁଖ ସହଯୋଗ କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ଜୁଆଙ୍ଗସାହି

କେନ୍ଦୁଝର,୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

■ଅଧାରୁ ଅଧିକ ଭଙ୍ଗା, ଦଦରା ଘରେ ରହୁଛନ୍ତି

■ପକ୍କାଘର ଯୋଗାଇଦେବାକୁ ଦାବି

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆବାସ ଯୋଜନାରେ ଗରିବ ଶ୍ରେଣୀର ଲୋକଙ୍କୁ ପକ୍କାଘର ପ୍ରଦାନ କରାଯାଉଛି। ଏ ନେଇ ରାଜକୋଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କେନ୍ଦୁଝର ଜିଲାର ପୁରାତନ ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। କୌଣସି ସହାୟତା ମିଳି ନ ଥିବାରୁ ଭଙ୍ଗା ଏବଂ କଚ୍ଚାଘରେ ରହିବାକୁ ବାଧ ହେଉଥିବା କହିଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇ ଗ୍ରାମର ଜୁଆଙ୍ଗ ସାହିରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ସାହିର ପଞ୍ଚୁ ଜୁଆଙ୍ଗ ବହୁ ବର୍ଷ ଧରି ଭଙ୍ଗାଘରେ ପରିବାର ସହ ରହୁଛନ୍ତି। ପଞ୍ଚୁଙ୍କ ପରିବାରରେ ସ୍ତ୍ରୀ ଏବଂ ୩ ଝିଅ ରହିଛନ୍ତି। ସ୍ୱାମୀ ଏବଂ ସ୍ତ୍ରୀ ଦିନ ମଜୁରିଆ ଭାବରେ କାମକରି ଘର ଚଳାଉଛନ୍ତି। ଜବ୍‌କାର୍ଡ ଥାଇ ବି ଅନେକ ସମୟରେ ଗାଁ ପାଖରେ କାମ ପାଉ ନ ଥିବାରୁ ବାହାର ଜିଲା ଓ ରାଜ୍ୟକୁ ଯାଇ କାମ କରୁଛନ୍ତି। ସ୍ୱଳ୍ପ ରୋଜଗାରରେ ଘର କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଆର୍ଥିକ ଅସୁବିଧା ଯୋଗୁ ଘର ମରାମତି ବି କରିପାରୁନାହାନ୍ତି। ଘର ଖଣ୍ଡେ ପାଇଁ ପଞ୍ଚାୟତରୁ ବ୍ଲକ୍‌କୁ ଦୌଡ଼ି ନୟାନ୍ତ ହୋଇଥିଲେ ବି କେହି ଶୁଣୁ ନ ଥିବା ପଞ୍ଚୁଙ୍କ ପରିବାର କହିଛନ୍ତି। ଲଗାଣ ବର୍ଷାରେ ମାଟିଘର ଭୁଶୁଡ଼ି ପଡ଼ିବା ଭୟ ରହିଛି। ଅନେକ ସମୟରେ ସାପ ମଧ୍ୟ ଘରେ ପଶିଯାଉଛନ୍ତି। ସାହିରେ ୪୬ ପରିବାର ବସବାସ କରୁଥିବା ବେଳେ ସାହିର ବେଲା ଜୁଆଙ୍ଗ, ରଣଜିତ ଜୁଆଙ୍ଗ, ବାଇରୁ ଜୁଆଙ୍ଗ, କ୍ଷୀରୋଦ ଜୁଆଙ୍ଗ, ଚନ୍ଦ୍ରଭାନୁ ଜୁଆଙ୍ଗ, ଲତା ଜୁଆଙ୍ଗ, ଡୋଲାଗୋବିନ୍ଦା ଜୁଆଙ୍ଗ, ଡାକ୍ତର ଜୁଆଙ୍ଗ, କରୁଣାକର ଜୁଆଙ୍ଗ, ଜୟକ୍ରିଷ୍ଣା ଜୁଆଙ୍ଗ, ଇଣ୍ଡିକା ଜୁଆଙ୍ଗ, ସବିତା ଜୁଆଙ୍ଗ, ଗୁଲାନି ଜୁଆଙ୍ଗ, ନଭାତି ଜୁଆଙ୍ଗ, ରାମା ଜୁଆଙ୍ଗ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ ପରିବାର ଗତ ୧ ଦଶନ୍ଧି ଧରି କଚ୍ଚାଘରେ ରହୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କିଛି ବର୍ଷ ପୂର୍ବେ କେତେଜଣ ଭାଗ୍ୟବାନ୍ ଲୋକ ଇନ୍ଦିରା ଆବାସ ଯୋଜନାରେ ଟାଇଲ ଘର ପାଇଥିଲେ। ସେଥିମଧ୍ୟରୁ ଅଧିକାଂଶ ଅସମ୍ପୂର୍ଣ୍ଣ ପଡ଼ିରହିଛି। ଗ୍ରାମ ସଦର ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ବେଳେ କେନ୍ଦୁଝର ମୁଖ୍ୟାଳୟରୁ ମାତ୍ର ୧୮ କି.ମି. ଦୂରରେ ଅବସ୍ଥିତ। ନେତାମାନେ ନିର୍ବାଚନ ସମୟରେ ଭୋଟ ମାଗିବାକୁ ଆସି ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ପରେ ସେମାନେ ସେଗୁଡ଼ିକୁ ଭୁଲିଯାଆନ୍ତି। ବାରମ୍ବାର ଆବାସ ପାଇଁ ଆବେଦନ କରୁଥିବା ବେଳେ ପଞ୍ଚାୟତ ଅଧିକାରୀ ଘର ଆସିଗଲା, ଏବେ ତୁମେ ପାଇବ, ଟିକେ ଅପେକ୍ଷା କର କହି ଭଣ୍ଡେଇ ଦେଉଛନ୍ତି। କିଛି ମାସ ତଳେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଆବାସ ପ୍ରଦାନ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଅଦ୍ୟାବଧି ଘର ପାଇ ନ ଥିବାରୁ ବହୁ ଅସୁବିଧାରେ ରହୁଥିବା ଗ୍ରାମବାସୀ କହିଛନ୍ତି। ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି, ଅଭିଯୋଗ ସ୍ପଷ୍ଟକରିବା ପାଇଁ ଆମେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଛୁ। କୁଣ୍ଢେଇ ଗାଁର କେଉଁ ହିତାଧିକାରୀଙ୍କ ସପକ୍ଷରେ କେବେ ଏବଂ କେତେ ପକ୍କାଘର ମଞ୍ଜୁର କରାଯାଇଥିଲା ତାହା ମଧ୍ୟ ସ୍ପଷ୍ଟହେବ। ନଚେତ୍ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ପରିଷଦର କୁମାର ନାଗଭୂଷଣ କହିଛନ୍ତି, ସମସ୍ତ ପରିବାରକୁ ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ସାମିଲ କରାଯିବ। ଏଥିପାଇଁ ତାଲିକା ପ୍ରସ୍ତୁତ ହୋଇଛି। କୌଣସି ଆଦିବାସୀ ପରିବାରକୁ ବାଦ୍ ଦିଆଯିବ ନାହିଁ।



ଆବାସରୁ ବଞ୍ଚିତ ଏକ ଜୁଆଙ୍ଗ ପରିବାର।

# ଆଜି ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍

ଘସିପୁରା,୬।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲାସ୍ଥିତ ଫକୀରପୁର ସିଟି ସ୍କୁଲ୍ ପରିସରରେ ରବିବାର ଅପରାହ୍ନ ୩ଟାରେ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍-୨୦୨୫ ଅନୁଷ୍ଠିତ ହେବ। ପରିବର୍ତ୍ତନଶୀଳ ସମାଜରେ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥି ପାଇଁ ଓଡ଼ିଶାର ବିଭିନ୍ନ ଜିଲାରୁ ପରିବେଶବିତ୍, ଗବେଷକ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀଙ୍କୁ ନେଇ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍ ମାଧ୍ୟମରେ ଓଡ଼ିଶାର ଜଳବାୟୁ ଉପରେ ବିଶଦ ଆଲୋଚନା ଏବଂ ସମସ୍ୟା ସମାଧାନର ସୂତ୍ର ଉପରେ ଆଲୋକପାତ କରାଯିବ। କାର୍ଯ୍ୟକ୍ରମକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଅନ୍ୟତମ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥୀ, ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜ୍‌ର ସହକାରୀ ପ୍ରଫେସର ଡ. ସବିତା ଜେନା, ଫକୀରପୁର ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ପରିବେଶବିତ୍ ସରୋଜ କୁମାର ସାହୁ, ତ୍ରୈଲୋଚନ ସୁତାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ପ୍ରକୃତିପ୍ରେମୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆୟୋଜକ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାଟଣା,୬।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡବିଟ୍ ପଲାଣଘାଟି ଗ୍ରାମ ପାତାସାହିରେ ଶନିବାର ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ସାହିର ଶଙ୍କର୍ଷଣ ମହାନ୍ତ (୬୨)। ସେ ଭୋରରୁ ବିଲ ନିକଟ ନାଳକୁ ମାଛ ଝାଡ଼ିବା ପାଇଁ ଯାଉଥିଲେ। ଜଙ୍ଗଲ ରାସ୍ତାରେ ୫ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ସେଥି ମଧ୍ୟରୁ ଗୋଟେ ଭାଲୁ ଆକ୍ରମଣରେ ତାଙ୍କ ଛାତି ଓ ଡାହାଣ ହାତକହୁଣିରେ କ୍ଷତ କରିଦେଇଥିଲା। ସେ ଚିତ୍କାର କରିବାରୁ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କ ପାଟି ଶୁଣି ଭାଲୁ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ। ଶଙ୍କର୍ଷଣଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# କମ୍ପାନୀ କର୍ମଚାରୀ ଭାବି ଭାଜପା ନେତାଙ୍କୁ ଠେଲାପେଲା

ପାଟଣା,୬।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟକୁ ନେଇ ଉତ୍ତେଜନା ବଢୁଛି। ସ୍ଥାନୀୟ ଲୋକେ ଚାଷ ଜମିରେ ଶିଳ୍ପକୁ ବିରୋଧ କରି ସରକାର ଓ କମ୍ପାନୀ ମଧ୍ୟରେ ହୋଇଥିବା ଏମ୍‌ଓୟୁ ବାତିଲ କରିବାକୁ ଦାବି କରୁଛନ୍ତି। ସ୍ଥାନୀୟ ଅଞ୍ଚଳକୁ ବଡ଼ଗାଡ଼ି ଓ ଭଲ ପୋଷାକରେ ଆସୁଥିବା ଲୋକଙ୍କୁ କମ୍ପାନୀ କର୍ମଚାରୀ ଭାବି ଲୋକେ ବିରୋଧ କରୁଛନ୍ତି। ୨ ଦିନ ପୂର୍ବରୁ ସ୍ଥାନୀୟ ଆରଆଇ, ରେଲୱେ କର୍ମଚାରୀଙ୍କୁ ମହିଳାମାନେ ଅଟକ ରଖିଥିବା ବେଳେ ଗୁରୁବାର ଭାଜପା ନେତାଙ୍କୁ ଠେଲାପେଲା କରିଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, କେନ୍ଦୁଝର ଏମ୍‌ପି ଅନନ୍ତ ନାଏକଙ୍କ ଯମୁନାପଶିଠାରେ ଶୁକ୍ରବାର ଏକ ବନ ସୁରକ୍ଷା ସମିତି ଗୃହ, ଅଙ୍ଗିକଳା ରାସ୍ତା, ଷ୍ଟାଡ଼ିୟମର ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏ ନେଇ ପୂର୍ବ ପ୍ରସ୍ତୁତି ପାଇଁ ଗୁରୁବାର ସନ୍ଧ୍ୟାରେ ଏମ୍‌ପିଙ୍କ ପାଟଣା ବ୍ଲକ୍ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ଖିରେଇଟାଙ୍ଗିରି ମଣ୍ଡଳ ଭାଜପା ସଭାପତି ତଥା ଚେମେଣା ସମିତିସଭ୍ୟ ମନୋଜ କୁମାର ମହାନ୍ତ, ଯମୁନାପଶି ସରପଞ୍ଚ ଶଶୀଭୂଷଣ ନାଏକ, ଜିଲା ସରପଞ୍ଚ ସଂଘ ସଭାପତି ଭାଗୀରଥି ସିଂ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଡମ୍ବରୁ ମହାନ୍ତ, ଖିରେଇଟାଙ୍ଗିରି ପୂର୍ବତନ ସରପଞ୍ଚ ବନୋଜ ନାୟକ, ବରିଷ୍ଠ ନେତା ମିତ୍ରଭାନୁ ମହାନ୍ତ ଓଭଗବାନ ଦାଶ ଯାଇଥିବା ସମୟରେ ଉତ୍ତ୍ୟକ୍ତ ଲୋକେ ଓ ମହିଳା ସରକାରୀ କର୍ମଚାରୀ କିମ୍ବା ଷ୍ଟିଲ୍‌ପ୍ଲାଣ୍ଟ ସପକ୍ଷବାଦୀ ଲୋକ ସନ୍ଦେହ କରି ବୋଲେରୋ ଅଟକାଇବା ସହ ମନୋଜ ମହାନ୍ତଙ୍କୁ ଠେଲାପେଲା କରିଥିଲେ। ଏକ ମାଇକ୍‌ରେ ପ୍ଲାଣ୍ଟ କର୍ମଚାରୀ ଆସିଥିବା ପ୍ରଚାର ହେବାରୁ ୧ ହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଭାଜପା ନେତାଙ୍କୁ ଘେରି ଯାଇଥିଲେ। ଗାଡ଼ିର କାଗଜପତ୍ର ନେଇ ଯିବା ସହ ଗାଳିଗୁଲଜ, ଠେଲାପେଲା କରିଥିଲେ। ପ୍ରହଲ୍ଲାଦ ପଲେଇ ନିଜକୁ ଏମ୍‌ପିଙ୍କ ପ୍ରତିନିଧି ପରିଚୟ ଦେବା ସହ ବୁଝାଶୁଝା କରିବା ପରେ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଛାଡ଼ିଥିଲେ। ଉତ୍ତେଜନାକୁ ଲକ୍ଷ କରି ଏମ୍‌ପିଙ୍କ ଶୁକ୍ରବାର କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରିଦିଆଯାଇଥିଲା। ଏନେଇ ତୁରୁମୁଙ୍ଗା ଥାନାରେ ଭାଜପା ନେତା ମନୋଜ ମହାନ୍ତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୨୩/୨୫) ରୁଜୁ କରି ତଦନ୍ତ କରୁଛି।

# ହାଟଡ଼ିହୀ ବ୍ଲକ୍‌ରୁ ୨ ଶିକ୍ଷକ ପୁରସ୍କୃତ

ବଉଳା,୬।୯(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ୨ ଜଣ ଶିକ୍ଷକ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ନିଶାକର ଉପ୍ରା ବିଦ୍ୟାଳୟ ମଉଦାର ପ୍ରଧାନ ଶିକ୍ଷକ ସତ୍ୟସୁନ୍ଦର ପରିଡ଼ା ଓ ମୁକୁନ୍ଦ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦିପଦା ହାଟର ସହକାରୀ ଶିକ୍ଷକ ଅନିରୁଦ୍ଧ ସେଠୀଙ୍କୁ କେନ୍ଦୁଝରସ୍ଥିତ ଡିଏନ୍ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ଅତିଥି ସମ୍ମାନିତ କରିଥିଲେ। ଶିକ୍ଷକ ସତ୍ୟସୁନ୍ଦର ହାଟଡ଼ିହୀ ବ୍ଲକ୍ ଏଲିମେଣ୍ଟାରି ବର୍ଗର ଏକମାତ୍ର ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି। ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଶିକ୍ଷକ ଅନିରୁଦ୍ଧ ସେଠୀଙ୍କୁ ମଧ୍ୟ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି।


OFFICE OF THE PRINCIPAL/SECRETARY
**MLA WOMEN'S HIGHER SECONDARY SCHOOL**
KANTABANJI, DIST. - BALANGIR, PIN - 767039
Letter. No.2440/25 Date : 06.09.2025

**WALK-IN-INTERVIEW**

A Walk-In-Interview for the post of Lect.-In-Logic (Guest faculty) will be held on dt.16.09.2025 at 10.30 am at MLA Women's Higher Secondary School, Kantabanji. Candidates having Master Degree in concerned subject with at least 55% marks in PG level may appear the interview with all original mark sheet from HSC to PG level. No TA/DA will be paid for attending the interview.

Sd./- Principal-In-Charge-Cum-Secretary
MLA Women's Higher Secondary School, Kantabanji



**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
INVITATION FOR BIDS (IFB)
E-mail : pwdoff_khd@yahoo.com
Tender Call Notice
Bid Identification No. S.E.-KHD-(R&B)-19/2025-26
Letter No. 5146 dtd. 02.09.2025

**No.B-481** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids** in **Single Cover System** from **valid MV/HT Electrical Contractors** license issued **by the E.L.B.O. license in conformity with DTCN** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **E.I Work**. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : **Electrical Work**
2. No. of Work : 3 Nos
3. Tender Cost : Rs. 4000.00 (Online)
4. Class of Contractor : Sl. No. 1-HT license
 : Sl. No 2-MV/HT license
 : Sl. No 3 Original Equipment Manufacturer (OEM) / Registered firm having experience in similar nature of work having valid Electrical license from ELBO or MOU with Electrical Contractor having valid electrical license from ELBO
5. Available of Bid documents in the website : From Dt.08.09.2025 at 11.00 A.M. to Dt.17.09.2025 at 5.00 P.M.
6. Date of opening of Bids : Dt.18.09.2025 at 11.30 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
OIPR-34095/11/0037/2526 Khordha (R&B) Division, Khordha



GOVERNMENT OF ODISHA No.C-1003
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com
National Competitive Bidding Through e-Procurement
Identification No. ACEPH-BHPT-23 of 2025-26/Dt.02.09.2025
e-Procurement Notice

01. Name of the Work : 1no Work
02. Type of Bid : Single Bid System
03. Estimated Cost : Rs.15.58 Lakh
04. Period of Completion : 03 (Three) Calendar Months
05. Date & Time of availability of bid document in the portal : From 11.00 AM of dt. 09.09.2025 to 5.00 PM of 18.09.2025
06. Last date / time of receipt of bids in the portal : 5.00 PM of 18.09.2025
07. Date & Time of opening of technical bids : At 11.30 AM of 19.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer,
OIPR-13059/11/0038/2526 P.H. Division, Bhawanipatna


# ସାର୍ବଜନୀନ ଦୁର୍ଗାପୂଜାର ନୂତନ ପରିଚାଳନା କମିଟି ଗଠିତ

ଚମ୍ପୁଆ,୬।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆର ସର୍ବପୁରାତନ ସାର୍ବଜନୀନ ଦୁର୍ଗାପୂଜା କମିଟିର ନୂତନ ପରିଚାଳନା ସଦସ୍ୟ ଓ ପୂଜା ପ୍ରସ୍ତୁତି ନେଇ ସୁବାଶ ରାମଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରୁ ଗତ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଚଳିତ ବର୍ଷ ୨୦୨୫ ପାଇଁ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ନୂତନ ପରିଚାଳନା କମିଟିର ସଭାପତି ଦିନେଶ କୁମାର ମହାନ୍ତ, ଉପସଭାପତି ମନୋଜ କୁମାର ସାହୁ, ସମ୍ପାଦକ ସୁବ୍ରତ କୁମାର ସାହୁ (ଟିକୁ), ସହ ସମ୍ପାଦକ ଭାବେ ପ୍ରିୟବ୍ରତ ବେହେରା (ଭିକି) ଏବଂ କୋଷାଧ୍ୟକ୍ଷ ଭାବେ ସବ୍ୟସାଚି ସାହୁ ପ୍ରମୁଖ ମନୋନିତ ହୋଇଛନ୍ତି। ଦାୟିତ୍ୱ ନେବା ପରେ କମିଟିର ସମ୍ପାଦକ ସୁବ୍ରତ ସାହୁ ଆଗାମୀ ଦୁର୍ଗା ପୂଜାକୁ ସମସ୍ତଙ୍କ ସହଯୋଗରେ ଆକର୍ଷଣୀୟ ଭାବେ ପାଳନ କରିବାକୁ ସୂଚନା ଦେଇଛନ୍ତି। ଅଷ୍ଟମୀ, ନବମୀ, ଦଶମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାରର ଆନନ୍ଦ ନେବାକୁ ସେ କହିଛନ୍ତି। ଚଳିତ ବର୍ଷ ଦୁର୍ଗା ମଣ୍ଡପ ରାଷ୍ଟ୍ରପତି ଭବନ ଡିଜାଇନରେ ହେବାକୁ ଥିବା ସେ କହିଥିଲେ।

# କଳାଦିବସ ପାଳିଲା କୁଡୁମୀ ସେନା




ଶୋଭାଯାତ୍ରାରେ ଯୋଗଦେଇଥିବା କୁଡୁମୀ ସମ୍ପ୍ରଦାୟର ଲୋକେ।

କେନ୍ଦୁଝର,୬।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ**

କେନ୍ଦୁଝର ଜିଲାରେ କୁଡୁମୀ ସେନା ପକ୍ଷରୁ ସେପ୍ଟେମ୍ବର ୬କୁ କଳାଦିବସ ରୂପେ ପାଳନ କରାଯାଇଛି। ଏହି ଅବସରରେ କାଳୀପଡ଼ିଆଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୋଗ ମୁତାବକ, ସାରା ଓଡ଼ିଶାରେ କୁଡୁମୀ ସମ୍ପ୍ରଦାୟର ୩୦ ଲକ୍ଷରୁ ଲୋକେ ବସବାସ କରୁଛନ୍ତି। ୧୯୫୦ ସେପ୍ଟେମ୍ବର ୬ ତାରିଖରେ ଭାରତ ସରକାର ଆଦିବାସୀ ଶବ୍ଦ ବଦଳରେ ଅନୁସୂଚିତ ଜନଜାତି ଶବ୍ଦ ପ୍ରଚଳନ କଲେ। କୌଣସି କାରଣ ନ ଦର୍ଶାଇ କୁଡୁମୀ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତିର ନୂତନ ତାଲିକାରୁ ବାଦ ଦେଲେ। ଆଦିବାସୀ କୁଡୁମୀଙ୍କୁ ଶିକ୍ଷାଗତ ଅନଗ୍ରସର ଜନଜାତି ହିସାବରେ ଶିକ୍ଷା କ୍ଷେତ୍ରରେ ଯେଉଁ ସୁବିଧା ସରକାର ଦେଉଥିଲେ ୧୯୫୬ରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଥିଲେ। ଆଜିର ଦିନ ଆଦିବାସୀ କୁଡୁମୀ ସମ୍ପ୍ରଦାୟ ପାଇଁ କଳା ଦିନ ଅଟେ। ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ସମ୍ପାଦକ ବିଶ୍ୱଜିତ ମହାନ୍ତଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା। ଶେଷରେ କୁଡୁମୀ ସମ୍ପ୍ରଦାୟକୁ ପୁନଃ ଆଦିବାସୀ ବର୍ଗରେ ସାମିଲ, କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କୁଡୁମାଲି ଭାଷାରେ ପ୍ରଥମରୁ ପିଜି ଶିକ୍ଷାଦାନ, କୁଡୁମୀ ଅଧିକୃତ ଜମିକୁ ପଟା ପ୍ରଦାନ କରିବା(ଛୋଟ ନାଗପୁର ଟେନ୍‌ଡେନ୍‌ସି ଆକ୍ଟ) ଏବଂ କୁଡୁମୀ ବିକାଶ ପରିଷଦ ଗଠନ ଆଦି ଦେଇ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


GOVERNMENT OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
'e' Procurement Notice
Bid Reference No. SE MID SNG 04/2025-26

**No.A-588** : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil Construction work |
| 2 | No. of Works | : | 05 (Five) Nos. |
| 3 | Estimated cost | : | Varies from Rs.5.03 lakh to Rs.5.48 lakh (Approximately) |
| 4 | Period of completion | : | 02 (Two) Calendar months |
| 5 | Date and Time of availability of bid documents in the portal | : | From **dt.09.09.2025** at 10.00 AM to **dt.18.09.2025** up to 5.30 PM |
| 6 | Last date / time of receipt of bids in the portal | : | **Dt.18.09.2025** up to 5.30 PM |
| 7 | Date of opening of Bid | : | **Dt.19.09.2025** at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
OIPR-32124/11/0032/2526 M.I.Division, Sundargarh



Government of Odisha "e" Procurement Notice
Bid Identification No : Online - 07- OF 2025-26
E-Mail ID : rwd.padampur@yahoo.co.in, Ph. No. - 9437255440
No.O-689

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of contractor : "D" "C" & "B" Class
4. Date & Time of availability of bid document in the portal : From Dt.08.09.2025 at 10.00 A.M.
5. Last date of Time for receipt of bids in the portal : Dt.17.09.2025 up to 05:00 P.M.
6. Last date if seeking clarification : Dt.16.09.2025 up to 5.00 P.M.
7. Date & Time of technical bid opening : Dt.18.09.2025 at 11.00 A.M.
8. Date & Time of technical bid opening for Double Cover bids : To be intimated later on
9. Name and address of the Officer Inviting Bid : Executive Engineer, R.W. Division, Padampur, At/Po - Padampur, Dist. - Bargarh, Pin - 768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer,
OIPR-25069/11/0034/2526 Rural Works Division, Padampur


# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସେବାପକ୍ଷ ଭାବେ ପାଳିବ ଭାଜପା

କେନ୍ଦୁଝର,୬।୯(ଦୀପକ ମିଶ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ଉପଲକ୍ଷେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଭାଜପା ପକ୍ଷରୁ ସେବାପକ୍ଷ ପାଳନ କରାଯିବ। ଏନେଇ କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ମିଡ଼ିଆ ସଂଯୋଜକ ସୁଜିତ କୁମାର ଦାସ ଯୋଗଦେଇ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଜିଲା, ମଣ୍ଡଳସ୍ତରରେ ସ୍ୱାସ୍ଥ୍ୟ ଏବଂ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ସ୍ୱାସ୍ଥ୍ୟଶିବିର ଏବଂ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜୀବନ ଉପରେ ଫିଲ୍ମ ପ୍ରଦର୍ଶିତ ହେବ। ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହିତ ୨୧ ସେପ୍ଟେମ୍ବରରେ ମୋଦି ବିକାଶ ମାରାଥନ କାର୍ଯ୍ୟକ୍ରମ ହେବ। ସେପ୍ଟେମ୍ବର ୨୫ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ରାଜ୍ୟ, ଜିଲା ଓ ବୁଥ୍‌ସ୍ତରରେ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା। ଜିଲା, ମଣ୍ଡଳସ୍ତରରେ କର୍ମଶାଳା ମଧ୍ୟ କରାଯିବ ବୋଲି ଜିଲା ସଭାପତି ଶୁକଦେବ ମହାନ୍ତ ପ୍ରକାଶ କରିଛନ୍ତି। କର୍ମଶାଳାରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପୂର୍ବତନ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଧାକାନ୍ତ ମହାନ୍ତ, କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ଶମ୍ଭୁନାଥ ରାଉତ, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଦାସମତି ଚାତାର, ଜିଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତସିଂହାର, ଅନୁବ୍ରତ ବେହେରା ପ୍ରମୁଖ ନିଜନିଜର ମତାମତ ରଖିଥିଲେ। ସମସ୍ତ ଜିଲା ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ପୂର୍ବତନ ସଭାପତି, ଜିଲାପରିଷଦ, ବ୍ଲକ୍ ଅଧ୍ୟକ୍ଷ, ପୌରପାଳିକାର ଅଧ୍ୟକ୍ଷ, ମଣ୍ଡଳ ସଭାପତି ତଥା ସଂଯୋଜକମାନେ ଉପସ୍ଥିତ ଥିଲେ। ଜିଲା ଉପସଭାପତି ଦେବପ୍ରସାଦ ମିଶ୍ର ଧନ୍ୟବାଦ ଅଭିଭାଷଣ ରଖିଥିଲେ।


**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id : serwcirclesbp@yahoo.com
Bid Identification No. Building tender Online RWCSBP-13/2025-26 No. : 2469 Dated : 01.09.2025

**No.O-693** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 01 (One) nos of Building works Details as per DTCN.
3 Estimated cost : Approximately Rs.478.20 lakhs
4 Class of Contractor : 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only On line in website **www.tendersorissa.gov.in**. (https//tendersodisha.gov.in)
7 EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-13/2025-26 | **08.09.2025 at 11.00 A.M.** | **22.09.2025 Up to 05.00 P.M.** | **19.09.2025 Up to 5.00 P.M.** | **23.09.2025 at 11.00 A.M.** | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
OIPR-25091/11/0077/2526 Rural Works Circle, Sambalpur



**OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR**
E-Mail : eebbsrrwss@gmail.com
QUOTATION CALL NOTICE NO. 18 OF 2025-26

**No.O-711** : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use of Additional Chief Engineer, RWS&S Circle, Bhubaneswar on monthly rent basis **as per the following details**.

| Sl. No. | Nature of work | Hiring of vehicle for Office use of Additional Chief Engineer, RWS&S Circle, Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From **dt.08.09.2025 (11.00 A.M.) to dt.17.09.2025 (1.00 P.M.)** |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | **Dt.17.09.2025 (4.00 P.M.)** |
| 7 | Date & Time of opening of bids | On **dt.18.09.2025 (11.00 A.M.)** in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer,
OIPR-25011/11/0033/2526 RWS&S Division, Bhubaneswar

## ସଂକ୍ଷେପରେ

### ଗୋରୁ ବୋଝେଇ କଣ୍ଟେନର ଜବତ, ୨୨ ଗୋରୁ ଉଦ୍ଧାର



ବାହାନଗା, ୬।୯(ଅରୂପ୍ କୁମାର ଦାସ): ଗଞ୍ଜାମରୁ କୋଲକାତା ଅଭିମୁଖେ ଯାଉଥିବା ଗୋରୁ ବୋଝେଇ କଣ୍ଟେନରକୁ ଶନିବାର ସକାଳେ ବାହାନଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ବଗଲପୁର ଛକଠାରେ ଗୋସେବକମାନଙ୍କ ଦ୍ୱାରା ଅଟକ ରଖାଯାଇଥିଲା। ପୋଲିସ ପହଞ୍ଚି ସେଥିରୁ ୨୨ ଗୋରୁଙ୍କୁ ଉଦ୍ଧାର କରିବା ସହିତ କଣ୍ଟେନରକୁ ଜବତ କରିଛି।

ଗୋସେବକମାନେ ଗୋରୁ ଗାଡିକୁ ପିଛା କରି ଅଟକବାରେ ସକ୍ଷମ ହୋଇଥିଲେ। ପୋଲିସ ଆସିବାରେ ବିଳମ୍ବ କରିବାରୁ ସ୍ଥାନୀୟ ଲୋକେ କେତେକ ଗୋରୁଙ୍କୁ ଫିଟାଇ ଦେଇଥିଲେ। ସକାଳୁ ପୋଲିସକୁ ଖବର ଦିଆଯାଇଥିଲେ ମଧ୍ୟ ପୂର୍ବାହ୍ନ ୧୧ଟାରେ ଆସି ଗାଡିରେ ଥିବା ୨୨ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ୍ ବୁଝାଶୁଝା କରିବା ସହିତ ଜବତ କଣ୍ଟେନରରୁ ଗୋରୁଗୁଡ଼ିକୁ ଉଦ୍ଧାର କରି ରେମୁଣାସ୍ଥିତ ମା' ଭାରତୀ ଗୋଶାଳାରେ ଛାଡିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଘଟଣା ସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି।

### ଅବକାରୀ ଚଢ଼ାଉ, ୩ ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ): ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ୟୁନିଟ୍ ପକ୍ଷରୁ ଶନିବାର ଅଚାନକ ଚଢ଼ାଉ କରାଯାଇଛି। ଏକ ମଦ ଭର୍ତ୍ତି ନୂଆ ବୋଲେରୋକୁ ଜବତ କରାଯିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଗିରଫ ଅଭିଯୁକ୍ତ ବରହମ୍ପୁର ଥାନା ଡାଲିମ୍ବପାଳ ଅଞ୍ଚଳର ଡ୍ରାଇଭର ଗଜେନ୍ଦ୍ର ସାହୁ ମୟୂରଭଞ୍ଜ ଖୁଣ୍ଟା ଅଞ୍ଚଳରୁ ୧୧ଶହ ଲିଟର ଦେଶୀ ମଦ ନେଇ ବୋଲେରୋ ଯୋଗେ ନୀଳଗିରି ରାଜବରହମପୁର ଅଞ୍ଚଳକୁ ଆସୁଥିଲେ। ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂଙ୍କ ନେତୃତ୍ୱରେ ଏସ୍ଆଇ ଭବେଶ ଦାସ, ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା ଓ ଅନିକ ସାଥୁଆ, କନଷ୍ଟେବଲ ମିନତୀ ପରିଡ଼ା, ସୁନାରାମ ସୋରେନ, ପଙ୍କଜ ମହାନ୍ତି ପ୍ରମୁଖ ବରହମ୍ପୁର ବଜାରରେ ଚଢ଼ାଉ କରିଥିଲେ। ମଦ ବୋଝେଇ ବୋଲେରୋ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେହିପରି ନୀଳଗିରି ଚିମିନିଭାଟି ଅଞ୍ଚଳରୁ ମଦ ବେପାରୀ ବୁଲବୁଲ ବୈଠା ଓ ଗୋପୀନାଥପୁର ଅଞ୍ଚଳର ଚୈତନ୍ୟ ମାରାଣ୍ଡିଙ୍କୁ ଗିରଫ ସହ ସେମାନଙ୍କଠାରୁ ୭୦ଲିଟର ଦେଶୀ ମଦ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ଥାନାରେ ମାମଲା (ନଂ. ୨୧୯, ୨୨୦, ୨୨୧/୨୦୨୫-୨୬) ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଶିକ୍ଷକ ନାହାନ୍ତି, ତଥାପି ଚାଲିଛି ବିଦ୍ୟାଳୟ

ସିମୁଳିଆ, ୬।୯(ସନ୍ତୋଷ ନାୟକ)

ବିଦ୍ୟାଳୟରେ ଆଦୌ ଶିକ୍ଷକ ନାହାନ୍ତି କିନ୍ତୁ ବିଦ୍ୟାଳୟ ପରିଚାଳିତ ହେଉଛି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ରାମବିନ୍ଧା ଅଞ୍ଚଳରେ ଥିବା ସୁରେନ୍ଦ୍ର ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

୧୯୯୫ରେ ସୁରେନ୍ଦ୍ର ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୧୩ଜଣ ଛାତ୍ରୀ ଓ ୯ଜଣ ଛାତ୍ର ଓ ସପ୍ତମ ଶ୍ରେଣୀରେ ୧୫ଜଣ ଛାତ୍ରୀ ଓ ୧୩ଜଣ ଛାତ୍ର ମୋଟ ୫୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଗତ ୩୦।୬।୨୪ରେ ସହକାରୀ ଶିକ୍ଷକ ରମାକାନ୍ତ ନାୟକଙ୍କ ଅବସର ପରେ ଗତ ୩୦।୧୧।୨୪ରେ ପ୍ରଧାନ ଶିକ୍ଷକ ମଦନମୋହନ ପଣ୍ଡା ମଧ୍ୟ ଅବସର ନେଇଛନ୍ତି। ବର୍ତ୍ତମାନ ଏହି ବିଦ୍ୟାଳୟରେ ଜଣେ ମଧ୍ୟ ଶିକ୍ଷକ ନାହାନ୍ତି, ତଥାପି ବିଦ୍ୟାଳୟ ପରିଚାଳିତ ହେଉଛି। ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ରମାନେ ଆଜବେଷ୍ଟସ ଛପର ଝାଟିମାଟି ବିପଦସଙ୍କୁଳ ଶ୍ରେଣୀଗୃହରେ ବସି ପାଠ ପଢୁଛନ୍ତି। ନିକଟରେ ଥିବା ରାମବିନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟର କେତେକ ଶିକ୍ଷକ ନିଜ ସ୍କୁଲର ପିଲାମାନଙ୍କୁ ପାଠ ପଢାଇବା ସହିତ ସୁରେନ୍ଦ୍ର ସ୍ମୃତି ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପାଠ ପଢାଉଛନ୍ତି।

ଏ ସମ୍ପର୍କରେ ସରକାରୀ ବିଦ୍ୟାଳୟର ଶିକ୍ଷକ ସତ୍ୟରଞ୍ଜନ ମଲ୍ଲିକ କହନ୍ତି ବିଭାଗୀୟ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦେବା ପାଇଁ ସୂଚନା ଦେଇଛନ୍ତି। ତେବେ ଭୋଜନ ବ୍ୟବସ୍ଥା ସହିତ ଆମେ ତାଙ୍କୁ ପାଠ ମଧ୍ୟ ପଢାଉଛୁ। ଅପରପକ୍ଷେ ଅଭିଭାବକମାନେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟ ସହିତ ସୁରେନ୍ଦ୍ର ସ୍ମୃତି ବିଦ୍ୟାଳୟକୁ ମିଶାଇ ଷଷ୍ଠ ସପ୍ତମ ଶ୍ରେଣୀ ଖୋଲିବା ପାଇଁ ବିଧାୟକ ଓ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ କରିଆସୁଥିଲେ ହେଁ କୌଣସି ସୁଫଳ ମିଳିପାରିନାହିଁ । ତେବେ ଏହି ଛାତ୍ରୀଛାତ୍ରମାନେ କେମିତି ପରୀକ୍ଷା ଦେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଏବିଇଓ ବିଦ୍ୟାଧର ମହାଳିକଙ୍କୁ ପଚାରିବାରୁ ଗତ ୧୪।୦୭।୨୫ ପତ୍ର ସଂଖ୍ୟା ୧୭୪୨ରେ ଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି ସେ କହିଥିଲେ।



ଝାଟିମାଟି ସୁରେନ୍ଦ୍ର ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

## ଖଣି ଅଧିକାରୀଙ୍କ ଦ୍ୱାରା ବାଲିଉଠା ନୌକା ଜବତ

କାଳିପଦା, ୬।୯(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ପାଳପଡ଼ାଠାରେ ବେଆଇନ ବାଲି ଉତ୍ତୋଳନକୁ ନେଇ ଦୀର୍ଘ ଦିନ ଧରି ବାଲିଆପାଳ ତହସିଲଦାର ଓ ଖଣି ଅଧିକାରୀଙ୍କଠାରେ ଅଭିଯୋଗ ହୋଇଆସୁଥିଲା। ଶନିବାର ଅପରାହ୍ନରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ବାଲି ଉତ୍ତୋଳନ କରୁଥିବା ୩ଟି ଯନ୍ତ୍ର ଚାଳିତ ନୌକାକୁ ଜବତ କରିଥିଲେ। ଏହି ନୌକା ସାହାଯ୍ୟରେ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି କିଛି ସ୍ଥାନୀୟ ଅସାଧୁ ବ୍ୟକ୍ତି ଚୋରା ବାଲି ଚାଲାଣ କରି ମାଲାମାଲ ହେଉଛନ୍ତି। ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## 'ତୁମେ ବଞ୍ଚିବାକୁ ଯୋଗ୍ୟ'

**୮ରୁ ଏଫ୍ଏମ୍‌ୟୁରେ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ**

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଏଫଏମ୍ ବିଶ୍ୱବିଦ୍ୟାଳୟରେ ଆସନ୍ତା ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ-୨୦୨୫ ପାଳିତ ହେବ। 'ତୁମେ ବଞ୍ଚିବାକୁ ଯୋଗ୍ୟ' ଶୀର୍ଷକରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ ବିଭାଗ ପକ୍ଷରୁ କୁହାଯାଇଛି। ସମ୍ମାନନୀୟ ଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ୮ ତାରିଖ ସଂଶ୍ଳିଷ୍ଟ ମହାବିଦ୍ୟାଳୟଗୁଡ଼ିକରେ ସଚେତନତା ବ୍ୟାଖାନ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହେବ। ୯ରେ ନିବନ୍ଧ, ଚର୍ଚ୍ଚା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ମନୋବିଜ୍ଞାନୀ ପ୍ରଫେସର ଅଜିତ କୁମାର ମହାନ୍ତି, ଡ. ନରେନ୍ଦ୍ର ସିଂହ ଥଗୁଣା (ଆଭାସୀ ମାଧ୍ୟମ), ଡ. ଶଶୀମଣି ମିଶ୍ରଙ୍କ ଉପସ୍ଥିତିରେ ୧୦ରେ ଇଣ୍ଟରାକ୍ଟିଭ୍ ସେମିନାର ଓ ମେଣ୍ଟାଲ୍ ହେଲଥ୍ ଫାର୍ଷ୍ଟ-ଏଡ୍ ଟ୍ରେନିଂ ଅନୁଷ୍ଠିତ ହେବ। ୧୧ରେ ମାନସିକ ସ୍ୱାସ୍ଥ୍ୟ ଓ ସୋସିଆଲ୍ ମିଡିଆଡିଜିଟାଲ୍ ଜୀବନରେ ସମତୁଳନ ବିଷୟରେ କର୍ମଶାଳା ଆୟୋଜିତ ହେବ। ୧୨ରେ ଆଞ୍ଚଲ ରେଖାଣୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଚେତନତା ସଭା ଶେଷ ହେବ।

# ୫ ଅଭିଯୁକ୍ତ କୋର୍ଟଚାଲାଣ

**ନକଲି ସୁନାଇଟା ଠକେଇ ଘଟଣା**

**୩. ୭୯ଲକ୍ଷ, ୪.୧୯୬କି.ଗ୍ରା. ପିତ୍ତଳ ପ୍ଲେଟ୍ ଜବତ**

ନୀଳଗିରି, ୬।୯(ପ୍ରଶାନ୍ତ ବିଶ୍ୱାଳ)

ନକଲି ସୁନା ଇଟା କାରବାର ଘଟଣାରେ ବାଲେଶ୍ୱର ଜିଲା ନୀଳଗିରି ଓ ବ୍ରହ୍ମପୁର ପୋଲିସ ମିଳିତ ଭାବେ ଚଢ଼ାଉ କରି ଏହାର ମୁଖ୍ୟ କାର୍ପଟଦାର ନୀଳଗିରି ଏନ୍ଏସି ଅନ୍ତର୍ଗତ ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତିଙ୍କ ସମେତ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି। ସେମାନଙ୍କଠାରୁ ୩ଲକ୍ଷ ୭୯ହଜାର ଟଙ୍କା, ସୁନା ପରି ଦେଖାଯାଉଥିବା ୪କେଜି ୧୯୬ଗ୍ରାମ୍‌ର ପିତ୍ତଳ ପ୍ଲେଟ, ୬ ମୋବାଇଲ୍ ଓ ୨ ବାଇକ୍‌କୁ ପୋଲିସ ଜବତ କରିଛି।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅଧୀନ ସେବକନଗର ଗାଁର କୃଷ୍ଣ ନାୟକ ନାମକ ବ୍ୟକ୍ତିଙ୍କୁ ନୀଳଗିରି ଥାନା ବାଣପୁର ଅଞ୍ଚଳର ବିଷ୍ଣୁ ମହାନ୍ତି(୬୦) ଶସ୍ତାରେ ସୁନା ଇଟା ଯୋଗାଇଦେବେ କହି ପ୍ରଲୋଭିତ କରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି କିଛିଦିନ ପୂର୍ବରୁ ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ତେଲିପାଳ ଅଞ୍ଚଳରେ ପହଞ୍ଚି ପୂର୍ବ ମୂଳଚାଲ ଅନୁଯାୟୀ ୧୬ ଲକ୍ଷ ଟଙ୍କା ଧରି ଆସିଥିଲେ। ମାତ୍ର ସେଠାରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ବିଷ୍ଣୁ ନ ପହଞ୍ଚି ୪ଜଣ ସହଯୋଗୀଙ୍କୁ ପଠାଇଥିଲେ। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୧୬ଲକ୍ଷ ଟଙ୍କା ଛଡ଼ାଇ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ପ୍ରାଣଭୟରେ କୃଷ୍ଣ ଆହତ ଅବସ୍ଥାରେ ନିଜ ଗ୍ରାମକୁ ଯାଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଏ ସଂକ୍ରାନ୍ତରେ ଗତ ସେପ୍ଟେମ୍ବର ୧ରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ. ୧୧୨/୨୫) ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା। ଶନିବାର ରାତି ୮ଟାରେ ନୀଳଗିରି ଥାନା ବାଣପୁର ଗ୍ରାମର ବିଷ୍ଣୁ ଚରଣ ମହାନ୍ତି, ସାରୁପାଳ ଗ୍ରାମର ଆଶିଷ କୁମାର ସ୍ୱାଇଁ (୨୦), ନୀଳଗିରି ଧୋବଶିଳା ଗ୍ରାମର ଲେଲିନ ମହାନ୍ତି (୨୨), ଚାନ୍ଦିପୁର ଥାନା ଅଧୀନ ଚାନ୍ଦିପୁର ଗ୍ରାମର ରାଜେନ୍ଦ୍ର ଡାକୁଆ (୫୦), କଟକ ସାଲେପୁର ଥାନା ଜୁଲୁକିପଡ଼ା ଗ୍ରାମର ଅକ୍ଷୟ କୁମାର ସାମଲ (୩୭)ଙ୍କୁ ନୀଳଗିରି କୋର୍ଟରେ ପୋଲିସ ହାଜର କରିଥିଲା।



ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତ।

## ସଦ୍‌ଗୁରୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପଥପ୍ରଦର୍ଶକ

**୧୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା**

ଭୋଗରାଇ, ୬।୯(ପ୍ରଦୀପ ଦାସ): ଭାରତୀୟ ସଂସ୍କୃତିରେ ଗୁରୁପୂଜାର ପରମ୍ପରା ଆଜି ବି ଉଜ୍ଜୀବିତ ରହିଛି। ଗୁରୁ ହେଉଛନ୍ତି ଆଲୋକବର୍ତ୍ତିକା। ସଦ୍‌ଗୁରୁ ହେଉଛନ୍ତି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ପଥପ୍ରଦର୍ଶକ ବୋଲି ଗୁରୁଦିବସରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଏନପିଏସ ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଶିକ୍ଷକ ସଂଘ ଭବନରେ ଆୟୋଜିତ ଶିକ୍ଷକ ସମାବେଶ ଓ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ନେତାମାନେ ମତପ୍ରକାଶ କରିଛନ୍ତି। ଉକ୍ତ ଶିକ୍ଷକ ସଂଘର ସଭାପତି ବଂଶୀଧର ମାଝି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନାରାଣୀ ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷକ ସମନ୍ୱୟ ସମିତି ମହାସଚିବ ନଟରଞ୍ଜନ ଘରାଇ, ସମ୍ମାନିତ ଅତିଥି ଭାବେ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବତନ ଶିକ୍ଷକନେତା ସୁରେଶ ଚନ୍ଦ୍ର ଜେନା, ଏନପିଏସ ସଂଘର ସମ୍ପାଦକ ଅଶୋକ କୁମାର ସାହୁ, ଏହି ସଂଘର ମୁଖ୍ୟ ଉପଦେଷ୍ଟା ଜାକିର ହୁସେନ ଶାହା, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ସୁଶାନ୍ତ କୁମାର ବେହେରା, ଭୋଗରାଇ ସଭାପତି ସୀତାରାମ ପ୍ରଧାନ, ଶିକ୍ଷକ ସମିତି ସଭାପତି ଦେବେନ୍ଦ୍ର ଜେନା, ସିଆରସିସି ସ୍ୱାଗତ କୁମାର ସୁର, ପ୍ରଧାନ ଶିକ୍ଷକ ବାଲଗୋପାଲ ଦାସ, ଓଲସ୍ତାର ସଭାପତି ତାପସ ପାତ୍ର, ଶିକ୍ଷକନେତା ଗୌରୀଶଙ୍କର ତ୍ରିପାଠୀ, ଭାଗବତ ପ୍ରଧାନ ପ୍ରମୁଖ ସଦ୍‌ଗୁରଙ୍କ ଅଭାବରେ ସାଂସ୍କୃତିକ ଅବକ୍ଷୟ ଘଟୁଥିବା ବେଳେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସରକାର ଅଣଦେଖା କରୁଥିବା ଅଭିମତ ପ୍ରଦାନ କରିଥିଲେ। ଶିକ୍ଷକନେତା ରମେଶ ଚନ୍ଦ୍ର ସୁର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅବସର ନେଇଥିବା ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଗୁରୁଙ୍କ ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ'



ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା**

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଲାୟନ୍ସ କ୍ଲବ ଏମ୍ପାୱାର ପକ୍ଷରୁ ଗୁରୁଦିବସ ଅବସରରେ ଶୁକ୍ରବାର ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ କ୍ଲବ ସଭାପତି ରିଙ୍କି ଜି ସଭାପତିତ୍ୱ କରି ଗୁରୁଙ୍କ ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ। ତେଣୁ ଗୁରୁଙ୍କୁ ମାର୍ଗଦର୍ଶକ ଭାବେ ଅନୁସରଣ କଲେ ଜୀବନରେ ସଫଳତା ନିଶ୍ଚିତ ବୋଲି ସେ ବକ୍ତବ୍ୟରେ କହିଥିଲେ।

ଦୀର୍ଘ ୩୨ବର୍ଷ ଧରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ ଓ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ପ୍ରଧାନଶିକ୍ଷୟିତ୍ରୀ ମଣ୍ଡଳଙ୍କ ପ୍ରମୁଖ ଭୂମିକା ରହିଛି। କ୍ଲବ ସଭାପତି ରିଙ୍କି ଜୀ, ପୂର୍ବତନ ସଭାପତି ମିତା ମାନ୍ନା, ନିର୍ଦ୍ଦେଶକ ସେଖ ଆୟୁବ ଓ ବିଶ୍ୱରୂପ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମୋମେଣ୍ଟୋ, ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ସହକାରୀ ଶିକ୍ଷକ ଅଭୟ କୁମାର ଦାସ, ବଳରାମ ସାମଲ, ଅଜିତ କୁମାର ବେହେରା, ପୁଷ୍ପାଞ୍ଜଳି ସାହୁ, ଲିଜା ଦିବେଦୀ, ମମତା ନାୟକ, ମମତା ହାଜରା, ରୁମାରାଣୀ ଚହ୍ୱାନ, ମମତା ଦେ, ଜୟନ୍ତୀ ଦାସ, ଶାଶ୍ୱତ ମହାପାତ୍ର, ମାନସ ରଞ୍ଜନ ଦାସ, ଜୟନ୍ତୀ ଦାସ, ମାନସୀ ଆଚାର୍ଯ୍ୟ, ଝରଣା ମଲ୍ଲିକ ଓ ବବିତା ଗିରିଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭ୍ରାମ୍ୟମାଣ ଚାରା ବିତରଣ ଅଭିଯାନ

**ମା' ପାଇଁ ଗଛଟିଏ**

ଜଳେଶ୍ୱର, ୬।୯(ନବୀନ ସାହୁ)

ଦେଶର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୭୫ଲକ୍ଷ ବୃକ୍ଷରୋପଣ ନିମନ୍ତେ ଯୋଜନା ରଖାଯାଇଛି। ଯାହାକୁ ନେଇ ବାଲେଶ୍ୱର ଜିଲାର ସମସ୍ତ ବନାଞ୍ଚଳ କାର୍ଯ୍ୟାଳୟ ଚଳଚଞ୍ଚଳ ରହିଛି। ଏ ନେଇ ବାଲେଶ୍ୱର ଜିଲା ମୁଖ୍ୟ ଜିଲା ଅଧିକାରୀଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ରେଞ୍ଜ ଅଧୀନରେ ଥିବା ବନାଞ୍ଚଳ କାର୍ଯ୍ୟାଳୟ ଧାନଘେରା, ରାଇବଣିଆଠାରେ ୧୪ଟି ପଞ୍ଚାୟତକୁ ଶୁକ୍ରବାରଠାରୁ ଚାରା ବିତରଣ ଆରମ୍ଭ ହୋଇଛି। ପ୍ରତ୍ୟେକ ପଞ୍ଚାୟତକୁ ୫ଶହ ଲେଖାଏଁ ଚାରା ବିତରଣ କରାଯାଉଛି। ଏନେଇ ସମଗ୍ର ଜଳେଶ୍ୱର ରେଞ୍ଜରେ ୮୫ ପଞ୍ଚାୟତରେ ଚାରା ବଣ୍ଟନ କରାଯିବ। ରାଇବଣିଆ ବନ କାର୍ଯ୍ୟାଳୟ ତରଫରୁ ଫରେଷ୍ଟର ପ୍ରହ୍ଲାଦ ନାୟକ, ଦିଲୀପ ସିଂ, ଗାର୍ଡ ସୁଲୋଚନା ବେହେରା, ସ୍କ୍ୱାଡ୍ ଶିବ ମହାନ୍ତି, ହରେକୃଷ୍ଣ ବେହେରା, ଉଜ୍ଜ୍ୱଳ ଦାସ, ସୁରେଶ ଦାସ ଓ ନିମାଇଁ ବେହେରା ପ୍ରମୁଖ ଉପସ୍ଥିତ ରହି ଚାରା ବିତରଣରେ ସାହାଯ୍ୟ କରିଥିଲେ।

## ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଜଳେଶ୍ୱର, ୬।୯(ନବୀନ ସାହୁ)- ଜଳେଶ୍ୱର ପୋଲିସ ଶୁକ୍ରବାର ଅପରାହ୍ନ ୩ଟାରେ ସ୍ଥାନୀୟ ରାଜପୁର ଛକରୁ ୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକ(୨୦)ଙ୍କୁ ଗିରଫ କରିଛି। ଯୁବକଜଣକ ଗ୍ରାହକଙ୍କୁ ବ୍ରାଉନସୁଗାର ଦେବାକୁ ଯିବା ନେଇ ଜଳେଶ୍ୱର ଥାନା ପୋଲିସ ନିକଟରେ ପୂର୍ବରୁ ସୂଚନା ରହିଥିଲା। ସେହି ସୂଚନା ଆଧାରରେ ପୋଲିସ ରାଜପୁର ଛକରେ ଛକି ରହିଥିଲେ। ଯୁବକ ଏକ ବାଇକ୍‌ରେ ଯାଉଥିବା ବେଳେ ପୋଲିସ ଅଟକ ରଖି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ୪୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଯୁବକଙ୍କଠାରୁ ଏକ ବାଇକ, ମୋବାଇଲ ଓ ୨ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୩୯୬/୨୫ ) ରୁଜୁ ହୋଇଛି।

### ବୁଢାବଳଙ୍ଗରୁ ଶିଶୁପୁତ୍ରର ମୃତଦେହ ଜବତ

ବାଲେଶ୍ୱର, ୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଅକ୍ତିଆରପୁର ନିକଟ ବୁଢାବଳଙ୍ଗ ନଦୀରୁ ଶନିବାର ଜଣେ ଶିଶୁପୁତ୍ରର ମୃତଦେହ ଜବତ ହୋଇଛି। ମୃତକ ହେଉଛନ୍ତି ଏହି ଗ୍ରାମର ସୁଦାମ ବେହେରାଙ୍କ ୨ ବର୍ଷର ଶିଶୁପୁତ୍ର ସୁରେନ୍ଦ୍ର।

ସୁଦାମାଙ୍କ ଘର ବୁଢାବଳଙ୍ଗ ନଦୀକୂଳରେ ଅବସ୍ଥିତ। ଲଘୁଚାପ ଜନିତ ବର୍ଷା କାରଣରୁ ନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଅସାବଧାନତା ବଶତଃ ଶୁକ୍ରବାର ଶିଶୁପୁତ୍ର ଜଣକ ନଦୀରେ ବୁଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ସକାଳେ ଶିଶୁପୁତ୍ର ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଶିଶୁପୁତ୍ରରୁ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ସ୍ୱାଗତ ସମ୍ବର୍ଦ୍ଧନା ସଭା

ବାହାନଗା, ୬।୯(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶକୁନ୍ତଳା ଟ୍ୟୁଟୋରିଆଲରେ ଶନିବାର ନୂତନ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଶଙ୍କର୍ଷଣ ଶିଅଳ ଯୋଗଦେଇ କିପରି ଛାତ୍ରୀଛାତ୍ରମାନେ ଭଲ ମଣିଷ ହେବା ସହିତ ମା' ବାପାମାନଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ହିଁ ପ୍ରତ୍ୟେକ ପିଲାର ଧର୍ମ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ସଭାରେ ଶକୁନ୍ତଳା ଟ୍ୟୁଟୋରିଆଲ ଚେୟାରମ୍ୟାନ ସଞ୍ଜୟ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଘନଶ୍ୟାମ ସ ଯୋଗଦେଇ ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ରଞ୍ଜିତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମାନସ କୁମାର ପାତ୍ର, ନରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ନିର୍ମଳ ନାୟକ ସଭା ପରିଚାଳନା କରିଥିଲେ। ଶକୁନ୍ତଳା ଟ୍ୟୁଟୋରିଆଲର ନିର୍ଦ୍ଦେଶକ ସୁକାନ୍ତି ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଟ୍ୟୁଟୋରିୟାଲର ଯୁକ୍ତ ୨ର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

# ହକ୍ ନ ମିଳିବା ଯାଏ ଲଢେଇ ଜାରି ରଖିବାକୁ ଚେତାବନୀ

**ବିଜେଡିର ବନ୍ଦ ଡାକରାକୁ ଖଇରାବାସୀଙ୍କ ସମର୍ଥନ**

ଖଇରା, ୬।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାର ଖଇରାକୁ ଏନଏସି ତାଲିକାରୁ ବାଦ୍ ଦିଆଯିବା ପ୍ରତିବାଦରେ ଖଇରାବାସୀଙ୍କ ପ୍ରତିବାଦ ଓ ଆନ୍ଦୋଳନ ଅବ୍ୟାହତ ରହିଛି । ଖଇରା ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ଖଇରା ବନ୍ଦ ପାଳନର ୨ଦିନ ପରେ ବିଜେଡି ପକ୍ଷରୁ ଶନିବାର ଖଇରା ବନ୍ଦକୁ ଖଇରାବାସୀ ପୂର୍ଣ୍ଣ ସମର୍ଥନ କରିଛନ୍ତି । ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରାକୁ ଖଇରାବାସୀ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଇଥିଲେ। ୬ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ସ୍କୁଲ, କଲେଜ, ବ୍ଲକ, ତହସିଲ ବନ୍ଦ ରହିଥିଲା।

ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପଥପ୍ରାନ୍ତ ସଭାରେ ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପ୍ରାକ୍ତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା ପ୍ରମୁଖ ଯୋଗଦେଇ ସବୁ ପ୍ରକାର ଭିତ୍ତିଭୂମି ଥିବା ଖଇରାର ହକ୍‌କୁ ଭାଜପା ସରକାର ଛଡାଇ ନେଇଛନ୍ତି। ଖାଲି ଏନଏସି ଦାବି ନୁହେଁ ବର୍ତ୍ତମାନ ବ୍ଲକରେ ଚାଲିଥିବା ଦୁର୍ନୀତି ବିରୋଧରେ ବିଜେଡି ଲଢେଇ କରିବ ବୋଲି କହିଥିଲେ। ସେହିଭଳି ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ତଥା ଦଳୀୟ ନେତା ଜୟନ୍ତୀ ପତି, ରବୀନ୍ଦ୍ର ବେହେରା, ବିଜୟ ବାରିକ, ମୁକେଶ ଜେନା, ରବୀନ୍ଦ୍ର ମହାନ୍ତି, ଜିତେନ୍ଦ୍ର ବେହେରା, କମଳଲୋଚନ ଜେନା, ଟୁନି ଧିନ୍ଦା, ନାରାୟଣ ଦାସ, ଦମୟନ୍ତୀ ସିଂ ଓ ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ରହି ପୂର୍ବରୁ ବିଜେଡି ସରକାରରେ ଏନଏସି ଭାବେ ଘୋଷିତ ଖଇରାର ହକ୍‌କୁ ଭାଜପା ସରକାର ଛାଡଇ ନେଇଥିବା ଅଭିଯୋଗ କରିଥିଲେ। ଏଭଳି ସଫଳତା ପାଇଁ ପ୍ରାକ୍ତନ ବିଧାୟକ ପାଣିଗ୍ରାହୀ ଖଇରା ଜନସାଧାରଣ ଓ ବିଭିନ୍ନ ସଂଗଠନକୁ କୃତଜ୍ଞତା ଜଣାଇଥିଲେ।



ଖଇରା ବନ୍ଦରେ ସାମିଲ ହୋଇଥିବା ବିଜେଡି ନେତୃବୃନ୍ଦ।

## ସଂକ୍ଷେପରେ

### ୟୁପି ମୁଖ୍ୟମନ୍ତ୍ରୀଙ୍କ ଘର ବାହାରେ ବଳାତ୍କାର ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ

ଲକ୍ଷ୍ନୌ,୬।୯

ନଏଡ଼ାର ଜଣେ ବଳାତ୍କାର ପୀଡ଼ିତା ଶୁକ୍ରବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲକ୍ଷ୍ନୌସ୍ଥିତ ସରକାରୀ ବାସଭବନ ନିକଟରେ ଆତ୍ମାହୁତି ଉଦ୍ୟମ କରିଥିଲେ। ୨ ମାସ ପୂର୍ବରୁ ହରିୟାଣ୍ୱି ଲୋକଗୀତ ଗାୟକ ଉତ୍ତର କୁମାର ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏହାର ପ୍ରତିବାଦରେ ସେ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ମୁତୟନ ଥିବା ସୁରକ୍ଷା କର୍ମୀ ଠିକ୍ ସମୟରେ ଅଟକାଇବାରୁ ମହିଳାଙ୍କ ଜୀବନ ବଞ୍ଚିଯାଇଛି। ତାଙ୍କୁ ଗୌତମପାଲ୍ଲୀ ପୋଲିସକୁ ହସ୍ତାନ୍ତର କରାଯିବା ପରେ ଗାଜିଆବାଦ ପୋଲିସକୁ ଜଣାଇ ଦିଆଯାଇଛି। ଗାଜିଆବାଦର ଶାଲିମାର ଗାର୍ଡେନ୍ ଥାନାରେ ମହିଳା ଜଣକ ଗତ ଜୁନ୍ ୨୪ରେ ଅଭିଯୋଗ ଦାଏର କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶ ଦେବାରୁ ୨୫ ଦିନ ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଉତ୍ତର କୁମାରଙ୍କୁ ଗିରଫ କରାଯାଇ ନାହିଁ କି ତଦନ୍ତରେ କୌଣସି ଅଗ୍ରଗତି ହୋଇନାହିଁ ବୋଲି ପୀଡ଼ିତା କହିଛନ୍ତି।

### ସୋନମ ରଘୁବଂଶୀ ମୁଖ୍ୟ ଅଭିଯୁକ୍ତ

**ମେଘାଳୟ ହନିମୁନ୍ ହତ୍ୟା ମାମଲାରେ ଚାର୍ଜଶିଟ୍ ଦାଖଲକଲା ପୋଲିସ**

ଶିଲଂ, ୬।୯

ମେଘାଳୟର ବହୁଚର୍ଚ୍ଚିତ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ସ୍ଥାନୀୟ ସୋହରାସ୍ଥିତ କୋର୍ଟଙ୍କ ନିକଟରେ ୭୯୦ ପୃଷ୍ଠାର ଏକ ଚାର୍ଜଶିଟ ଦାଖଲ କରିଛି। ଉକ୍ତ ଚାର୍ଜଶିଟରେ ରାଜାଙ୍କ ସ୍ତ୍ରୀ ସୋନମ ରଘୁବଂଶୀଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଚାର୍ଜଶିଟରେ ୫ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ବେଳେ ଏଥିରେ ଇନ୍ଦୋର ବ୍ୟବସାୟୀ ତଥା ସୋନମଙ୍କ ପ୍ରେମିକ ରାଜ୍ କୁଶୱାହାଙ୍କର ନାମ



ସୋନମ ରଘୁବଂଶୀ

ରହିଛି। ସୋନମ ଏବଂ ରାଜ୍‌ଙ୍କ ବ୍ୟତୀତ ଆକାଶ ରାଜପୁତ, ଆନନ୍ଦ କୁର୍ମୀ ଏବଂ ବିଶାଲ ସିଂ ଚୌହାନଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ମାମଲାରେ ସମସ୍ତ ୫ ଅଭିଯୁକ୍ତ ସମ୍ପ୍ରତି ବିଚାରବିଭାଗୀୟ ହାଜତରେ ରହିଛନ୍ତି। ପ୍ରକାଶ ଯେ, ଗତ ମେ' ୨୩ରେ ପ୍ରେମିକ ରାଜ୍ ଓ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ସୋନମ ସ୍ୱାମୀ ରାଜାଙ୍କୁ ହତ୍ୟା କରିଥିଲେ।

### ଦିଲ୍ଲୀରେ ଆଜି



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସ୍ତ୍ରୀ ଗୁରଶରନ୍ କୌରଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ପି.ଭି. ନରସିଂହ ରାଓ ମେମୋରିଆଲ ଆୱାର୍ଡରେ ସମ୍ମାନିତ କରାଯାଉଛି। ପାଖରେ ଉପସ୍ଥିତ ଅଛନ୍ତି ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା କମିଶନର ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ୍ ସିଂ ଆଲୁୱାଲିଆ, ପିଭିଏନ୍ଏମ୍ଏଫ୍ ଉପାଧ୍ୟକ୍ଷ କେ. ରାମଚନ୍ଦ୍ର ମୂର୍ତ୍ତି , କୋଷାଧ୍ୟକ୍ଷ ପୋଲା ବିଜୟ ବାବୁ, ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡକ୍ଟର ଜୟପ୍ରକାଶ ନାରାୟଣ। (ଫଟୋ – ଚମନ ଗୌତମ)

# ଗାଜା ସିଟିରେ ଜୋରଦାର ଆକ୍ରମଣ

**ଲୋକଙ୍କୁ ସହର ଛାଡ଼ି ପଳାଇବାକୁ କହିଲା ଇସ୍ରାଏଲୀ ସେନା**

ଜେରୁଜେଲମ୍,୬।୯

ଗାଜା ସିଟିକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲ୍ ପକ୍ଷରୁ ଜୋରଦାର ଆକ୍ରମଣ ଆରମ୍ଭ ହୋଇଛି। ଶନିବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ଗାଜା ସିଟିରେ ଥିବା ଏକ ବହୁତଳ କୋଠା ମାଟିରେ ମିଶିଯାଇଛି। ବଡ଼ ଆକ୍ରମଣ ପୂର୍ବରୁ ଗାଜା ସିଟିର ଜନସାଧାରଣଙ୍କୁ ତୁରନ୍ତ ସହର ଛାଡ଼ି ଦକ୍ଷିଣ ଭାଗରେ ଥିବା ମାନବୀୟ ଜୋନ୍‌କୁ ଚାଲିଯିବା ପାଇଁ ଇସ୍ରାଏଲୀ ସେନା ସତର୍କ କରାଇଥିଲା।

ଗାଜା ସିଟିକୁ ଦଖଲ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍



ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ଗାଜା ସିଟିର ଏକ ୧୫ ମହଲା କୋଠା ଭୁଶୁଡି ପଡୁଛି।

ନେତାନ୍ୟାହୁ କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ନୂଆ ଆକ୍ରମଣ ପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ସେଠାରେ ରହୁଥିବା ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ପଳାଇଯିବାକୁ ଇସ୍ରାଏଲୀ ସେନା ଗତ କିଛି ସପ୍ତାହ ହେଲା ଚେତାବନୀ ଦେଇଆସୁଥିଲା। ଶୁକ୍ରବାରଠାରୁ ଏହି ଆକ୍ରମଣକୁ ଜୋରଦାର କରିଛି। ଗାଜା ସିଟିରେ ଆକ୍ରମଣ ହେଲେ ଅନେକ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟମାନଙ୍କ ସ୍ଥିତି ଆହୁରି ଖରାପ ହୋଇଯିବ ବୋଲି ବିଭିନ୍ନ ଦେଶ ଓ ସଂଗଠନ ଆଶଙ୍କା କରିବା ସହ ଇସ୍ରାଏଲ୍‌କୁ ଗାଜା ସିଟି ଦଖଲ ଯୋଜନା ତ୍ୟାଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହା ସତ୍ତ୍ୱେ ଗାଜା ସିଟିର ଉଚ୍ଚ ଅଟ୍ଟାଳିକା ଉପରେ ଆକ୍ରମଣ ହୋଇଥିବା ଇସ୍ରାଏଲୀ ସେନା ଶନିବାର ଘୋଷଣା କରିଛି। ଇସ୍ରାଏଲୀ ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ହମାସ୍ ଆତଙ୍କବାଦୀମାନେ ଉକ୍ତ ବିଲ୍ଡିଂରେ ଗୋଇନ୍ଦା ତଥ୍ୟ ସଂଗ୍ରହ ଉପକରଣ ଏବଂ ଅବ୍‌ଜରଭେଶନ ପୋଷ୍ଟ ସ୍ଥାପନ କରିଥିବା କୁହାଯାଇଛି। ୧୫ ମହଲା ବିଶିଷ୍ଟ ସୁସି ରେସିଡେନ୍ସିଆଲ୍ ଟାୱାର ଧ୍ୱଂସ ହୋଇଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଆକ୍ରମଣରେ ଧ୍ୱଂସ ହୋଇଥିବା ବିଲ୍ଡିଂର ଭିଡିଓକୁ ଶେୟାର କରିବା ସହ ଆକ୍ରମଣ ଜାରି ରହିଥିବା କହିଛନ୍ତି। ଉଚ୍ଚ ବିଲ୍ଡିଂଗୁଡ଼ିକୁ ହମାସ୍ ବ୍ୟବହାର କରୁଥିବା ନେଇ ଇସ୍ରାଏଲ୍ ସେନା ସେଗୁଡ଼ିକୁ ଟାର୍ଗେଟ କରୁଛି। ଅନ୍ୟ ଏକ ଉଚ୍ଚ ବିଲ୍ଡିଂ ଉପରେ ଆକ୍ରମଣ ଅବଶ୍ୟମ୍ଭାବୀ ବୋଲି ଶନିବାର ସତର୍କ କରିଦିଆଯିବା ସହ ସେଠାରେ ରହୁଥିବା ଲୋକମାନଙ୍କୁ ତୁରନ୍ତ ଦକ୍ଷିଣ ଭାଗକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି।

ଗାଜା ସିଟି ହମାସ୍ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ପାଲେଷ୍ଟିନୀୟ ଇସ୍‌ଲାମିଷ୍ଟ ଆତଙ୍କବାଦୀଙ୍କୁ ପରାସ୍ତ କରିବାକୁ ହେଲେ ଉକ୍ତ ସହର ଦଖଲ କରିବା ଜରୁରୀ ବୋଲି ନେତାନ୍ୟାହୁ କହିଥିଲେ। ଯୁଦ୍ଧ ପୂର୍ବରୁ ଗାଜା ସିଟିରେ ୧୦ ଲକ୍ଷ ଲୋକ ରହୁଥିଲେ, ଯାହାକି ସମ୍ପୂର୍ଣ୍ଣ ଗାଜା ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ। ୨ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ଲୋକ ଆସି ଗାଜା ସିଟିରେ ଆଶ୍ରୟ ନେଇଛନ୍ତି। ଏବେ ସେଠାର ଲୋକମାନଙ୍କୁ ଦକ୍ଷିଣରେ ଥିବା ଖାନ୍ ୟୁନିସ୍ ଅଞ୍ଚଳକୁ ପଳାଇଯିବାକୁ କୁହାଯାଇଛି। ଯେଉଁମାନେ ପଳାଇବେ ସେମାନଙ୍କୁ ସେଠାରେ ଖାଦ୍ୟ, ଔଷଧ ଓ ଆଶ୍ରୟ ଯୋଗାଇ ଦିଆଯିବ ବୋଲି ଇସ୍ରାଏଲୀ ସେନା ପ୍ରତିଶ୍ରୁତି ଦେଇଛି।

### ୟୁଏନ୍‌ଜିଏ ସାଧାରଣ ବିତର୍କରେ ସମ୍ବୋଧନ କରିବେନି ମୋଦି

ନ୍ୟୁୟର୍କ, ୬।୯

ଆସନ୍ତା ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ କରିବେ ନାହିଁ। ସେହିପରି ସେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ବାର୍ଷିକ ଉଚ୍ଚସ୍ତରୀୟ ଅଧିବେଶନର ସାଧାରଣ ବିତର୍କକୁ ମଧ୍ୟ ସମ୍ବୋଧନ କରିବେ ନାହିଁ। ଜାତିସଂଘ ପକ୍ଷରୁ ଜାରି ହୋଇଥିବା ବକ୍ତାମାନଙ୍କର ସଂଶୋଧିତ ତାଲିକାରୁ ଏହା ଜଣାପଡ଼ିଛି। ଜାତିସଂଘର ଉକ୍ତ ଅଧିବେଶନରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ। ଆସନ୍ତା ୨୭ରେ ସେ ଜାତିସଂଘ ସାଧାରଣ ସଭାକୁ ସମ୍ବୋଧନ କରିବେ। ପ୍ରକାଶ ଯେ, ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନ ଆସନ୍ତା ୯ରୁ ଆରମ୍ଭ ହେବ। ଉଚ୍ଚସ୍ତରୀୟ ସାଧାରଣ ବିତର୍କ ୨୩ରୁ ୨୯ ପର୍ଯ୍ୟନ୍ତ ଚାଲିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ୨୩ରେ ଏହି ମଞ୍ଚରୁ ସମ୍ବୋଧନ କରିବେ। ତେବେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁଏନ୍‌ଜିଏର ଉକ୍ତ ଅଧିବେଶନରେ ଯୋଗଦେବେ ନାହିଁ।

### ମାଲ୍ୟା, ନୀରବ ମୋଦି ଶୀଘ୍ର ପ୍ରତ୍ୟର୍ପଣ ହୋଇପାରନ୍ତି

**ତିହାର ଜେଲ ପରିଦର୍ଶନ କଲେ ବ୍ରିଟେନ୍ ଟିମ୍**

ନୂଆଦିଲ୍ଲୀ,୬।୯

ଅର୍ଥ ଜାଲିଆତି ଏବଂ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ପଳାତକମାନଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ବ୍ରିଟେନ୍ କୋର୍ଟଙ୍କୁ ସହମତ କରାଇବାକୁ ଉଦ୍ୟମ ହେଉଛି। ବ୍ରିଟେନ୍ କ୍ରାଉନ୍ ପ୍ରୋସିକ୍ୟୁଶନ ସର୍ଭିସ୍ (ସିପିଏସ୍)ର ଏକ ପ୍ରତିନିଧି ଦଳ ନିକଟରେ ନୂଆଦିଲ୍ଲୀ ଆସି କଡ଼ା ସୁରକ୍ଷା ମଧ୍ୟରେ ଥିବା ତିହାର ଜେଲ ସ୍ଥିତି ଅନୁଧ୍ୟାନ କରିବା ସହ ସେଠାର ଅନ୍ତେବାସୀଙ୍କ ସହ କଥା ହୋଇଛନ୍ତି। ତେଣୁ ବହୁକୋଟିଟଙ୍କାର ବ୍ୟାଙ୍କ ରଣ ଜାଲିଆତି କରି ବ୍ରିଟେନରେ ରହିଥିବା ଭାରତର ମୋଷ୍ଟ ୱାଣ୍ଟେଡ୍ ବ୍ୟବସାୟୀ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କୁ ଖୁବ୍‌ଶୀଘ୍ର ପ୍ରତ୍ୟର୍ପଣ କରାଯାଇପାରେ ବୋଲି ଆଶା କରାଯାଉଛି। ଭାରତ ଅଣାଯିବାକୁ ଥିବା ପଳାତକମାନଙ୍କୁ ନିରାପଦ ସ୍ଥିତିରେ ରଖାଯିବ ଏବଂ ଆବଶ୍ୟକ ପଡ଼ିଲେ ହାଇପ୍ରୋଫାଇଲ୍ ବନ୍ଦୀଙ୍କ ପାଇଁ ଜେଲ ପରିସରରେ ସ୍ୱତନ୍ତ୍ର ଏନ୍‌କ୍ଲେଭ୍ ନିର୍ମାଣ କରାଯିବ ବୋଲି ଭାରତୀୟ କର୍ତ୍ତୃପକ୍ଷ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### କାନାଡାରୁ ଆର୍ଥିକ ସହାୟତା ପାଉଥିଲେ ଖଲିସ୍ତାନୀ ଆତଙ୍କବାଦୀ

ଓଟ୍ଟାୱା,୬।୯(ପି.ଟି.)

ଖଲିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ କାନାଡାରୁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ ବୋଲି ସେଠାର ସରକାରଙ୍କ ଟେରର ଫାଇନାନ୍ସିଂ ରିପୋର୍ଟରୁ ଜଣାପଡ଼ିଛି। '୨୦୨୫ ଆସେସ୍‌ମେଣ୍ଟ ଅଫ୍ ମନିଲଣ୍ଡରିଂ ଆଣ୍ଡ୍ ଟେରୋରିଷ୍ଟ ଫାଇନାନ୍ସିଂ ରିସ୍କସ୍ ଇନ୍ କାନଡା' ରିପୋର୍ଟରେ ଲେଖାଯାଇଛି, ଖଲିସ୍ତାନୀ ଉଗ୍ରପନ୍ଥୀ ଗୋଷ୍ଠୀ କାନାଡାରୁ ସ୍ପଷ୍ଟ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଏବଂ ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନରୁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ। ୮୦ ଦଶକ ମଧ୍ୟଭାଗରୁ କାନାଡାରେ ରାଜନୀତି ଦ୍ୱାରା ଅନୁପ୍ରାଣିତ ହିଂସାତ୍ମକ ଉଗ୍ରବାଦୀ କାର୍ଯ୍ୟ ଚାଲିଆସିଥିଲା ବୋଲି ୨ ମାସ ତଳେ ଓଟ୍ଟାୱା ଗୋଇନ୍ଦା ସଂସ୍ଥା ଜଣାଇଥିଲା। ବାବର ଖାଲ୍‌ସା, ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନ ଏବଂ ଶିଖ୍‌ସ ଫର୍ ଜଷ୍ଟିସ୍ ଭଳି ଖଲିସ୍ତାନୀ ସଂଗଠନଗୁଡ଼ିକ କାନାଡା ମାଟିରୁ ଆତଙ୍କବାଦୀ କାର୍ଯ୍ୟ ଚଳାଇବା ସହ ଆର୍ଥିକ ସହାୟତା ପାଉଥିଲେ, ଯାହାକୁ ତାଙ୍କ ଦେଶର ସରକାର ସ୍ୱୀକାର କରିଛନ୍ତି।

### ୧୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ

ହାଇଦ୍ରାବାଦ, ୬।୯

ମହାରାଷ୍ଟ୍ର ଠାଣେ ଜିଲାର ମୀରାରୋଡ୍ ପୋଲିସ ଶନିବାର ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ତେଲଙ୍ଗାନାର ଚେରାମାଲ୍ଲୀ ଅଞ୍ଚଳରେ ଥିବା ଏକ ଡ୍ରଗ୍ସ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଛି। ଚଢ଼ାଉବେଳେ ପୋଲିସ ପକ୍ଷରୁ ୧୨ ହଜାର କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ୍ (ଏମ୍‌ଡି) ଡ୍ରଗ୍ସ ଜବତ କରାଯିବା ସହ ୧୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରହିଛି ବୋଲି ପୋଲିସ କହିଛି। ଚଢ଼ାଉ ସମୟରେ ଡ୍ରଗ୍ସ ତିଆରିରେ ବ୍ୟବହୃତ ପ୍ରାୟ ୩୫ ହଜାର ଲିଟରର ରସାୟନିକ ପଦାର୍ଥ ମିଳିଛି।

### ମୁମ୍ବାଇ ପୋଲିସକୁ ଆର୍‌ଡିଏକ୍ସ ଧମକ ପଠାଇଥିବା ବ୍ୟକ୍ତି ନଏଡ଼ାରୁ ଗିରଫ

ନୂଆଦିଲ୍ଲୀ,୬।୯

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୧୪ ପାକିସ୍ତାନୀ ଆତଙ୍କବାଦୀ ୪୦୦ କେ.ଜି. ରୟାଲ ଡିମୋଲିଶନ୍ ଏକ୍ସପ୍ଲୋସିଭ୍ (ଆର୍‌ଡିଏକ୍ସ) ସହ ପ୍ରବେଶ କରିଥିବା ନେଇ ମୁମ୍ବାଇ ପୋଲିସ ନିକଟକୁ ଧମକପୂର୍ଣ୍ଣ ବାର୍ତ୍ତା ପଠାଇଥିବା ବିହାରର ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ଶନିବାର ନଏଡ଼ାରୁ ଗିରଫ କରାଯାଇଛି। ଏଥିସହିତ ତାଙ୍କୁ ସିମ୍ କାର୍ଡ ଯୋଗାଇଥିବା ଅନ୍ୟ ଜଣେ ମଧ୍ୟ ଗିରଫ ହୋଇଛନ୍ତି। ମୁମ୍ବାଇ ମହାନଗରରେ ଶନିବାର ଅନନ୍ତ ଚତୁର୍ଥୀରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଆତଙ୍କବାଦୀମାନେ ମାନବବୋମା



ଅଶ୍ୱିନୀକୁମାର ସୁପ୍ରା

ବିସ୍ଫୋରଣ ଘଟାଇବେ, ଯହିଁରେ କୋଟିଏ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗୁରୁବାର ଟ୍ରାଫିକ୍ ପୋଲିସ କଣ୍ଟ୍ରୋଲ ରୁମ୍‌ର ହ୍ୱାଟ୍ସଆପ୍ ହେଲ୍‌ପଲାଇନ୍ ନମ୍ବରକୁ ଧମକପୂର୍ଣ୍ଣ ମେସେଜ୍ ଆସିବା ପରେ ସହରରେ ହାଇ ଆଲର୍ଟ ଜାରି କରାଯାଇଥିଲା। ଧମକ ବାର୍ତ୍ତା ପଠାଇଥିବା ବ୍ୟକ୍ତି ଅଶ୍ୱିନୀକୁମାର ସୁରେଶକୁମାର ସୁପ୍ରା ଓ ତାଙ୍କ ଘର ପାଟନାରେ ବୋଲି ଏକ ସୂତ୍ରରୁ କୁହାଯାଇଛି। ସ୍ଥାନୀୟ ଗୋଇନ୍ଦା, ସର୍ଭିଲାନ୍ସ ଏବଂ ଏକ ତେଜରାତି ଦୋକାନର ସିସିଟିଭି ଫୁଟେଜ୍‌ରୁ ମିଳିଥିବା ତଥ୍ୟ ଆଧାରରେ ନଏଡ଼ା ସେକ୍ଟର ୭୯ରୁ ତାଙ୍କୁ ଗିରଫ କରାଯାଇ ମୁମ୍ବାଇ ପୋଲିସକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅଶ୍ୱିନୀକୁମାର ଜଣେ ଜ୍ୟୋତିଷ ଓ ବ୍ୟବସାୟୀ। ତାଙ୍କର ସ୍ତ୍ରୀଙ୍କ ସହ ଛାଡ଼ପତ୍ର ମାମଲା ଚାଲିଛି। ଅନ୍ୟ ଅଭିଯୁକ୍ତଙ୍କୁ ସୋରଖା ଗ୍ରାମରୁ ଗିରଫ କରାଯାଇଛି।

## ଫୁରସତ୍

# କବାଟ ନ ଥିବା ଗାଁ

**ବ୍ୟାଙ୍କ୍‌ରେ ମଧ୍ୟ ତାଲା ପଡ଼େ ନାହିଁ**

ମୁମ୍ବାଇ

ସାମ୍ପ୍ରତିକ ସମୟରେ ଚୋରି ଭୟରେ ଲୋକମାନେ ନିଜ ଘରେ ମଜଭୁତ୍ କବାଟ ଲଗାଉଛନ୍ତି। ସେହିପରି ନିଜ ଆସବାବପତ୍ର ଉପରେ ୨୪ ଘଣ୍ଟା ନଜର ରଖିବା ପାଇଁ ଘରେ ସିସିଟିଭି କ୍ୟାମେରା ଲଗାଉଛନ୍ତି। ତେବେ ଏହାଠାରୁ ଭିନ୍ନ ମହାରାଷ୍ଟ୍ରରେ ଏପରି ଏକ ଗାଁ ରହିଛି, ଯେଉଁଠାରେ ଥିବା ଘରଗୁଡ଼ିକର କବାଟ ନାହିଁ। ମହାରାଷ୍ଟ୍ରର ଅହମଦନଗର ଜିଲାରେ ଅବସ୍ଥିତ ଏହି ଗାଁର ନାମ ହେଉଛି ଶନି ସିଗ୍ନାପୁର। ଶିରିଡିଠାରୁ ପ୍ରାୟ ୭୦ କି.ମି ଦୂରରେ ଥିବା ଏହି ଗ୍ରାମରେ ଭଗବାନ ଶନିଙ୍କର ଏକ ପ୍ରାଚୀନ ମନ୍ଦିର ରହିଛି। ଦୂରଦୂରାନ୍ତରୁ ଅନେକ ଭକ୍ତ




ଭଗବାନ ଶନିଙ୍କର ଦର୍ଶନ କରିବା ପାଇଁ ଏହି ଗ୍ରାମକୁ ଆସିଥାନ୍ତି। ପରମ୍ପରା ଅନୁଯାୟୀ, ଗ୍ରାମରେ ଥିବା ଘରଗୁଡିକରେ କବାଟ ନାହିଁ। ସେହିପରି ଗ୍ରାମରେ ଥିବା ଦୋକାନ ଏବଂ ହୋଟେଲଗୁଡ଼ିକରେ ମଧ୍ୟ ତାଲା ପକାଯାଏ ନାହିଁ। ଏହା ସତ୍ତ୍ୱେ ମଧ୍ୟ ଶନି ସିଗ୍ନାପୁର ଗ୍ରାମରେ କେବେ ମଧ୍ୟ ଚୋରି ହୁଏ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ବିଶ୍ୱାସ ଅନୁଯାୟୀ, ଶନି ସିଗ୍ନାପୁର ଗ୍ରାମକୁ ସ୍ୱୟଂ ଶନିଦେବ ସୁରକ୍ଷା ଦିଅନ୍ତି। ତେଣୁ ଏହି ଗ୍ରାମରେ ଚୋରି ହୁଏନାହିଁ। ଯଦି କେହି ଏହି ଗ୍ରାମରୁ ଚୋରି କରିବାକୁ ଦୁଃସାହସ କରନ୍ତି, ତେବେ ଶନିଦେବଙ୍କ କ୍ରୋଧରୁ ସେ ବର୍ତ୍ତି ପାରିବେ ନାହିଁ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି। ମହାରାଷ୍ଟ୍ର ପର୍ଯ୍ୟଟନର ସରକାରୀ ୱେବ୍‌ସାଇଟ୍ ଅନୁଯାୟୀ, ଉକ୍ତ ପରମ୍ପରାକୁ ଗ୍ରାମରେ ଥିବା ୟୁକୋ ବ୍ୟାଙ୍କ ମଧ୍ୟ ପାଳନ କରୁଛି। ଶନି ସିଗ୍ନାପୁର ଗ୍ରାମରେ ଥିବା ୟୁକୋ ବ୍ୟାଙ୍କ ବ୍ରାଞ୍ଚରେ ମଧ୍ୟ ତାଲା ପଡ଼ି ନ ଥାଏ। ଏହା ସତ୍ତ୍ୱେ ବି ଉକ୍ତ ବ୍ୟାଙ୍କରୁ କେବେ ମଧ୍ୟ ଚୋରି ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

# 'ଧମାଲ ୪' ଶୁଟିଂ ଶେଷ

ମୁମ୍ବାଇ

'ଧମାଲ' ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'ଧମାଲ ୪'ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟକରି ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ଇଦ୍ ଅବସରରେ ଏହି ମଲ୍ଟିଷ୍ଟାରର୍ କମେଡି ଫିଲ୍ମ ମୁକ୍ତିଲାଭ କରିବ ବୋଲି ଅଜୟ ତାଙ୍କ ପୋଷ୍ଟରେ ଦର୍ଶାଇଛନ୍ତି। ଉକ୍ତ ପୋଷ୍ଟରେ ଅଜୟଙ୍କ ସମେତ ଫିଲ୍ମର ବିଭିନ୍ନ ଚରିତ୍ରଙ୍କ ଲୁକ୍ ଉପରୁ ପରଦା ଉଠିଛି। 'ଟି- ସିରିଜ୍' ପ୍ରଡକ୍ସନ ହାଉସ୍‌ର ବ୍ୟାନରରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଇନ୍ଦ୍ର କୁମାର ଦେଇଛନ୍ତି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅଭିନେତା ରିତେଶ ଦେଶମୁଖ, ଅର୍ଶଦ ୱାର୍ଶି, ଜାଭେଦ ଜାଫ୍ରି, ସଞ୍ଜୟ ମିଶ୍ରା, ରବି କିଶନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ରବିଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଗତ ମାର୍ଚ୍ଚରୁ 'ଧମାଲ ୪'ର ଶୁଟିଂ ଆରମ୍ଭ ହୋଇଥିଲା। ପ୍ରକାଶ ଯେ, 'ଧମାଲ' ଫ୍ରାଞ୍ଚାଇଜ୍‌ର ପ୍ରଥମ ଭାଗ 'ଧମାଲ' ୨୦୦୭ରେ, ଦ୍ୱିତୀୟ ଭାଗ 'ଡବଲ ଧମାଲ' ୨୦୧୧ରେ ଏବଂ ତୃତୀୟ ଭାଗ 'ଟୋଟାଲ ଧମାଲ' ୨୦୧୯ରେ ରିଲିଜ୍ ହୋଇଥିଲା। ଉକ୍ତ ୩ ଫିଲ୍ମ ଦର୍ଶକଙ୍କୁ ଖୁବ୍ ହାସ୍ୟ ଏବଂ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା।



ଅଜୟ ଦେବ୍‌ଗନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ହୋଣ୍ଡା ସିବି୧୨୫ ହର୍ନେଟ୍, ଶାଇନ ୧୦୦ ଡିଏକ୍ସ



ଭୁବନେଶ୍ୱରର ଉତ୍କଳ ଗ୍ୟାଲେରିଆରେ ଅନୁଷ୍ଠିତ ଉନ୍ମୋଚନ ଅବସରରେ ହୋଣ୍ଡା ରିଜିଓନାଲ ମ୍ୟାନେଜର ସଚିନ୍ ପାୱାର, ଜୋନାଲ ମ୍ୟାନେଜର(ସେଲ୍‌ସ) ରାଜେଶ ଚୌଧୁରୀ, ଜୋନାଲ ମ୍ୟାନେଜର(ସର୍ଭିସ୍) ପ୍ରତାପ ସିଂହ, ଗୁଗ୍‌ନାନୀ ହୋଣ୍ଡା ମାଲିକ ରାଜନ୍ ଗୁଗ୍‌ନାନୀ ଓ ଶିବମ୍ ହୋଣ୍ଡା ମାଲିକ ବୁବୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଅଛନ୍ତି।




କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଏରିଆ ସେଲସ୍ ମ୍ୟାନେଜର ଅଭିଷେକ ହୋତା ଓ ସତ୍ୟଜିତ ଦାସ, ଉତ୍କଳ ହୋଣ୍ଡା ମ୍ୟାନେଜିଂ ପାର୍ଟନର ଅଖିଲ୍ ପୋଦ୍ଦାର, ଦୁର୍ଗା ହୋଣ୍ଡା ମ୍ୟାନେଜିଂ ପାର୍ଟନର ଶୁଭେନ୍ଦୁ ମହାନ୍ତି ଓ ଏସ୍‌ଜିବିଏଲ୍ ହୋଣ୍ଡା ମ୍ୟାନେଜିଂ ପାର୍ଟନର ସୁନୀଲ ଗୁପ୍ତା ସାମିଲ ହୋଇଥିଲେ।

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଓଡ଼ିଶା ପକ୍ଷରୁ ଅଲ-ନିୟୁ ସିବି୧୨୫ ହର୍ନେଟ୍ ଏବଂ ଶାଇନ ୧୦୦ ଡିଏକ୍ସର ଓଡ଼ିଶା ବଜାର ପ୍ରବେଶ କରାଇଛି। ଅଲ-ନିୟୁ ହୋଣ୍ଡା ସିବି ୧୨୫ ହର୍ନେଟ୍‌ର ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ ୧,୧୨,୦୦୦ ଟଙ୍କା ରଖାଯାଇଥିବାବେଳେ ଶାଇନ ୧୦୦ ଡିଏକ୍ସ ମୂଲ୍ୟ ୭୬,୮୦୯ ଟଙ୍କା (ଏକ୍ସ-ଶୋ'ରୁମ୍, କଟକ) ରଖାଯାଇଛି। ସିବି୧୨୫ ହର୍ନେଟ୍‌ରେ ସ୍ପୋର୍ଟିଷ୍ଟାଇଲିଂ ଏବଂ 'ରାଇଡୟୋରଜି' ଉତ୍ସାହ ଭରି ରହିଛି। ସେହିଭଳି ଶାଇନ୍ ୧୦୦ ଡିଏକ୍ସ ଗ୍ରାହକ ଆଶା କରୁଥିବା 'ସଲିଡହେଁ' ଆଧାରରେ ଏହାର ପରିବର୍ଦ୍ଧିତ ବୈଶିଷ୍ଟ୍ୟାବଳୀ ଏବଂ ପ୍ରିମିୟମ ଷ୍ଟାଇଲିଂ ବହନ କରୁଛି। ହୋଣ୍ଡା ସିବି୧୨୫ ହର୍ନେଟ୍‌ରେ ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଲେମନ୍ ଆଇସ୍ ୟେଲୋ, ପର୍ଲସାଇରେନ୍‌ବ୍ଲୁ, ପର୍ଲଇଗ୍ନେସ୍‌ବ୍ଲାକ, ଆଥ୍‌ଲେଟିକ ବ୍ଲୁ ମେଟାଲିକ ରଙ୍ଗରେ ଉପଲବ୍ଧ। ଏଥିରେ ଏହି ଶ୍ରେଣୀରେ ପ୍ରଥମ ଗୋଲ୍‌ଡେନ ୟୁଏସ୍‌ଡି ସମ୍ମୁଖ ଫର୍କ, ଅଲ୍-ଏଲଇଡିଲାଇଟିଂ ବ୍ୟବସ୍ଥା ଏସ୍‌ଏମ୍‌ଏସ୍ ଆଲର୍ଟ ପାଇଁ ବ୍ଲୁଟୁଥ୍ ସମର୍ଥିତ ହୋଣ୍ଡା ରୋଡ୍‌ସିଙ୍କ୍ ଏବଂ ୪.୨ ଇଞ୍ଚର ଟିଏଫ୍‌ଟି ଡିସ୍‌ପ୍ଲେ ରହିଛି। ଅତିରିକ୍ତ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏକ ୟୁନିଭର୍ସାଲଟାଇପ୍-ସିଚାର୍ଜିଂ ପୋର୍ଟ ଏବଂ ସମ୍ମୁଖ ଭାଗରେ ଏକ ୨୪୦ ଏମ୍‌ଏମ୍‌ପେଟାଲଡିସ୍କ ସହିତ ସିଙ୍ଗଲ-ଚ୍ୟାନେଲ ଏବିଏସ୍ ରହିଛି। ସିବି୧୨୫ ହର୍ନେଟ୍‌ରେ ଶକ୍ତିଶାଳୀ ୧୨୩.୯୪ ସିସି, ସିଙ୍ଗଲ-ସିଲିଣ୍ଡର ରହିଛି। ଏହାସହିତ ଏଥିରେ ୫-ସ୍ପିଡ ଗିୟର ବକ୍ସ ରହିଛି। ଏହାମାତ୍ର ୫.୪ ସେକେଣ୍ଡରେ ୦ରୁ ୬୦ କିଲୋମିଟର ବେଗ ଧରିପାରୁଛି।

# ୮୧ ଶିକ୍ଷକଙ୍କୁ ପୁରସ୍କୃତ କଲେ ଯୋଗୀ

ଭୁବନେଶ୍ୱର, ୬।୯


ଯୋଗୀ ଆଦିତ୍ୟନାଥ

ଲକ୍ଷ୍ନୌର ଲୋକଭବନ ସଭାଗୃହରେ ରାଜ୍ୟ ଶିକ୍ଷକ ପୁରସ୍କାରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ୮୧ ଶିକ୍ଷକଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ଏହାସହ ଏସ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ 'ଗୁଲ୍ଲକ' ବାଲ କାହାଣୀ ସଂଗ୍ରହ, 'ବାଲ ବାଟିକା' ହସ୍ତପୁସ୍ତିକା ଏବଂ ଶୈକ୍ଷିକ ନବାଚାର ସଂକଳନ 'ଉଦ୍ଗମ' ପୁସ୍ତିକା ଓ 'ଉଦ୍ଗମ'ର ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଥିଲା। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସହ ଜଡ଼ିତ ୫ ଶିକ୍ଷକଙ୍କୁ ୨୫ ହଜାର ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।


## ମନେ ପଡ଼ନ୍ତି

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



Late Shri Jagneswar Dash
SG-32, ଶ୍ରୀକ୍ଷେତ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୩୨
ତିରୋଧାନ: ୨୯।୦୯।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୮୯୦

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ନୂଆ ରୂପରେ ରେନୋ କାଇଗର

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)





୨୦୨୫ ରେନୋ କାଇଗର ଫେସଲିଫ୍ଟ ଭାରତରେ ଅଗଷ୍ଟରେ ଲଞ୍ଚ ହୋଇଛି। ତେବେ ଶନିବାର ନୟାପଲ୍ଲୀସ୍ଥିତ ରେନଲ୍ଟ ଶୋ'ରୁମ୍‌ରେ ଗର୍ଗସନ୍ ଗ୍ରୁପ୍ ଏମ୍‌ଡି ସତୀଶ ଗର୍ଗ, ଟିପିସିଓଡିଏଲ୍ ଜେନେରାଲ ମ୍ୟାନେଜର ବିକାଶ ସରକାର, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ ହେଡ୍ ନିରଞ୍ଜନ ବାରିକ ଓ ରେନଲ୍ଟ ଭୁବନେଶ୍ୱରର ଜିଏମ୍ ଅମୂଲ୍ୟରତ୍ନ ଦାସ ଏହାର ଉନ୍ମୋଚନ କରିଛନ୍ତି। ଏହି ସବ୍-୪-ମିଟର ଏସ୍‌ୟୁଭିର ମୂଲ୍ୟ ୬.୨୯ ଲକ୍ଷରୁ ୧୧.୨୯ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ୍) ମଧ୍ୟରେ ରହିଛି। ଏହାର ବାହ୍ୟ ଡିଜାଇନରେ ନୂଆ ରେନୋ ଲୋଗୋ ସହ ଆକର୍ଷଣୀୟ ଫ୍ରଣ୍ଟ ଗ୍ରିଲ୍, ଏଲ୍‌ଇଡି ହେଡ୍‌ଲାଇଟ, ଫଗ୍‌ଲ୍ୟାମ୍ପ ଏବଂ ସି-ଆକୃତିର ଏଲ୍‌ଇଡି ଟେଲ ଲ୍ୟାମ୍ପ ରହିଛି। ଓଏସିସ୍ ହଳଦିଆ ଓ ଶ୍ୟାଡୋ ଗ୍ରେ ସମେତ ୭ଟି ରଙ୍ଗ ବିକଳ୍ପ ଏବଂ ୧୬ ଇଞ୍ଚର ଡାଏମଣ୍ଡ-କଟ୍ ଆଲଏ ହ୍ୱିଲ ଏହାକୁ ଆକର୍ଷଣୀୟ କରିଛି। କାର୍ ଭିତରେ ଡୁଆଲ-ଟୋନ୍ କଳା ଓ ଧୂସର ଥିମ୍, ଭେଣ୍ଟିଲେଟେଡ୍ ଲେଦରେଟ୍ ସିଟ୍, ୮ ଇଞ୍ଚ ଟଚ୍‌ସ୍କ୍ରିନ୍ ସହ ଓ୍ୱାୟରଲେସ୍ ଆଣ୍ଡ୍ରଏଡ୍ ଅଟୋ ତଥା ଆପଲ କାର୍‌ପ୍ଲେ ଏବଂ ୭ ଇଞ୍ଚ ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିଛି। ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ଇଏସ୍‌ପି, ୩୬୦ ଡିଗ୍ରୀ କ୍ୟାମେରା ଏବଂ ୪-ଷ୍ଟାର ଗ୍ଲୋବାଲ ଏନ୍‌ସିଏପି ରେଟିଂ ରହିଛି।

# କଂସାରିଗୁଡ଼ାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ

ରାୟଗଡ଼ା, ୬।୯(ଆଶିଷ ରଞ୍ଜନ ପଣ୍ଡା)

କଂସାରିଗୁଡ଼ାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ । ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରାୟଗଡ଼ା ଜିଲା କଂସାରିଗୁଡ଼ାଠାରେ ପ୍ରତିଷ୍ଠିତ ଆଦିତ୍ୟ ଆଲୁମିନା ରିଫାଇନେରି ଓ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ମଧ୍ୟରେ ଏନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ବୁଝାମଣାପତ୍ର ଆଦିତ୍ୟ ଆଲୁମିନା ରିଫାଇନେରିର ୟୁନିଟ୍ ହେଡ୍ ଏବଂ ସଭାପତି ମଜହର ବେଗ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି। ସ୍ଥାନୀୟ କଂସାରିଗୁଡ଼ାଠାରେ ଏହି ଆଧୁନିକ ପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବ। ଆଦିତ୍ୟ ଆଲୁମିନା ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମାଞ୍ଚଳରେ ଉନ୍ନତ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଥିବା ଆବଶ୍ୟକତା ପୂରଣ ନେଇ ଏହାର ଲକ୍ଷ୍ୟ ରହିଛି। ଚୁକ୍ତି ସ୍ୱାକ୍ଷର ଅବସରରେ ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର, ସିୟୁଟିଏମ୍ ସଭାପତି ଅରୁନ୍ଧତୀ ବିଶ୍ୱାଳ, ସିୟୁଟିଏମ୍ ପାର୍ଟନରଶିପ୍ସ ନିର୍ଦ୍ଦେଶକ ଦୀପକ ମହାନ୍ତି, ଆଦିତ୍ୟ ଆଲୁମିନା ରିଫାଇନେରି ମୁଖ୍ୟ ଏଚ୍‌ଆର୍, ମୃତ୍ୟୁଞ୍ଜୟ ଲେଙ୍କା, ଉପସଭାପତି ମାଇନ୍ସ ତନ୍ମୟ ମହାନ୍ତି, ମୁଖ୍ୟ ସିଏସ୍‌ଆର୍ ଏବଂ ଆର୍ ଓ ଆର୍‌ଙ୍କ ସମେତ ଆଦିତ୍ୟ ଆଲୁମିନା ଓ ସିୟୁଟିଏମ୍ ଅନୁଷ୍ଠାନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Wanted a beautiful, well Educated Tall Girl within the age group of 26 to 30 years for a B.TECH+ MBA qualified boy (MBA from KIIT School of Management, Bhubaneswar), working as a Manager, Talent Acquisition in a Bangalore based IT-AI Company. Presently working from home (Dhenkanal). Bride from Karana, Kshatriya or Khandayat Family is preferred, Contact- Father (Call-9937717477, Whatsapp-9438772415). D-1895

**Wanted bride from Odia Brahmin Family for son 29 years, 5'11", 25/11 working as Manager in RBI. Kindly contact- 8200357446.** D-1849

## GROOM WANTED

Wanted suitable service groom for beautiful Kshyatrya Girl 1995, 5'4", MSC (Geology) "SUNASANSAR". 9937512659. D-1886

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

Commercial cum residential plot, gharabari with compound wall touching to N.H.- 316 road (Nakhara to Niali) 10 KM from Nakhara & 15 KM to BBSR 80X30=2400sft. high land from road level @2500/- pervsft. 7809525452. D-76487

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872




Newly open Jyoti SPA positively health benefits (expert therapist). 8458067955. D-1885

Newly open health benefits spa by experts therapist con 8658088274. D-1866

## AFFIDAVIT

ମୁଁ ଦିବ୍ୟଦର୍ଶିନୀ ମହାରଣା, ପିତା- ସ୍ୱର୍ଗତ ଦିଲ୍ଲୀପ କୁମାର ମହାରଣା, ଗ୍ରାମ- ଶିଙ୍ଗାରି ଶାସନ, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୧୦୦, ଓଡ଼ିଶା ନିବାସୀ, ଏହି ଶପଥ ପତ୍ର, ସିଏଫ୍ ନମ୍ବର ୧୯, ତା୧୯।୦୬।୨୦୨୫ରେ ଘୋଷଣା କରୁଛି ଯେ ଭବିଷ୍ୟତରେ ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ଓମ ଦିବ୍ୟ ଦର୍ଶନ ଭାବରେ ପରିଚିତ ହେବି। ଧ-୭୬୪୯୦

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit before Notary Public, Kantabanji bearing No.- 2239 on 06.09.2025 that before marriage I known as Mithila Thela, D/o- Netranand Thela which is mentioned in my Aadhaar Card, after marriage to Tikaram Bhati I known as Mithila Bhati, W/o- Tikaram Bhati of Village- Buromal, P.O.- Bichhuabahali, P.S.- Kantabanji, Dist.- Balangir, (Odisha) which is mentioned in my Bank Accounts and also updated in my Aadhaar Card whereas Mithila Thela and Mithila Bhati, W/o- Tikaram Bhati is same and one person. D-1893

By virtue of an affidavit sworn before the Executive Magistrate, Semiliguda, vide No.- 217, dated 30.05.2025, I, Sri Kaliprasanna Sahoo, S/o- Late Bhikari Sahoo, resident of Qtr. No.- B/396, Sector-II, NALCO Township, P.O./P.S.- Damanjodi, Dist.- Koraput do hereby solemnly affirm and declare that my widowed sister's name was changed from Sukumari Sahoo to Sukumari Behera after her marriage. However, both names refer to one and the same person. Henceforth, she shall be known as Sukumari Behera for all purpose. D-1891

I, Laxmipriya Behera, W/o- Jagadish Behera, resident At/P.O.- Rajpur, Rampur, Dist.- Kalahandi, 766032, Odisha declare by this affidavit No.- 8265 on dtd 19.08.2025 that now onwards I shall be known as LAKSHMIPRIYA BEHERA for all future purpose. D-76489

ନୋଟାରୀ ପବ୍ଲିକ, ସୋନପୁର ପାଖରେ ଆଫିଡେଭିଟ୍ କରୁଅଛି କି ମୁଁ ତିଳତମା ସେବକ (୪୫), ସ୍ୱା- ପ୍ରମୋଦ ସେବକ, ଗ୍ରା- ଡଭଲା (ଗୋଲାପଡ଼ା), ପୋ/ଥା- ବିନିକା, ଜି- ସୁବର୍ଣ୍ଣପୁର ମୋର ଆଧାର ନମ୍ବର- XXXX XXXX 8324 ମୋର ଆଗ ନାମକୁ ବଦଳାଇ ଭଗବତୀ ସେବକ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୮୮୯

By virtue of an affidavit sworn before the Executive Magistrate, Junagarh, No.- 358, date 25.08.25, I, Madan Majhi, R/o. Village/P.O.- Sanyasikundamal, P.S.- Junagarh, Dist.- Kalahandi, Odisha declare that my son name wrongly mentioned in Aadhaar Card as Damburu Majhi, actually he is Dambarudhar Majhi. Henceforth, he shall be known as Dambarudhar Majhi for all purposes.
Madan Majhi.
D-1888

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

1672, 01.09.2025

ମାନ୍ୟବର ଆଡିସ୍‌ନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ-୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୧୦୪୪/୨୦୨୪
ନଳିନୀ ପ୍ରଭା ରାଉତ ଓଗେର ....ବାଦୀମାନେ
ବନାମ
ନିତ୍ୟାନନ୍ଦ ବେହେରା ଓଗେର .... ପ୍ରତିବାଦୀମାନେ
ପ୍ରାପ୍ତେଷୁ;
ପ୍ରତିବାଦୀ ନଂ.- (୧୬) ନିର୍ମଳ କୁମାର ସ୍ୱାଇଁ, ପି- ନିତ୍ୟାନନ୍ଦ ସ୍ୱାଇଁ, ସା- ଆଇଆର୍‌ସି ଭିଲେଜ, ଭୁବନେଶ୍ୱର, (୧୯) ଆଲୋକ କୁମାର ଦାସ, ପି- ବଂଶୀଧର ଦାସ, ସା- ଏନ୍-୫/୩୮୫, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର, (୨୨) ସଂଜୟ ଦାସ, ପି- ରାଜେନ୍ଦ୍ର ପ୍ରସାଦ ଦାସ, (୨୩) ସୌଦାମିନୀ ଦେବି, ସ୍ୱା- ୰ରାଜେନ୍ଦ୍ର ପ୍ରସାଦ ଦାସ, (୨୪) ମିତ୍ର ଦେବ ଦାସ, ପି- ୰ରାଜେନ୍ଦ୍ର ପ୍ରସାଦ ଦାସ, କ୍ର.ନଂ.- ୨୨, ୨୩ ଓ ୨୪ଙ୍କ ଠିକଣା ସା- ସମିୟା, ପୋ- କଳକଳା, ଥାନା- ବଡ଼ଚଣା, ଜି- ଯାଜପୁର, (୨୫) ରାଜେନ୍ଦ୍ର ନାରାୟଣ ରାଉତ, ପି- କୁଳମଣି ରାଉତ, ସା- ପ୍ଲଟ୍ ନଂ.- ୪୧୬, ପୋ/ଥା- ସହିଦ ନଗର, ଭୁବନେଶ୍ୱର-୦୭, ଜି-ଖୋର୍ଦ୍ଧା। .... ପ୍ରତିବାଦୀମାନେ
ନୋଟିସ
ସିପିସି ଅର୍ଡର- ୫, ରୁଲ୍- ୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସ୍‌ନାଲ କମିଶନର, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀମାନେ ନଳିନୀ ପ୍ରଭା ରାଉତ ଓଗେର ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପରୋକ୍ତ ମକଦ୍ଦମା ଦାଏର କରିଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସମାନ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୪।୧୦।୨୦୨୫ରିଖ ଦିବା ଘ.୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା-ସୁନ୍ଦରପୁର, ହାଲ୍ ବନ୍ଦୋବସ୍ତ ଖାତା ନଂ.- ୬୬୩, ହାଲ୍ ପ୍ଲଟ୍ ନଂ.-୧୩୧୭, ମୋଟ୍ ଏରିଆ ଏ୦.୩୧୩ଡି. ସ୍ୱଧ ଖରିଦ ବୃତ୍ତି ଏ୦.୦୪୬ଡି. କିସମ ପତିତ, ସ୍ୱତ୍ୱ- ସ୍ଥିତିବାନ୍, ଯାହାକି ସାବିକ ବନ୍ଦୋବସ୍ତ ଖାତା ନଂ.- ୧୫୬, ସାବିକ ପ୍ଲଟ୍ ନଂ.- ୬୮୯, ସବ୍ ପ୍ଲଟ୍ ନଂ.- ୨୧୯-ଏ, ଏରିଆ ଏ୧.୪୪୦ ଡି. ସ୍ୱଧ ଖରିଦା ବୃତ୍ତି ଏ୦.୦୪୬ଡି. କିସମ- ପୁରାତନ ପତିତ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।
ତା :
ଭୁବନେଶ୍ୱର
ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
ସ୍ୱା./- କୋର୍ଟ ଅଫିସର
ଧ-୧୮୮୭

# ହେଲ୍‌ଥ ଚେକ୍‌ଅପ୍

**ସ୍ୱାସ୍ଥ୍ୟ ମଣିଷର ସବୁଠାରୁ ବଡ଼ ସମ୍ପଦ। କାରଣ ମଣିଷ ସୁସ୍ଥ ରହିଲେ ହିଁ ଜୀବନରେ କିଛି କରିବାର ସ୍ୱପ୍ନ ପୂରଣ କରିପାରିବ। ହେଲେ ବର୍ତ୍ତମାନର ବ୍ୟସ୍ତବହୁଳ ଏବଂ ଅବ୍ୟବସ୍ଥିତ ଜୀବନଚର୍ଯ୍ୟା ଭିତରେ ଅଳ୍ପ ବୟସରୁ ଅନେକେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ସମସ୍ୟାଠୁ ଦୂରେଇ ରହିବା ଲାଗି ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେବା ସହିତ କେବଳ ବୟସ୍କମାନେ ନୁହନ୍ତି ଯୁବପିଢ଼ି ମଧ୍ୟ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ନିହାତି ଜରୁରୀ...**



ଏମିତି ଅନେକ ଅଛନ୍ତି, ଯେଉଁମାନେ ହେଲ୍‌ଥ ଚେକ୍‌ଅପ୍, ବ୍ଲଡ୍ ଟେଷ୍ଟ, ଡାକ୍ତରଙ୍କ ପାଖକୁ ଯିବା କଥା ଶୁଣିଲେ ଛାନିଆ ହୋଇଯାଆନ୍ତି। ହେଲେ ବର୍ତ୍ତମାନ ଯେକୌଣସି ବୟସରେ ବିଭିନ୍ନ ରୋଗ ଦେଖାଦେଉଛି। ସାଧାରଣତଃ ଶରୀରରେ ଦେଖାଦେଉଥିବା ଛୋଟ ଛୋଟ ସମସ୍ୟାକୁ ଅଧିକାଂଶ ଅଣଦେଖା କରିଦିଅନ୍ତି। ଏମିତିକି କେବେକେବେ ରୋଗର ଲକ୍ଷଣ ବି ଦେଖା ଦେଇ ନ ଥାଏ। ହେଲେ ଧୀରେ ଧୀରେ ଏହା ରହି ରହି ଜଟିଳ ସମସ୍ୟାର ରୂପ ନେଇଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ମଝିରେ ମଝିରେ ଅତି କମ୍‌ରେ ବର୍ଷରେ ଥରେ ହେଲ୍‌ଥ ଚେକ୍‌ଅପ୍ କରେଇନେବା ନିହାତି ଆବଶ୍ୟକ। ଯଦ୍ୱାରା ନା କେବଳ ଶରୀର ସୁସ୍ଥ ଅଛି ବୋଲି ଜାଣିହେବ ବରଂ କୌଣସି ସମସ୍ୟା ଥିଲେ ଯଥା ସମୟରେ ଏହାର ଚିକିତ୍ସା କରାଯାଇ ଶୀଘ୍ର ଆରୋଗ୍ୟ ହୋଇପାରିବେ। ତେବେ ଜାଣିବା କେଉଁ ସବୁ ଚେକ୍‌ଅପ୍ କରାଇବା ଆବଶ୍ୟକ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକଙ୍କୁ ଏକ ବର୍ଷରେ ଅତିକମ୍‌ରେ ଥରେ ଫୁଲ୍ ବଡି ଚେକ୍‌ଅପ୍ କରାଇନେବା ଆବଶ୍ୟକ। ବିଶେଷକରି ୧୮ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ଯୁବପିଢ଼ିଙ୍କୁ ଯେଉଁଥିରେ ବ୍ଲଡ୍‌ପ୍ରେସର୍, ବାୟୋମାସ୍ ଇଣ୍ଡେକ୍ସ ଆଦି ଜାଣିବା ଲାଗି ଏକ ପ୍ରିଭେଣ୍ଟିଭ୍ ହେଲ୍‌ଥ ଚେକ୍‌ଅପ୍ କରାଇନେବା ଦରକାର। ସେହିପରି ୨୫-୪୫ ବର୍ଷ ମଧ୍ୟରେ ସୁଗାର, ଲିପିଡ୍ ପ୍ରୋଫାଇଲ୍, ବ୍ଲଡ୍‌ପ୍ରେସର, ଇସିଜି ଆଦି ଭଳି କେତେକ ରୁଟିନ୍ ଟେଷ୍ଟ କରାଇବା ଆବଶ୍ୟକ। ଏହାବ୍ୟତୀତ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତାହାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶକ୍ରମେ ଅନ୍ୟାନ୍ୟ ଟେଷ୍ଟ ବି କରାଇବା ଜରୁରୀ।





**ବ୍ଲଡ୍ ଟେଷ୍ଟ:** ଶରୀରରେ କୌଣସି ସମସ୍ୟା ଅଛି ନା ନାହିଁ ଜାଣିବା ଲାଗି କେତେକ ବ୍ଲଡ୍ ଟେଷ୍ଟ କରାଇବା ଦରକାର...

❖ସିବିସି ଟେଷ୍ଟରୁ ଶରୀରରେ ରକ୍ତର ପରିମାଣ କେତେ ଅଛି ଏବଂ ସେଥିରେ କୌଣସି ଇନ୍‌ଫେକ୍ସନ ଅଛି କି ନାହିଁ ଜଣାପଡ଼ିଥାଏ।

❖ରକ୍ତରେ ଗ୍ଲୁକୋଜ୍ ମାତ୍ରା କେତେ ଅଛି ଜାଣିବା ଦ୍ୱାରା ଡାଇବେଟିସ୍ ଥିଲେ ତୁରନ୍ତ ଚିକିତ୍ସା କରାଇବା ସହଜ ହୋଇଥାଏ।

❖ଲିପିଡ୍ ପ୍ରୋଫାଇଲ୍‌ରୁ କୋଲେଷ୍ଟରଲ୍, ବିଶେଷକରି ଟ୍ରାଇଗ୍ଲିସେରାଇଡ୍‌ର ମାତ୍ରା କେତେ ଅଛି ଜଣାପଡ଼ିଥାଏ, ଯାହାକି ବର୍ତ୍ତମାନ ଅଧିକାଂଶଙ୍କଠାରେ ହୃଦ୍‌ଜନିତ ସମସ୍ୟାର ମୁଖ୍ୟ କାରଣ ପାଲଟିଛି।


❖ଲିଭର ଫଙ୍କସନ୍ ଟେଷ୍ଟ କରାଇବା ଦ୍ୱାରା ଏହା ସୁସ୍ଥ ଅଛି କି ନାହିଁ ଏବଂ ହେପାଟାଇଟିସ୍ ସମସ୍ୟା ଥିଲେ ସହଜରେ ଜାଣିହୁଏ।

❖କିଡ୍‌ନୀ ଫଙ୍କ୍‌ଶନ୍ ଟେଷ୍ଟରୁ କ୍ରନିକ୍ କିଡ୍‌ନୀ ଡିଜିଜ୍, ସୋଡିୟମ୍, ପୋଟାସିୟମ, ଇଲେକ୍ଟ୍ରୋଲାଇଟ୍ସ ଅସନ୍ତୁଳନ ଜଣାପଡ଼ିଥାଏ।

❖ଥାଇରଏଡ୍ ଟେଷ୍ଟ(ଟି୩, ଟି୪, ଟିଏସ୍‌ଏଚ୍) କରାଇବା ଦ୍ୱାରା ଏହାଜନିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଜାଣିବା ସହ ଆବଶ୍ୟକସ୍ଥଳେ ଚିକିତ୍ସା କରାଇବା ସହଜ ହୋଇଥାଏ।

❖ଭିଟାମିନ୍ ଟେଷ୍ଟ ଦ୍ୱାରା ଭିଟାମିନ୍ ଡି, ଭିଟାମିନ୍ ବି-୧୨, ଇଏସ୍‌ଆର୍, ସିଆର୍‌ପି ଭଳି ଇନ୍‌ଫ୍ଲେମେଟରି ମାର୍କର୍ସ ସହ ବିଭିନ୍ନ ଅଟୋଇମ୍ୟୁନ୍ ରୋଗ ସମ୍ପର୍କରେ ଜଣାପଡିଥାଏ।

**ୟୁରିନ୍ ଟେଷ୍ଟ:** ବର୍ତ୍ତମାନ ଅଳ୍ପ ବୟସରୁ ବି ଅନେକଙ୍କଠାରେ କିଡ୍‌ନୀ ଏବଂ ୟୁରିନାରୀ ଟ୍ରାକ୍ଟରେ ବିଭିନ୍ନ ସମସ୍ୟା ଦେଖାଯାଉଛି। ତେଣୁ ୟୁରିନ୍ ଟେଷ୍ଟ କରାଇନେବା ବି ଜରୁରୀ।





## ସୁସ୍ଥ ରହିବା ଲାଗି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ



ସାଧାରଣତଃ ଯୁବାବସ୍ଥାରେ କୌଣସି ରୋଗର ଲକ୍ଷଣ ଦେଖାଦେବା ପରେ ଅବା ଏହା ଜଟିଳ ରୂପ ନେଲେ ହିଁ ଅନେକେ ଡାକ୍ତରଖାନା ଯାଇଥାଆନ୍ତି। କାରଣ ବୟସ ଅଧିକ ହେବା ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ବୋଲି ସଭିଙ୍କ ମନରେ ଧାରଣା ରହିଆସିଛି। ହେଲେ ବର୍ତ୍ତମାନର ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଶାରୀରିକ ପରିଶ୍ରମର ଅଭାବ, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ର ବହୁଳ ବ୍ୟବହାର ଭଳି ପରିବର୍ତ୍ତିତ ଜୀବନଶୈଳୀ ଯୋଗୁ ଯୁବାବସ୍ଥାରେ ବି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। କେତେକଙ୍କ କ୍ଷେତ୍ରରେ କୌଣସି ପୂର୍ବ ଲକ୍ଷଣ ନ ଥାଇ ମଧ୍ୟ ହଠାତ୍ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ଯାହାକୁ ଚିକିତ୍ସା ଦ୍ୱାରା ଠିକ୍ କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ତେଣୁ ସୁସ୍ଥ ରହିବା ଲାଗି ଖାଦ୍ୟପେୟ ଠିକ୍ ରଖିବା, ଯୋଗବ୍ୟାୟାମ ଆଦି କରିବା ସହ ମଝିରେ ମଝିରେ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଦରକାର। ନିୟମିତ ସମୟ ଅନ୍ତରାଳରେ ଓଜନ ମାପିବା ବା ୱେଟ୍ ମନିଟରିଂ କରିବା ଦରକାର। ବ୍ଲଡ୍ ଟେଷ୍ଟ କରି ହିମୋଗ୍ଲୋବିନ୍, ଥାଇରଏଡ୍, ସୁଗାର୍ (ବିଶେଷ କରି ଫାଷ୍ଟିଙ୍ଗ୍) ଆଦି ମାପିବା ଦ୍ୱାରା ଏସବୁର ପରିମାଣ ନିୟନ୍ତ୍ରଣରେ ରଖିବା ସହଜ ହୋଇଥାଏ। ତା'ଛଡ଼ା ଏବେ ଯୁବାବସ୍ଥାରେ ହାଇପରଟେନ୍‌ଶନ୍ ସମସ୍ୟା ବି ଦେଖାଯାଉଛି, ତେଣୁ ବ୍ଲଡ୍‌ପ୍ରେସର ବି ଚେକ୍ କରିବା ଆବଶ୍ୟକ। ଏହା ବ୍ୟତୀତ ବର୍ଷରେ ଥରେ ୟୁରିନ୍ ଟେଷ୍ଟ କରିବା ସହ ଭିଜନ୍ ଏବଂ ହିଅରିଂ ଟେଷ୍ଟ ବି କରେଇନେବା ଭଲ। ଆଜିକାଲି କେତେକ ଯୁବତୀଙ୍କଠାରେ ପଲିସିଷ୍ଟିକ୍ ଓଭାରିଆନ୍ ସିଣ୍ଡ୍ରୋମ (ପିସିଓଏସ୍) ଭଳି ସମସ୍ୟା ଦେଖିବାକୁ ମିଳୁଛି, ଯାହାକି ଯଥା ସମୟରେ ଚିକିତ୍ସା କରାଯାଇ ନ ପାରିଲେ ଗମ୍ଭୀର ସମସ୍ୟାର ରୂପ ନେଉଛି। ତେଣୁ ମଝିରେ ମଝିରେ ଏଥିପାଇଁ ମଧ୍ୟ ପରୀକ୍ଷା କରାଇନେବା ଭଲ। ବିଶେଷକରି ଅନିୟମିତ ଋତୁସ୍ରାବ ଏବଂ ଏହା ସମ୍ବନ୍ଧିତ କୌଣସି ସମସ୍ୟା ଭୋଗୁଥିବା ଯୁବତୀମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ବିଭିନ୍ନ ପରୀକ୍ଷା କରାଇନେବା ଜରୁରୀ।

*– **ଡା. ରାମଚନ୍ଦ୍ର ରାଉତ**, ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା*

---

**ୟୁଥ୍ ଆଲର୍ଟ**

# ପଢ଼ା ପାଇଁ ଲାପ୍‌ଟପ୍ କିଣୁଥିଲେ...

**ଲାପ୍‌ଟପ୍ ବର୍ତ୍ତମାନ ଅନେକ ଛାତ୍ରୀଛାତ୍ରଙ୍କ ପାଠପଢ଼ାର ଅଭିନ୍ନ ଅଂଶ ପାଲଟିଗଲାଣି। ଯାହାକୁ ଆଖିଆଗରେ ରଖି ଅନେକ କମ୍ପାନି ବିଭିନ୍ନ ଫିଚର୍ସଥିବା ଲାପଟପ୍ ପ୍ରସ୍ତୁତ କରୁଛନ୍ତି, ଯାହାର ଦାମ୍ ମଧ୍ୟ ଭିନ୍ନ ଭିନ୍ନ ରହୁଛି। ଏମିତିରେ ଠିକ୍ ଦାମ୍ ଭିତରେ କେଉଁଭଳି ଲାପ୍‌ଟପ୍ କିଣିଲେ ପଢ଼ାପାଇଁ ଠିକ୍ ହେବ ଭାବୁଛନ୍ତି ତେବେ ଜାଣିରଖନ୍ତୁ କେତୋଟି କଥା...**



**ବଜେଟ:** ବିଦ୍ୟାର୍ଥୀଙ୍କ ପାଇଁ ଲାପ୍‌ଟପ୍ ବର୍ତ୍ତମାନ କେବଳ ଏକ ଗ୍ୟାଜେଟ୍ ନୁହେଁ, ପଢ଼ା ପାଇଁ ଏକ ଆବଶ୍ୟକ ସାମଗ୍ରୀ ପାଲଟିଗଲାଣି। ତେଣୁ ଲାପଟପ୍ କିଣିବା ପୂର୍ବରୁ ପ୍ରଥମେ ବଜେଟ ଅର୍ଥାତ୍ ଆପଣ କେତେ ଟଙ୍କା ଭିତରେ କିଣିବେ ଏବଂ ସେଥିରେ ଆପଣଙ୍କୁ ପଢ଼ା ପାଇଁ କେଉଁସବୁ ଫିଚର୍ସ ଦରକାର ନିର୍ଦ୍ଧାରଣ କରନ୍ତୁ। ଏଥିପାଇଁ ବଜେଟ ଭିତରେ ଆସୁଥିବା ବିଭିନ୍ନ କମ୍ପାନିର ଲାପ୍‌ଟପ୍‌ର ଫିଚର୍ସ ଦେଖିବାପରେ ବେଷ୍ଟ ଅପ୍ସନକୁ ସିଲେକ୍ଟ କରନ୍ତୁ। କୋର୍ସରେ ନିହାତି ଆବଶ୍ୟକ ହେଲେ ଅଧିକ ଦାମୀ ପ୍ରିମିୟମ ଲାପ୍‌ଟପ୍ କିଣନ୍ତୁ ନଚେତ୍, ବିଦ୍ୟାର୍ଥୀଙ୍କ ପାଇଁ ୩୫ରୁ ୭୦ ହଜାର ହେଉଛି ଠିକ୍ ରେଞ୍ଜ। ତେବେ କେଉଁ ଲାପ୍‌ଟପ୍ କିଣିବା, ଠିକ୍ ଜାଣିବା ଲାଗି କୌଣସି କମ୍ପ୍ୟୁଟର ପ୍ରଫେଶନାଲ୍ ବା ଏକ୍ସପର୍ଟଙ୍କ ପରାମର୍ଶ ବି ନେଇପାରିବେ।

**ଓଜନ ଏବଂ ଆକାର:** ଓଜନ ଏବଂ ଆକାର ବି ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଛାତ୍ରୀଛାତ୍ରମାନଙ୍କୁ ଏହାକୁ କଲେଜ୍, ଟ୍ୟୁଶନ୍, କୋଚିଂ ସେଣ୍ଟର ଆଦି ସ୍ଥାନକୁ କ୍ୟାରି କରିବାକୁ ପଡ଼ିଥାଏ। ତେଣୁ ଏହାର ଓଜନ ଯେପରି ୧.୨୫ରୁ ୧.୭୫ କିଲୋଗ୍ରାମ୍ ମଧ୍ୟରେ ଏବଂ ସ୍କ୍ରିନ୍ ସାଇଜ୍ ୧୩-୧୪ ଇଞ୍ଚ ହୋଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**ବ୍ୟାଟେରି ଲାଇଫ୍:** ବିଦ୍ୟାର୍ଥୀଙ୍କ ପାଇଁ ଅଧିକ ବ୍ୟାଟେରି ଲାଇଫ୍ ଥିବା ଲାପ୍‌ଟପ୍ ନିହାତି ଆବଶ୍ୟକ। କାରଣ ଅଧିକ ସମୟ ବ୍ୟବହାର ଯୋଗୁ ବ୍ୟାଟେରି ଶୀଘ୍ର ସରିଥାଏ। ତେଣୁ ଅତିକମ୍‌ରେ ୮-୧୦ ଘଣ୍ଟା ବ୍ୟାଟେରି ଚାର୍ଜ ରଖୁଥିବା ଭଳି ଅର୍ଥାତ୍ ୫୦ୱାଟ୍ ଆୱାର୍ କିମ୍ବା ତା'ଠୁ ଅଧିକ ଲାପ୍‌ଟପ୍ କିଣନ୍ତୁ।

**ସ୍କ୍ରିନ୍ କ୍ୱାଲିଟି:** ଲମ୍ବା ସମୟ ପଢ଼ିବା ଲାଗି ଫୁଲ୍ ଏଚ୍‌ଡି (୧୯୨୦X୧୦୮୦) ରିଜୋଲ୍ୟୁଶନ୍ ଥିବା ସ୍କ୍ରିନ୍ ସବୁଠୁ ଭଲ। ଏହା ସ୍ୱଷ୍ଟ ଏବଂ ଆଖିପାଇଁ ଅପେକ୍ଷାକୃତ ଆରାମଦାୟକ। ଅତ୍ୟଧିକ ହାଇରିଜୋଲ୍ୟୁଶନ୍ ଡିସ୍‌ପ୍ଲେ ମଧ୍ୟ ଠିକ୍ ନୁହେଁ, କାରଣ ତାହା ଶୀଘ୍ର ବ୍ୟାଟେରି ଚାର୍ଜ ସାରିଥାଏ।

**ୱାଇଫାଇ କନେକ୍ଟିଭିଟି:** କ୍ୟାମ୍ପସ୍‌ରେ ଭଲ କନେକ୍ଟିଭିଟି ପାଇଁ ୱାଇଫାଇ-୬, ୬ଇ କିମ୍ବା ୭ ସପୋର୍ଟଯୁକ୍ତ ଲାପଟପ୍ ବାଛନ୍ତୁ। କାରଣ ଏହା ଭିତରେ ବି ହାଇସ୍ପିଡ୍ ନେଟ୍‌ୱର୍କ ଦେଇଥାଏ, ଯଦ୍ୱାରା ଅନ୍‌ଲାଇନ୍ କ୍ଲାସ୍ ହେଉ ଅବା କୌଣସି ଫାଇଲ୍, ଡକ୍ୟୁମେଣ୍ଟ ଅପ୍‌ଲୋଡ୍, ଡାଉନ୍‌ଲୋଡ୍ ଆଦି ବେଳେ ସ୍ଲୋ ହୋଇ ନ ଥାଏ।



## ଏ ସପ୍ତାହର ପ୍ରଶ୍ନ ?

୧- କୌଶଲ୍ୟା ଡ୍ୟାମ୍ ................ ରାଜ୍ୟରେ ଅବସ୍ଥିତ ?
୨- ପ୍ରଥମ ଇଣ୍ଟରନ୍ୟାଶନାଲ୍ ପଲି କନ୍‌ଫରେନ୍ସ ............. ଠାରେ ଆୟୋଜିତ ହୋଇଥିଲା ?
୩- ମହାତ୍ମା ଗାନ୍ଧୀ ପ୍ରଥମଥର ............ ମସିହାରେ ଓଡ଼ିଶା ଆସିଥିଲେ ?
୪- ଓଡ଼ିଶାରେ ଥିବା କ୍ଷୁଦ୍ରତମ ଜାତୀୟ ରାଜପଥ ............ ?
୫- ଆଦି ଗୌରବ ସମ୍ମାନ ........... ରାଜ୍ୟରେ ଦିଆଯାଏ ?

## ଗତ ଥରର ଉତ୍ତର

୧ ଇଣ୍ଟରନ୍ୟାଶନାଲ୍ ବିଗ୍ କ୍ୟାଟ୍ ଆଲିଆନ
୨ ମିନିଷ୍ଟ୍ରି ଅଫ୍ ଇନ୍‌ଫର୍ମେଶନ୍ ଆଣ୍ଡ ବ୍ରଡ୍‌କାଷ୍ଟିଂ
୩ ତ୍ରିପୁରା
୪ ମିନିଷ୍ଟ୍ରି ଅଫ୍ ହାଉସିଂ ଆଣ୍ଡ ଅର୍ବାନ୍ ଆଫାୟାର୍ସ
୫ ହିମାଚଳପ୍ରଦେଶ

## ଉତ୍ତର ଦାତା



ଖଗେନ ଗୁଡ୍ଡୁ, ଯାଜପୁର



ରୁପାଲୀ ମଲ୍ଲିକ, କେନ୍ଦ୍ରାପଡ଼ା



ଭାଗୀରଥି ଗୁଡ୍ଡୁ, କେନ୍ଦୁଝର

## ଟପ୍ ଟେନ୍ ୧୦

### ପୃଥିବୀର ଦୀର୍ଘତମ ମେଟ୍ରୋ

୧. ସାଙ୍ଘାଇ ମେଟ୍ରୋ(ଚାଇନା)................................ ୮୩୧ କି.ମି.
୨. ବେଜିଂ ସବ୍‌ୱେ (ଚାଇନା) ................................ ୮୭୯ କି.ମି.
୩. ଗୁଆଙ୍ଗଝୌ ମେଟ୍ରୋ (ଚାଇନା) ..................... ୬୨୧.୦୫ କି.ମି.
୪. ଶେନ୍‌ଝେନ୍ ମେଟ୍ରୋ (ଚାଇନା) ...................... ୫୯୫.୧ କି.ମି.
୫. ଉହାନ୍ ମେଟ୍ରୋ (ଚାଇନା) ......................... ୪୮୬.୩ କି.ମି.
୬. ଲଣ୍ଡନ ଅଣ୍ଡରଗ୍ରାଉଣ୍ଡ(ୟୁକେ) ............................ ୪୦୨ କି.ମି.
୭. ନ୍ୟୁୟର୍କ ସିଟି ସବ୍‌ୱେ (ୟୁଏସ୍‌ଏ) ........................ ୩୯୯ କି.ମି.
୮. ଦିଲ୍ଲୀ ମେଟ୍ରୋ (ଭାରତ)................................ ୩୯୩ କି.ମି.
୯. ଚେଙ୍ଗଡୁ ମେଟ୍ରୋ(ଚାଇନା) ................................ ୬୦୦ କି.ମି.
୧୦. ମସ୍କୋ ମେଟ୍ରୋ(ରୁଷିଆ) ................................ ୪୪୯ କି.ମି.

**ଜାଣନ୍ତୁ ଦୁନିଆ**

## ରେନ୍‌ବୋ ୟୁକାଲିପଟ୍‌ସ...



**ୟୁକାଲିପଟ୍‌ସ ବା ନୀଳଗିରି ଗଛ ପ୍ରାୟ ସମସ୍ତେ ଦେଖିଥିବେ। ହେଲେ ଭାବିଲେ ରାସ୍ତାକଡ଼ରେ ଯିବା ବେଳେ ଯଦି ରେନ୍‌ବୋ ବା ଇନ୍ଦ୍ରଧନୁ ଭଳି ରଙ୍ଗିନ୍ ୟୁକାଲିପଟ୍‌ସ୍ ଗଛ ଦେଖନ୍ତି, ତେବେ କ'ଣ ଭାବିବେ। ନିଶ୍ଚିତ ଭାବେ ମନରେ ଆସିବ ବୋଧହୁଏ କେହି ଏହାକୁ ଏପରି ରଙ୍ଗ କରିଛନ୍ତି। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ବାସ୍ତବରେ ଏଭଳି ଗଛ ଫିଲିପାଇନ୍ସ, ଇଣ୍ଡୋନେସିଆ, ଟାଇମର୍ ଲେସ୍ତେ ଏବଂ ପପୁଆ ନ୍ୟୁଗିନିରେ ଦେଖିବାକୁ ମିଳେ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ ...**

★ଏହି ୟୁକାଲିପଟ୍‌ସ ପ୍ରଜାତିର ନାମ ହେଉଛି ୟୁକାଲିପଟ୍‌ସ ଡେଗ୍ଲୁପ୍ଟା। ଏହି ଗଛକୁ ରେନ୍‌ବୋ ୟୁକାଲିପଟ୍‌ସ, ମିଣ୍ଡାନାଓ ଗମ୍ କିମ୍ବା ରେନ୍‌ବୋ ଗମ୍ ଗଛ ବି କୁହାଯାଏ। ଏହି ପ୍ରଜାତିର ଗଛ ମୁଖ୍ୟତଃ ଦକ୍ଷିଣ-ପୂର୍ବ ଏସିଆରେ ଦେଖିବାକୁ ମିଳିଥାଏ।

★ଏହାର ମଲ୍ଟିକଲର ବା ରଙ୍ଗିନ୍ ଛାଲି ପାଇଁ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ। ଏହା ପ୍ରଥମେ ନିଅନ୍ ଗ୍ରୀନ୍ କଲର ଦେଖାଯାଇଥାଏ। ପରେ ଧୀରେ ଧୀରେ ତାହା ପରିବର୍ତ୍ତିତ ହୋଇ ବ୍ଲୁ, ପର୍ପଲ୍, ଅରେଞ୍ଜ ଏବଂ ଶେଷରେ ବ୍ରାଉନ୍ କଲର ଦେଖାଯାଇଥାଏ।

★ଏହି ଗଛ ପୃଥିବୀର ସବୁଠୁ ଶୀଘ୍ର ବଢୁଥିବା ଗଛ ମଧ୍ୟରେ ଗୋଟିଏ, ଯାହାର ଉଚ୍ଚତା ୧୯୭ ଫୁଟ୍‌ରୁ ୨୫୬ ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ। ଏହି ଗଛ ବର୍ଷକରେ ପ୍ରାୟ ୧୦ରୁ ୧୫ ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ।

★ଉକ୍ତ ଗଛର କାଠ ପପ୍‌ଉଡ୍ ପ୍ରଡକ୍ସନ ପାଇଁ କଟାଯାଇଥାଏ, ଯାହାକି ପେପର୍ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଇଥାଏ।

★ଏହାର ପତ୍ରକୁ ଛେଚିଲେ ବା ଚକଟିଲେ ଏକ ପ୍ରକାର ସୁଗନ୍ଧିତ ତେଲ ବାହାରିଥାଏ। ହେଲେ ଅନ୍ୟ ୟୁକାଲିପଟ୍‌ସ ପ୍ରଜାତି ଗଛର ତେଲ ଭଳି ଏହା ବିକ୍ରି ହୋଇ ନ ଥାଏ।

★ଏହାର ଛାଲି ଏବଂ ପତ୍ରକୁ ଉଲ୍, ସିଲ୍କ ଭଳି କପଡ଼ାରେ ପ୍ରାକୃତିକ ଲାଲ୍, ଅମ୍ବର, ଗୋଲ୍ଡେନ୍ ରଙ୍ଗ ଦେବା ପାଇଁ ବ୍ୟବହାର କରାଯାଇଥାଏ।

★ଆଶ୍ଚର୍ଯ୍ୟଜନକ କଥା ହେଉଛି, ଧୀରେ ଧୀରେ ଗଛ ବଡ଼ ହେବା ସହିତ ଏହାର ପୁରୁଣା ଡାଳଗୁଡ଼ିକ ଝଡ଼ିଯାଏ। ଏଥିପାଇଁ ମଣିଷଙ୍କୁ ଗଛ ଝାଡ଼ିବାକୁ ପଡି ନ ଥାଏ।



# ଫାଇନାଲରେ ଭାରତ

**ଏସିଆ କପ୍ ପୁରୁଷ ହକି**

ରାଜଗିର, ୬।୯

ଭାରତ ଚଳିତ ଏସିଆ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ଅନ୍ତିମ ସୁପର-୪ ମ୍ୟାଚରେ ଭାରତ ୭-୦ ଗୋଲରେ ଚାଇନାକୁ ପରାସ୍ତ କରିଛି। ଫଳରେ ଭାରତ ଓ ଦକ୍ଷିଣ କୋରିଆ ଫାଇନାଲ ଖେଳିବା ନିଶ୍ଚିତ ହୋଇଛି। ରବିବାର ଫାଇନାଲ ଅନୁଷ୍ଠିତ ହେବ। ଦକ୍ଷିଣ କୋରିଆ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ୧୯୯୪, ୧୯୯୯, ୨୦୦୯, ୨୦୧୩ ଓ ୨୦୨୨ରେ ସର୍ବାଧିକ ୫ ଥର ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ଅନ୍ୟପକ୍ଷରେ ଭାରତ ୨୦୦୩, ୨୦୦୭ ଓ ୨୦୧୭ରେ ଟାଇଟଲ ହାସଲ କରିଛି। ଏଥର ଯଦି ଚାମ୍ପିୟନ ହୁଏ ତେବେ ଏଫ୍ଆଇଏଚ୍ ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଚାଇନା ବିପକ୍ଷରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୪ର୍ଥ ମିନିଟରେ ଓଡ଼ିଶାର ଶୀଲାନନ୍ଦ ଲାକ୍ରା ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଏହାପରେ ଦିଲପ୍ରୀତ ସିଂ ୭ମ, ମନଦୀପ ସିଂ ୧୮, ରାଜ କୁମାର ପାଲ ୩୭, ସୁଖଜିତ ସିଂ ୩୯ତମ ମିନିଟରେ ଗୋଟିଏ ଲେଖାଏ ଏବଂ ଅଭିଷେକ ୪୬ ଓ ୫୦ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଅନ୍ୟଏକ ଏକ ସୁପର-୪ ମ୍ୟାଚରେ ଦକ୍ଷିଣ କୋରିଆ ୪-୩ ଗୋଲରେ ମାଲେସିଆକୁ ହରାଇ ଦେଇଛି। ଫଳରେ ଏହି ଦଳ ୩ ମ୍ୟାଚରୁ ୪ ପଏଣ୍ଟ ସହିତ ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଚାଇନା ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ଅଭିଯାନ ଶେଷ କରିଛି। ମାଲେସିଆ ଓ ଚାଇନା ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଅନୁଷ୍ଠିତ ହେବ।




ପୁରୀରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ ସମ୍ପର୍କରେ ସୂଚନା ଦେଉଛନ୍ତି।

# ସର୍ବଭାରତୀୟ ଟି୧୦ ଟେନିସ ବଲ କ୍ରିକେଟ ୧୧ରୁ

ପୁରୀ ୬।୯ (ଅଜିତ୍ କୁମାର ମହାନ୍ତି)

ଟି୧୦ ଟେନିସ୍ ବଲ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ (ଟିବିସିଏଆଇ) ଆନୁକୂଲ୍ୟରେ ଓଡ଼ିଶା ଟି୧୦ ଟେନିସ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ ସହଯୋଗରେ ତୃତୀୟ ସର୍ବଭାରତୀୟ ଟେନିସ ବଲ କ୍ରିକେଟ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ଚଳିତ ମାସ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏନେଇ ଶନିବାର ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଷ୍ଟାଡିୟମ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ବ୍ରଜ କିଶୋର ଦାଶ, କ୍ରୀଡ଼ା ସମ୍ପାଦକ ଶିବାନୀ ପ୍ରସାଦ ଦାସମହାପାତ୍ର, ପ୍ରଦୀପ ମହାପାତ୍ର ଏବଂ ଆଡ୍‌ଭାଇଜର ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଆୟୋଜନ ହେବାକୁ ଯାଉଛି ବୋଲି ପ୍ରକାଶ କରିଛନ୍ତି। ଏହାକୁ ଶ୍ରୀଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ ଆୟୋଜନ କରୁଛି। ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟର ୨୫ଟି ପୁରୁଷ ଏବଂ ୬ଟି ମହିଳା ଦଳ ଅଂଶଗ୍ରହଣ କରିବେ। ମ୍ୟାଚ୍ ପ୍ରତ୍ୟେକ ଦିନ ସକାଳ ୮ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଆରମ୍ଭର ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୧୦ରେ ଏକ ଉଦ୍‌ଘାଟନୀ ରାଲି ଅନୁଷ୍ଠିତ ହେବ, ଯାହା ସିଂହଦ୍ୱାରଠାରୁ ବାହାରି ବଗଲା ଧର୍ମଶାଳା ପର୍ଯ୍ୟନ୍ତ ହେବ। ୧୧ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୧୪ ତାରିଖ ଦିନ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ ମ୍ୟାଚ ଖେଳାଯିବ। ବିଜେତା, ଉପ-ବିଜେତା, ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ, ଶ୍ରେଷ୍ଠ ବୋଲର, ବ୍ୟାଟର ଓ ଫିଲ୍ଡରଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

ଉଦ୍‌ଯାପନୀ ଉତ୍ସବରେ ସର୍ବଭାରତୀୟ ସ୍ତରର ବିଭିନ୍ନ ପ୍ରତିଭା ଯୋଗଦାନ କରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ। ଟୁର୍ନାମେଣ୍ଟରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶକ୍ତିମନ୍ତ୍ରୀ ସମ୍ପଦ ସ୍ୱାଇଁ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀ ଲୋକ ସଭା ସଦସ୍ୟ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ ମହାନ୍ତି ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏହି ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଭାବେ ପ୍ରତ୍ୟେକ ଦିନ ଉପସ୍ଥିତ ରହିବେ ବୋଲି ସଭାପତି ଦାସମହାପାତ୍ର ସୂଚନା ଦେଇଛନ୍ତି।

**ଏସିଆ କପ୍ ମହିଳା ହକି**

# ଭାରତ-ଜାପାନ ମ୍ୟାଚ୍ ଡ୍ର




ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ହାଙ୍ଗଝୋ, ୬।୯

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟରେ ଭାରତର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ପୁଲ୍-ବି'ରେ ନିଜର ପ୍ରଥମ ମ୍ୟାଚ୍‌ରେ ୧୧-୦ ଗୋଲରେ ଥାଇଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଶନିବାର ଦ୍ୱିତୀୟ ମ୍ୟାଚରେ ଜାପାନ ବିପକ୍ଷ ମ୍ୟାଚ୍‌କୁ ୨-୨ ଗୋଲରେ ଡ୍ର ରଖିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ତେବେ ଗୋଲ ବ୍ୟବଧାନରେ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି।

ଭାରତ-ଜାପାନ ମ୍ୟାଚ୍ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧୦ମ ମିନିଟ୍‌ରେ ମୁରୋୟାମା ହିରୋକା ଏକ ଫିଲ୍ଡ ଗୋଲ ଦେଇ ଜାପାନକୁ ଅଗ୍ରଣୀ କରିଥିଲେ। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରର ଶେଷଭାଗ ପର୍ଯ୍ୟନ୍ତ ଜାପାନର ଅଗ୍ରଣୀ ବଳବତ୍ତର ରହିଥିଲା। ମାତ୍ର ପ୍ରଥମାର୍ଦ୍ଧର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୩୦ତମ ମିନିଟରେ ଋତୁଜା ଦାଦାସୋ ପିସାଲ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଆସିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମୁକାବିଲା ଜୋରଦାର ହୋଇଥିଲା। ମ୍ୟାଚ ଶେଷ ହେବାକୁ ୨ ମିନିଟ ଥିବାବେଳେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜାପାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ଫୁଜିବାୟାସି ଚିକୋ ଜାପାନକୁ ବହୁମୂଲ୍ୟ ଅଗ୍ରଣୀ ଦେଇଥିଲେ। ଚାପର ବଶବର୍ତ୍ତୀ ହୋଇଥିଲେ ମଧ୍ୟ ଭାରତୀୟ ଖେଳାଳିମାନେ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଶେଷ ମୁହୂର୍ତ୍ତରେ ସଫଳ ହୋଇଥିଲେ। ଇଞ୍ଜୁରି ଟାଇମ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ନଭନୀତ କୌର ଗୋଲରେ ପରିଣତ କରିବାରୁ ଭାରତୀୟ ଶିବିରରେ ଆନନ୍ଦର ଲହରି ଖେଳିଯାଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୮ ତାରିଖରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ଅନ୍ୟଏକ ପୁଲ୍ 'ବି' ମ୍ୟାଚରେ ଥାଇଲାଣ୍ଡ ୨-୧ ଗୋଲରେ ସିଙ୍ଗାପୁରକୁ ହରାଇ ୩ ପଏଣ୍ଟ ହାସଲ କରିଛି। ୩ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ସିଙ୍ଗାପୁର ଏଲିମିନେଟ ହୋଇଛି।

**୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ**

# ଭାରତୀୟ ଦଳରେ ଓଡ଼ିଶାର ୭ ଖେଳାଳି

ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)

ଚାଇନାର ହୋହୋଟଠାରେ ଏସିଆ ରଗ୍‌ବୀ ଏମିରେଟ୍ସ (୧୮ ବର୍ଷରୁ କମ୍ ବାଳିକା ଓ ବାଳକ) ଚାମ୍ପିୟନଶିପ୍ ଚଳିତ ମାସ ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଓଡ଼ିଶାରୁ ୩ ବାଳିକା ଓ ୪ ବାଳକ ମନୋନୀତ ହୋଇଛନ୍ତି। ବାଳିକା ଖେଳାଳିମାନେ ହେଲେ ମାମାଲି ସିଂ, ଅନିତା ମୁର୍ମୁ ଓ ରାଇମଣି ମୁର୍ମୁ। ସେହିପରି ଭାରତୀୟ ବାଳକ ଦଳରେ ଓଡ଼ିଶାର ବିଦ୍ୟାଧର ମାଝି, ଭରତ କିସାନ, ଚରଣ ହେମ୍ବ୍ରମ ଓ ଆତ୍ମା ମୁର୍ମୁ ସ୍ଥାନ ପାଇଛନ୍ତି। ଏ ସମସ୍ତ ଖେଳାଳି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ। ଭାରତୀୟ ଦଳ ୯ ତାରିଖରେ ଚାଇନା ଯିବା କାର୍ଯ୍ୟକ୍ରମ ରହିଛି। ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ଅଗଷ୍ଟ ୧ରୁ କୋଲକାତାସ୍ଥିତ ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଚାଲିଛି। ଏହା ଆସନ୍ତା ୯ ତାରିଖରେ ଶେଷ ହେବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ୟୁଏସ୍ ଓପନ**

# ସିନର-ଅଲ୍‌କାରାଜ ଫାଇନାଲ

ନ୍ୟୁୟର୍କ,୬।୯

ଟେନିସ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଶନିବାର ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଛି। ଚଳିତ ସିଜନର ଗତ ୨ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଭଳି ୟୁଏସ୍ ଓପନ ଫାଇନାଲରେ ମଧ୍ୟ ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ୱାର୍ଲ୍ଡ ନଂ-୨ କର୍ଲୋସ ଅଲ୍‌କାରାଜ ମୁହାଁମୁହିଁ ହେବେ। ଟେନିସ ଇତିହାସରେ ପ୍ରଥମ ଥର ପାଇଁ ଦୁଇ ଖେଳାଳି ଲଗାତର ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ସର୍ବିଆର ଟେନିସ ଲିଜେଣ୍ଡ ନୋଭାକ୍ ଜୋକୋଭିଚ୍‌ଙ୍କର ରେକର୍ଡ ୨୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାତେଇବାର ଅପେକ୍ଷା ଜାରି ରହିଛି।

ଶନିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ସିନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ ୨୫ତମ ସିଡ୍ ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସିନର ଲଗାତର ଦ୍ୱିତୀୟ ଥର ପାଇଁ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ସେ ଟ୍ରଫି ଉଠାଇବାକୁ ସକ୍ଷମ ହେଲେ, ତେବେ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଟାଇଟଲ ବଜାୟ ରଖିବେ। ଫେଡେରର ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ଲଗାତର ୫ ଥର ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ୨୦୨୨ ସଂସ୍କରଣର ଚାମ୍ପିୟନ ଅଲ୍‌କାରାଜ ୬-୪, ୭-୬(୭/୪), ୬-୨ ସିଧାସଳଖ ସେଟ୍‌ରେ ୪ ଥରର ୟୁଏସ୍ ଓପନ ଚାମ୍ପିୟନ ଜୋକୋଭିଚ୍‌ଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୫ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୨୨ ବର୍ଷୀୟ ଅଲ୍‌କାରାଜ କ୍ୟାରିୟରର ସପ୍ତମ ଥର ପାଇଁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।



ଜାନିକ ସିନର

# ପାରା ଟେବୁଲ ଟେନିସ: ଉଦୟ ରନରଅପ

ଭୁବନେଶ୍ୱର, ୬।୯ (ତପନ ସ୍ୱାଇଁ)

ଇନ୍ଦୋରରେ ଆୟୋଜିତ ଜାତୀୟ ପାରା ରାଙ୍କିଙ୍ଗ ଟେବୁଲ ଟେନିସ ପ୍ରତିଯୋଗିତାରେ ଓଡ଼ିଶାର ଉଦୟ କୁମାର ରାଉତ ରନରଅପ୍ ହୋଇଛନ୍ତି। କ୍ଲାସ-୬ ବର୍ଗରେ ଉଦୟ ଭଲ ପ୍ରଦର୍ଶନ କରିଥିଲେ। ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ସେ ବିହାରର ବିବେକାନନ୍ଦ ସିଂଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ପର୍ଯ୍ୟାୟରେ ଉତ୍ତରାଖଣ୍ଡର ପ୍ରମୋଦ କୁମାରଙ୍କଠାରୁ ହାରି ଯାଇଥିଲେ। ଗୁଜରାଟର ଗାନ୍ଧୀନଗରରେ ଥିବା ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରକାଶଯୋଗ୍ୟ, ପ୍ରତିଯୋଗିତାରେ ଉଦୟଙ୍କୁ ମିଶାଇ ମୋଟ ୩ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ୟ ୨ ଖେଳାଳି ହେଲେ ସୁଭଦ୍ରା ଦାସ ଓ କାମିନୀ ନାୟକ। ଏହି ସଫଳତା ପାଇଁ ଉଦୟଙ୍କୁ ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାର ପାରା କ୍ରୀଡ଼ାବିତ୍‌ମାନେ ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରୁଛନ୍ତି, ଯାହା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ସୁନୀଲ ପ୍ରକାଶ କରିଛନ୍ତି।



ଉଦୟ କୁମାର ରାଉତ

# ଶ୍ରେୟସ ଭାରତ ଏ' ଦଳର ଅଧିନାୟକ

**ନୂଆଦିଲ୍ଲୀ,୬।୯(ପି.ଟି.):** ଆଗାମୀ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ଶ୍ରେୟସ ଆୟାର ଅଷ୍ଟ୍ରେଲିଆ ଏ' ବିପକ୍ଷରେ ହେବାକୁ ଥିବା ଦୁଇଟି ବହୁ ଦିନିଆ ମ୍ୟାଚ୍‌ରେ ଭାରତ ଏ' ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ୧୬ ତାରିଖଠାରୁ ଲକ୍ଷ୍ନୌରେ ଆରମ୍ଭ ହେବ।

**ଭାରତ ଏ' ଦଳ:** ଶ୍ରେୟସ ଆୟାର (ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ୍ ଜଗଦୀଶନ (ଉଇକେଟକିପର), ସାଇ ସୁଦର୍ଶନ, ଧ୍ରୁବ ଜୁରେଲ (ଉପ ଅଧିନାୟକ ଓ ଉଇକେଟକିପର), ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଗୁର୍ନୁର ବ୍ରାର, ଖଲିଲ ଅହମ୍ମଦ, ମାନବ ସୁଥାର ଓ ଯଶ ଠାକୁର।






# 'ଦି ଫାଇନାଲ ରେପ୍' ଉନ୍ମୋଚିତ



ଉନ୍ମୋଚନ ଅବସରରେ ଶ୍ରୀକୁମାର ବ୍ରହ୍ମା ଓ ନିଶିତ ନାଗପାଲ।

**୧୨ରୁ ରିଆଲିଟି ଶୋ' ଅଡିଶନ**

ଭୁବନେଶ୍ୱର, ୬।୯(ଅନାଦି କର)

ଦେଶରେ ପ୍ରଥମ ଥର ପାଇଁ ଫିଟ୍‌ନେସ ଉପରେ ଆଧାରିତ ରିଆଲିଟି ଶୋ 'ଦି ଫାଇନାଲ ରେପ୍' ଶନିବାର ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉନ୍ମୋଚିତ ହୋଇଯାଇଛି। ଏହାର ପ୍ରଥମ ଅଡିଶନ ଆସନ୍ତା ୧୨ ତାରିଖରୁ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଆରମ୍ଭ ହେବ। ଆଗାମୀ ୩ ଦିନ ଧରି ହେବାକୁ ଯାଉଥିବା ଏହି ଅଡିଶନ ପ୍ରକ୍ରିୟାର ପ୍ରଥମ ଦୁଇ ଦିନ ଉତ୍କଳ କରାଟେ ସ୍କୁଲରେ ଓ ତୃତୀୟ ତଥା ଅନ୍ତିମ ଦିନ କିଟ୍‌ରେ ଅନୁଷ୍ଠିତ ହେବ। ଏବେ ଅଡିଶନ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଏହି ଅଡିଶନରେ ହରିପ୍ରସାଦ ପଟ୍ଟନାୟକ ବିଚାରପତି ଦାୟିତ୍ୱ ତୁଲାଇବେ। ଭୁବନେଶ୍ୱର ଭଳି ଦେଶର ବିଭିନ୍ନ ସହରରେ ଏହାର ଅଡିଶନ ହେବାକୁ ଥିବା ବେଳେ ଫାଇନାଲ ମୁମ୍ବାଇରେ ଅନୁଷ୍ଠିତ ହେବ। ଏହି ରିଆଲିଟି ଶୋ'କୁ ରିଲ୍ସ ଭଳି ଛୋଟ ଛୋଟ ଭିଡିଓ ଆକାରରେ ପ୍ରସାରିତ କରାଯିବ। ଭାରତୀୟ ଫିଟ୍‌ନେସର ନୂଆ ଚେହେରା ଖୋଜିବା ଏହି ରିଆଲିଟି ଶୋ'ର ଉଦ୍ଦେଶ୍ୟ ବୋଲି ଖବରଦାତା ସମ୍ମିଳନୀରେ ଯୋଗଦେଇ ନିଶିତ ନାଗପାଲ ଓ ଓଡ଼ିଶାର ଫିଟ୍‌ନେସ ଆଇକନ୍ ଶ୍ରୀକୁମାର ବ୍ରହ୍ମା ସୂଚନା ଦେଇଛନ୍ତି।

ଏହି ଶୋ'ରେ ବିଭିନ୍ନ ବୟସ ବର୍ଗ ଯଥା ୮, ୧୦, ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ଓ ୧୮ ବର୍ଷରୁ ଅଧିକ ବର୍ଗର ଉଭୟ ମହିଳା ଓ ପୁରୁଷ ବିଭାଗରେ ଏବଂ ବିଭିନ୍ନ କାଟେଗୋରୀରେ ପ୍ରତିଯୋଗିତା ହେବ। ଏଥିରେ ପାରା ଆଥ୍‌ଲେଟ୍‌ମାନେ ବି ଭାଗ ନେଇପାରିବେ। ୧୮ ବର୍ଷରୁ ଅଧିକ ବର୍ଗର ଆଥ୍‌ଲେଟ୍ ଏଜିଲିଟି ଟେଷ୍ଟ ୧୦ ମି., ପୁସଅପ୍ସ, ପୁଲଅପ୍ସ, ଡେଡ୍‌ଲିଫ୍ଟସ ଭଳି ପ୍ରତିଯୋଗିତାରେ ଭାଗ ନେବେ। ପ୍ରତ୍ୟେକ କାଟେଗୋରୀର ବିଜେତା ଆଥ୍‌ଲେଟ୍‌ଙ୍କୁ ପ୍ରମାଣପତ୍ର, ମେଡାଲ ଓ ପୁରସ୍କାର ରାଶି ଦିଆଯିବ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ